
ଦେବଜିତ୍ ସାଇକିଆ ବିସିସିଆଇ ନୂଆ ସମ୍ପାଦକ
ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 290 | ଭାଗ ୩୨ | ସଂଖ୍ୟା ୨୯୦ | Bhubaneswar | Monday 13 January 2025 | Page 8 Rs. 4.00 | ଭୁବନେଶ୍ୱର ସୋମବାର ୧୩ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


### ମଥୁରା ନଗରୀରେ କଳିଙ୍ଗ ସମ୍ରାଟ

## ବରଗଡ଼ରେ ହେବ ସ୍ଥାୟୀ ରାଜମହଲ



ବରଗଡ଼,୧୨।୧ (ସଂଚାର ବ୍ୟୁରୋ): ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଘୋଷଣା କରିଛନ୍ତି ଯେ ରାଜ୍ୟ ସରକାର ବରଗଡ଼ରେ ୧୨ କୋଟି ଟଙ୍କାରୁ ଅଧିକ ବ୍ୟୟରେ ରାଜା କଂସଙ୍କ ପାଇଁ ଏକ ସ୍ଥାୟୀ ରାଜମହଲ ନିର୍ମାଣ କରିବେ। ଧନୁ ଯାତ୍ରାରେ ଯୋଗଦେବା ପାଇଁ ବରଗଡ଼ ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଥିଲେ, ଯାହାକୁ ବିଶ୍ୱର ସର୍ବବୃହତ ଖୋଲା ରଙ୍ଗମଞ୍ଚ ଭାବରେ ଦାବି କରାଯାଏ। ସେ ରାଜା କଂସଙ୍କ ଦରବାରରେ ଉପସ୍ଥିତ ହେବା ପାଇଁ ଏକ ସୁସଜ୍ଜିତ ହାତୀ ଉପରେ ଚଢ଼ି ସହର ପରିକ୍ରମା କରିଥିଲେ। ଦରବାରରୁ ଲୋକଙ୍କୁ ସମ୍ବୋଧିତ କରି ମାଝୀ କହିଥିଲେ ଯେ ତାଙ୍କ ସରକାର ଆନ୍ତର୍ଜାତୀୟ ସ୍ତରରେ ଧନୁ ଯାତ୍ରାର ପ୍ରଚାର ଏବଂ ବରଗଡ଼ର ବିକାଶ ପାଇଁ ଅନେକ ଯୋଜନା ପ୍ରସ୍ତୁତ କରିଛି।

"ଧନୁ ଯାତ୍ରାକୁ ଆମର ସମର୍ଥନ ସ୍ୱରୂପ, ସରକାର ବରଗଡ଼ରେ ୧୨.୮ କୋଟି ଟଙ୍କା ବ୍ୟୟରେ ରାଜା କଂସଙ୍କ ଏକ ସ୍ଥାୟୀ ଏବଂ ଆକର୍ଷଣୀୟ ରାଜମହଲ ନିର୍ମାଣ କରିବେ। ଏହା ଆୟୋଜକମାନଙ୍କୁ ଏହି କାର୍ଯ୍ୟକ୍ରମକୁ ଅଧିକ ଭବ୍ୟ ଏବଂ ରଙ୍ଗୀନ ଉପାୟରେ ଆୟୋଜନ କରିବାରେ ସାହାଯ୍ୟ ପୃଷ୍ଠା-୬

**ହାତୀ ପିଠିରେ ନଗର ପରିକ୍ରମା କଲେ ମୋହନ**



## ଭୁବନେଶ୍ୱର, କଟକ ଓ ପୁରୀକୁ ନେଇ ଟ୍ରାଇସିଟି





* ପୁରୀ ହେବ ବିଶ୍ୱସ୍ତରୀୟ
* ଅଧିକ ଓଭରବ୍ରିଜ୍ ନିର୍ମାଣ ହେବ
* ଟାଉନ୍ ପ୍ଲାନିଂ ସ୍କିମ୍‌କୁ ଗୁରୁତ୍ୱ

ଭୁବନେଶ୍ୱର,୧୨।୧(ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱର, ସିଲଭର ସିଟି ଓ ଆଧ୍ୟାତ୍ମିକ ରାଜଧାନୀ ଶ୍ରୀକ୍ଷେତ୍ର ପୁରୀ ପରସ୍ପର ସହ ଯୋଡ଼ି ହେବ। ପୂର୍ବରୁ ଭୁବନେଶ୍ୱର ଓ କଟକକୁ ନେଇ 'ଟ୍ୱିନ୍‌ସିଟି' କାର୍ଯ୍ୟ କରୁଥିବା ବେଳେ ଏବେ ଏଥିସହ ଶ୍ରୀକ୍ଷେତ୍ର ପୁରୀକୁ ଯୋଡ଼ାଯିବ। ରାଜ୍ୟର ଏହି ତିନି ପ୍ରମୁଖ ସହରକୁ ଯୋଡି ରାଜ୍ୟ ସରକାର 'ଟ୍ରାଇସିଟି' ପରିକଳ୍ପନା କରୁଛନ୍ତି। ଏଥିପାଇଁ ଏକାଧିକ ପ୍ରସ୍ତାବିତ ଟାଉନପ୍ଲାନିଂ ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି ଆଜି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ସମୀକ୍ଷା ଅବସରରେ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି ଯେ ସହରାଞ୍ଚଳ ଟ୍ରାଫିକ୍ ସମସ୍ୟା ଦୂର ପାଇଁ ଅଧିକ ଓଭରବ୍ରିଜ୍ ନିର୍ମାଣ କରାଯିବ । ରାଜ୍ୟ ସରକାର ଏଥିପାଇଁ ପ୍ରାରମ୍ଭିକ ଯୋଜନା ଆରମ୍ଭ କରିଛନ୍ତି । ବିଭିନ୍ନ ସ୍ଥାନରେ ରିଂରୋଡ଼ ଓ ଓଭରବ୍ରିଜ କିପରି ଓ କେମିତି ନିର୍ମାଣ କରାଯାଇପାରିବ, ସେନେଇ ମୁଖ୍ୟମନ୍ତ୍ରୀ ଦୁଇ ଥର ବୈଠକ କରି ତୁରନ୍ତ ପ୍ଲାନ ଦେବା ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇସାରିଛନ୍ତି। ଏନେଇ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ଓ ପୂର୍ତ୍ତ ବିଭାଗ ସହ ଆଲୋଚନା ମଧ୍ୟ ହୋଇଛି। ସାମ୍ପ୍ରତିକ ସମୟରେ ଦେଖାଯାଉଥିବା ଟ୍ରାଫିକ ସମସ୍ୟା ଦୂର କରିବା ସକାଶେ ପବ୍ଲିକ ଟ୍ରାନ୍ସପୋର୍ଟ ସିଷ୍ଟମକୁ ଅଧିକ ବ୍ୟାପକ କରାଯାଉଛି। ଡବଲ-ଡେକର ବସ୍ ସେବା ଆରମ୍ଭ କରାଯାଇଛି। ଖୁବଶୀଘ୍ର ଏହି 'ଟ୍ରାଇସିଟି' ବା ପୃଷ୍ଠା-୬

## ହଂସୀତାଙ୍କ ପ୍ରିୱେଡିଂ ଫଟୋ ଭାଇରାଲ



ଭୁବନେଶ୍ୱର,୧୨।୧ (ସଂଚାର ବ୍ୟୁରୋ): ୪୨୦ ବର୍ଷ ଔର ବବଲିଙ୍କ ସମ୍ପତ୍ତି ସିଲ ପାଇଁ ଚିଠି । ଚିଠି ଲେଖିଲା ଆୟକର ବିଭାଗ । ଆଇଜିଆର କୁ ଚିଠି ଲେଖିଲା ଆୟକର ବିଭାଗ। ଆୟକର ଫାଙ୍କିବା ଅଭିଯୋଗରେ ହଂସୀତା ଅଭିଲିପ୍ସା ଓ ଅନୀଲ ମହାନ୍ତିଙ୍କୁ ଘାଣ୍ଟୁଛି ଆୟକର ବିଭାଗ ।

* ସମ୍ପତ୍ତି ସିଲ ପାଇଁ ଆଇଜିଆରକୁ ଚିଠି
* ୧୧ ଜଣଙ୍କୁ ସମନ କଲା ଆୟକର ବିଭାଗ
* ମରିସସ, ଦୁବାଇରେ ଲାଗିଛି ଠକେଇ ଟଙ୍କା

ଏହାରି ଭିତରେ ୧୧ ଜଣଙ୍କୁ ସମନ ମଧ୍ୟ ହୋଇଛି। ସୋମବାର ଆଉ ୫ ବ୍ୟବସାୟୀଙ୍କୁ ମଧ୍ୟ ସମନ ହେବ। ରାତାରାତି ଜିରୋରୁ ହିରୋ ହୋଇଥିବା ଅନିଲ ମହାନ୍ତି ଏବଂ ନର୍ଲା ସମିତି ସଭ୍ୟରୁ ନୂଆ ଦିଲ୍ଲୀ ଯାଇ ହୁଲିଆ ବଦଳାଇ ହଂସିକା ଅଭିଲିପ୍ସା ଚଢୁଥିଲେ କୋଟି କୋଟି ଟଙ୍କାର କାର। କେବଳ ଏତିକି ନୁହେଁ ଆଗକୁ ବି.ଏମ. ଡବ୍ଲ୍ୟୁ,ଅଡି ଭଳି ହାଇ ଭାରିୟାନ୍ଟ କାର ଜବତ କରିବାକୁ ଚାଲିଛି ଚଢ଼ାଉ। ଏହି ଅଭ୍ୟାସଗତ ପୃଷ୍ଠା-୬

### ଫେବୃଆରୀରୁ ଆୟୁଷ୍ମାନ ଭାରତ

## ଆଜି ହେବ ଏମଓୟୁ

* ମୁଖ୍ୟମନ୍ତ୍ରୀ ଉପସ୍ଥିତିରେ ହେବ ଚୁକ୍ତି
* ଆୟୁଷ୍ମାନ ଭାରତ ସହ ଲାଗୁ ହେବ ଜିଜେଏୱାଇ

ଭୁବନେଶ୍ୱର,୧୨।୧(ସଂଚାର ବ୍ୟୁରୋ): ବହୁ ପ୍ରତୀକ୍ଷିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ-ଜନ ଆରୋଗ୍ୟ ଯୋଜନା ଖୁବଶୀଘ୍ର ଓଡିଶାରେ ଲାଗୁ ହେବ। ଆସନ୍ତାକାଲି ଏନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହେବ। ଏଥିପାଇଁ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଦିଲ୍ଲୀ ଗସ୍ତରେ ଯାଉଛନ୍ତି। ଏଥିସହିତ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଓଡ଼ିଶାର ନିଜସ୍ୱ ସ୍ୱାସ୍ଥ୍ୟ ଯୋଜନା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜିଜେଏୱାଇ) ସହିତ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଏମଓୟୁ ସ୍ୱାକ୍ଷର କରାଯିବ। ଫେବୃଆରୀରୁ ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଲାଗୁ କରାଯିବ। ଦେଶବ୍ୟାପୀ ୨୭ ହଜାର ପାନେଲଭୁକ୍ତ ଡାକ୍ତରଖାନାରୁ ସରକାରୀ ସ୍ୱାସ୍ଥ୍ୟ ବୀମା ଯୋଜନା ଅଧୀନରେ ଏହି ମାଗଣା ଚିକିତ୍ସା ସୁବିଧା ପାଇବା ପାଇଁ ପ୍ରାୟ ୩ କୋଟି ୫୦ ଲକ୍ଷ ହିତାଧିକାରୀଙ୍କୁ ଏକ ସ୍ୱତନ୍ତ୍ର କାର୍ଡ ପ୍ରଦାନ କରାଯିବ। ଆୟୁଷ୍ମାନ ଭାରତ ଯୋଜନା ଅନ୍ତର୍ଗତ ପୃଷ୍ଠା-୬

### ଗୋପାଳଙ୍କୁ ଗୋଦାନ କରିବେ ରାଷ୍ଟ୍ରପତି

ଭୁବନେଶ୍ୱର,୧୨।୧(ସଂଚାର ବ୍ୟୁରୋ): ଜାତୀୟ ଡାଏରୀ ଡେଭଲପମେଣ୍ଟ ବୋର୍ଡ ଦ୍ୱାରା ମୟୁରଭଞ୍ଜର ଗୋପାଳକଙ୍କୁ ୩ହଜାର ଗୋଦାନ କରାଯିବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପସ୍ଥିତିରେ ଏହାକୁ କାର୍ଯ୍ୟକାରୀ କରାଯିବ। ଏହି କାର୍ଯ୍ୟକ୍ରମରେ ମଧ୍ୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉପସ୍ଥିତ ରହିବେ। ଗୋପାଳକଙ୍କୁ ସ୍ୱାବଲମ୍ବୀ କରିବାକୁ ଡାଏରୀ ଡେଭଲମେଣ୍ଟ ବୋର୍ଡ଼ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

## କୁମ୍ଭମେଳାକୁ ଗଡ଼ିଲା ୪ଟି ବସ୍

### ଯାତ୍ରାରେ ଗଲେ ୪ ଜିଲ୍ଲାରୁ ୨୦୦ ଶ୍ରଦ୍ଧାଳୁ





ଭୁବନେଶ୍ୱର,୧୨।୧(ସଂଚାର ବ୍ୟୁରୋ): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲିଠାରୁ ଉତ୍ତର ପ୍ରଦେଶର ପ୍ରୟାଗରାଜଠାରେ ଆରମ୍ଭ ହୋଇଥିବା ମହାକୁମ୍ଭମେଳା ଅବସରରେ ରାଜ୍ୟର ୪ ସ୍ଥାନରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ୪ଟି ଅତ୍ୟାଧୁନିକ ବସ୍ ସେବା ଚଳାଚଳ ଆରମ୍ଭ କରିଛି। ଓଡିଶା ରାଜ୍ୟ ପରିବହନ ନିଗମର (ଓଏସ୍ଆରଟିସି) ଏହି ଅତ୍ୟାଧୁନିକ ପ୍ରିମିୟମ ବସ୍ ପୁରୀ, ସମ୍ବଲପୁର, ଭବାନୀପାଟଣା ଓ ବ୍ରହ୍ମପୁରରୁ ବାହାରି ବାରଣାସୀ ଓ ପ୍ରୟାଗରାଜ ଦେଇ ଅଯୋଧ୍ୟାରେ ପହଞ୍ଚିବ। ଆଜି ଲୋକସେବା ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭର୍ଚୁଆଲ ମୋଡ୍‌ରେ ପତାକା ଦେଖାଇ ଏହି ବସ୍ ଚଳାଚଳ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଳୁମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ତୀର୍ଥଯାତ୍ରାରେ ସେମାନେ ଅଶେଷ ପୁଣ୍ୟ ଲାଭ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ୪ଟି ବସ୍ ଚଳାଚଳ ଆରମ୍ଭ କରିଛି। ଆବଶ୍ୟକ ହେଲେ ଆହୁରି ଅଧିକ ସଂଖ୍ୟକ ବସ୍ ଚଳାଚଳ ସକାଶେ ବ୍ୟବସ୍ଥା କରାଯିବ। ପ୍ରଥମ ଥର ପାଇଁ ଅଢ଼େଇ ହଜାର କିମିରୁ ଅଧିକ ଲମ୍ବାଯାତ୍ରାର ଶୁଭାରମ୍ଭ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଶ୍ୱପ୍ରସିଦ୍ଧ ମହାକୁମ୍ଭମେଳା ଉତ୍ତରପ୍ରଦେଶରେ ଚଳିତ ବର୍ଷ ପୌଷ ପୂର୍ଣ୍ଣିମାରୁ ଆସନ୍ତା ୨୬ ତାରିଖ ମହାଶିବରାତ୍ରୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏଥିରେ ଯୋଗଦେବା ସକାଶେ ଦେଶର ବିଭିନ୍ନ ରାଜ୍ୟ ସହ ବିଦେଶରୁ ମଧ୍ୟ ଲକ୍ଷ ଲକ୍ଷ ସଂଖ୍ୟକ ଭକ୍ତ, ଶ୍ରଦ୍ଧାଳୁ ଓ ସାଧୁସନ୍ଥଙ୍କ ଏଠାରେ ପହଞ୍ଚିଥାନ୍ତି। ଏଥିରେ ଭାଗ ନେବା ସକାଶେ ଆମ ରାଜ୍ୟରୁ ମଧ୍ୟ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ପ୍ରୟାଗରାଜ ଯାଉଛନ୍ତି। ସେମାନଙ୍କ ସୁବିଧା ସକାଶେ ଆଜିଠାରୁ ଏହି ବସ୍ ସେବା ଆରମ୍ଭ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ଆଜି ପ୍ରଥମ ଦିନରେ ଓଡ଼ିଶାରୁ ୨୦୦ ଶ୍ରଦ୍ଧାଳୁ ମହାକୁମ୍ଭ ମେଳା ପାଇଁ ଯାତ୍ରା ଆରମ୍ଭ କରିଥିବା ବେଳେ ମହିଳା ଯାତ୍ରୀଙ୍କ ପାଇଁ ଟିକେଟ ମୂଲ୍ୟରେ ୫୦ ପ୍ରତିଶତ ରିହାତି ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ବସ୍‌ଗୁଡିକରେ ଯାତ୍ରୀମାନଙ୍କ ସୁରକ୍ଷା ପାଇଁ 'ଲାଇଭ୍ ଭେହିକିଲ୍ ଟ୍ରାକିଂ', ପ୍ୟାନିକ ବଟନ୍ ଏବଂ ଡ୍ରାଇଭର ଆସିଷ୍ଟାନ୍ସ ପରି ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ପୃଷ୍ଠା-୬

## ହାଇକୋର୍ଟଙ୍କ ଆଦେଶକୁ ଟକ୍କର ଦେଉଛନ୍ତି ଜମି ଦଖଲକାରୀ





* ବଡ଼ଗଡ଼ ହାଇସ୍କୁଲ ଜମିକୁ ମାଡ଼ି ବସିଛନ୍ତି
* ବିବାଦୀୟ ଜମିରେ ନିର୍ମାଣ କାର୍ଯ୍ୟ ଜାରି
* କାଠଗଡ଼ାକୁ ଟଣା ହେବେ ବାବୁ

ଭୁବନେଶ୍ୱର,୧୨।୧ (ସଂଚାର ବ୍ୟୁରୋ): ରାଜଧାନୀର ଛାତି ଉପରେ ଥିବା ବଡଗଡ ହାଇସ୍କୁଲର ଜମିକୁ ମାଡି ବସିଛନ୍ତି ଜବରଦଖଲକାରୀ। ଜବରଦଖଲ ଜମିରୁ ଉଚ୍ଛେଦ ହେବା ଭୟରେ ଏବେ ଅସଲ ଜମି ମାଲିକାଙ୍କ ନାଁରେ ନକଲି କମିଟି ଗଢି ଅଦାଲତର ଦ୍ୱାରସ୍ଥ ହେଉଛନ୍ତି । ନେତାଙ୍କ ଛତ୍ରଛାୟା ତଳେ ରହି ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବି ଅଣଦେଖା କରୁଛନ୍ତି। ତେବେ ମିଛ କମିଟି ଓ ମିଛ ମାମଲା କରିଥିବା ଲୋକଙ୍କ ସହିତ କିଛି ସରକାରୀ ବାବୁ ଖୁବ୍‌ଶୀଘ୍ର କାଠଗଡାକୁ ଟଣାହେବା ନିଶ୍ଚିତ ବୋଲି ଆଲୋଚନା ହେଉଛି ।

ଏମିତି ଘଟଣା ଦେଖିବାକୁ ମିଳିଛି ବଡଗଡ ହାଇସ୍କୁଲ ଜମିକୁ ନେଇ । ୫୦ବର୍ଷର ଏହି ଶିକ୍ଷାନୁଷ୍ଠାନ ନିର୍ମାଣ ପାଇଁ ସରକାର ଦେଇଥିଲେ ୫ ଏକର ଜମି । ହେଲେ ଅସାବଧନତା ଯୋଗୁଁ ସ୍କୁଲଟି ନିଜ ଜମି ବଦଳରେ ଗୋଟିଏ ଏକର ଘରୋଇ ଜମି ଉପରେ ଗଢି ଉଠିଲା। ଘରୋଇ ଜମିର ମାଲିକ ନିଜ ଜମି ଖଣ୍ଡକ ପାଇବାକୁ ସରକାରଙ୍କୁ ବହୁ ଅନୁରୋଧ କରି ବିଫଳ ହେବାପରେ ଓଡିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ । ଅଦାଲତ ସବୁ ଶୁଣିବା ପରେ ନିର୍ଦ୍ଦେଶ ଦେଲେ ଯେ ଜମି ମାଲିକଙ୍କୁ ତାଙ୍କ ଜମି ବଦଳରେ ଜମି କିମ୍ବା ନେଇଥିବା ଜମିର ମୂଲ୍ୟ କ୍ଷତିପୂରଣ ଆକାରରେ ଦିଆଯାଉ ।

ସାଧାରଣ ପ୍ରଶାସନ ଅଦାଲତଙ୍କ ନିର୍ଦ୍ଦେଶ ପାଇଲା ପରେ ଜମି ମାଲିକଙ୍କୁ ଜମି ଦେବାପାଇଁ ରାଜି ହୋଇଥିଲା । ତଦନୁଯାୟୀ ସ୍କୁଲ ପଛପଟେ ଥିବା ୫ଏକର ଜମିରୁ ଘରୋଇ ଜମି ମାଲିକଙ୍କୁ ତାଙ୍କର ଗୋଟିଏ ଏକର ଜମି ଦେବାପାଇଁ ଚିହ୍ନଟ ହୋଇଥିଲା । ୨୦୧୬ ମସିହାରେ ସାଧାରଣ ପ୍ରଶାସନ ଓ ରାଜସ୍ୱ ବିଭାଗର ଅଧିକାରୀମାନେ ମିଳିତ ଭାବେ ଏହି ଜମିକୁ ଚିହ୍ନଟ କରିଥିଲେ । ଚିହ୍ନଟ ଜମିଟି ଘରୋଇ ଜମି ମାଲିକଙ୍କ ପାଇଁ ସଂରକ୍ଷଣ ରହିଲା ବୋଲି ଏକ ସତ୍ୟପାଠ ମଧ୍ୟ ଓଡିଶା ହାଇକୋର୍ଟଙ୍କୁ ପ୍ରଦାନ କରିଥିଲେ ।

୨୭ବର୍ଷର ଅଦାଲତି ଲଢେଇ ପରେ ଘରୋଇ ଜମି ମାଲିକ ନିଜ ଜମି ଫେରି ପାଇବାକୁ ଯାଉଥିବାବେଳେ କିଛି ରାଜନୈତିକ ବ୍ୟକ୍ତି ଏଥିରେ କେଁ ପୂରାଇଥିଲେ । ରାତାରାତି ସ୍କୁଲ ପରିଚାଳନା କମିଟି ଗଠନ କରି ଚିହ୍ନଟ ଜମି ନଫେରାଇବାପାଇଁ ତଳ କୋର୍ଟରେ ଏକ ମାମଲା ରୁଜୁ କଲେ । ସବୁଠାରୁ କୌତୁହଳର କଥା ହେଉଛି ଯେ ଏହି ମାମଲାରେ ଯିଏ ମୁଖ୍ୟ ସାକ୍ଷୀ ରହିଛନ୍ତି ଜମି ଚିହ୍ନଟ ସମୟର ସ୍କୁଲ ପରିଚାଳନା କମିଟିର ସଦସ୍ୟ ଭାବେ ସିଏ ସରକାରୀ ଖାତାରେ ଦସ୍ତଖତ କରିଛନ୍ତି। ମାମଲା ବିଳମ୍ବ ହେଉଥିବାରୁ ଇତି ମଧ୍ୟରେ ଓଡିଶା ହାଇକୋର୍ଟ ତୁରନ୍ତ ମାମଲା ପୃଷ୍ଠା-୬

### ୮ ଯବାନଙ୍କ ହତ୍ୟାକାଣ୍ଡର ପ୍ରତିଶୋଧ

## ଏନ୍‌କାଉଣ୍ଟର୍‌ରେ ଟଳିଲେ ୩ ହାର୍ଡକୋର୍ ନକ୍ସଲ



ରାୟପୁର,୧୨।୧: ଛତିଶଗଡର ବିଜାପୁର ଜଙ୍ଗଲରେ ଏନକାଉଣ୍ଟର। ସୁରକ୍ଷାବଳ ଗୁଳିରେ ୩ ଜଣ ହାର୍ଡକୋର ନକ୍ସଲ ନିପାତ ହୋଇଛନ୍ତି। ମଢେଡ ଜିଲ୍ଲାରେ ଏହି ଅପରେସନ ଜାରି ରହିଛି। ନିହତ ୩ ନକ୍ସଲ ୟୁନିଫର୍ମରେ ଥିଲେ। ସୁରକ୍ଷାକର୍ମୀ ସେମାନଙ୍କର ମୃତଦେହ ସହ ମାରଣାସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଉଦ୍ଧାର କରିଛନ୍ତି। ଗତ ୬ ତାରିଖରେ ବିଜାପୁର ଜଙ୍ଗଲରେ ମାଓବାଦୀଙ୍କ ଆଇଇଡି ବିସ୍ଫୋରଣରେ ୮ ଜଣ ଯବାନ ସହିଦ ହୋଇଥିବା ବେଳେ ଆଜି ସୁରକ୍ଷାକର୍ମୀମାନେ ଏହାର ପ୍ରତିଶୋଧ ନେଇଛନ୍ତି ବୋଲି କୁହାଯାଉଛି। ବିଜାପୁର ଏଏସପି ଚନ୍ଦ୍ରକାନ୍ତ ଗୋବର୍ଣ୍ଣା ଗଣମାଧ୍ୟମକୁ ଏହି ଏନକାଉଣ୍ଟର୍ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଇନପୁଟ୍ ସୂଚନା ଆଧାରରେ ଅପରେସନ ଆରମ୍ଭ କରିଥିଲା ସୁରକ୍ଷା ବାହିନୀ। ବିଜାପୁର ଜିଲ୍ଲାର ବାନ୍ଦେପାରା ଜଙ୍ଗଲରେ ନକ୍ସଲଙ୍କ ଉପସ୍ଥିତି ସମ୍ପର୍କରେ ସ୍ଥାନୀୟ ପୁଲିସକୁ ଗୁଇନ୍ଦା ପକ୍ଷରୁ ସୂଚନା ମିଳିଥିଲା। ଆଜି କେନ୍ଦ୍ରୀୟ ଫୋର୍ସ ଓ ପୁଲିସର ସଶସ୍ତ୍ର ଫୋର୍ସ ଦ୍ୱାରା ଜଙ୍ଗଲରେ ମିଳିତ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା। ଆଜି ସକାଳେ ସଶସ୍ତ୍ର ନକ୍ସଲଙ୍କ ସହ ମୁହାଁମୁହିଁ ହେବା ସହ ଗୁଳି ବିନିୟମ ହୋଇଥିଲା। ଏଥିରେ ୩ ଜଣ ନକ୍ସଲ ନିପାତ ହୋଇଛନ୍ତି। ତେବେ ଅନ୍ୟ କେତେକ ନକ୍ସଲ ଜଙ୍ଗଲ ମଧ୍ୟକୁ ଖସିଯାଇଥିବା ସନ୍ଦେହରେ ତଲାସୀ ଅଭିଯାନକୁ ଅଧିକ ବ୍ୟାପକ କରାଯାଇଛି।

ସୂଚନାଯୋଗ୍ୟ ଯେ ଚଳିତବର୍ଷ ଆରମ୍ଭରୁ ଛତିଶଗଡରେ କ୍ରମାଗତ ଏନକାଉଣ୍ଟର ଜାରି ରହିଛି । ଗତ ୩ ତାରିଖରେ ଗରିଆବନ୍ଧ ଜିଲ୍ଲାରେ ଏନକାଉଣ୍ଟର ହୋଇଥିଲା। ପରେ ୪ ତାରିଖରେ ଦାନ୍ତେୱାଡାରେ ନକ୍ସଲ ଏବଂ ସୁରକ୍ଷା ବାହିନୀ ମୁହାଁମୁହିଁ ହୋଇଥିଲେ। ପରେ ୬ ତାରିଖରେ ଦୁଇଟି ଜଙ୍ଗଲରେ ମଧ୍ୟ ଏନକାଉଣ୍ଟର ହୋଇଥିଲା। ଉକ୍ତ ଦିନ ବିଜାପୁର ଜଙ୍ଗଲରେ ନକ୍ସଲ ପୃଷ୍ଠା-୬



### କାନ ଡେରିଥା

ଝିଅଟିଏ ପାଇଁ କେତେ ଦୀପ
ଜାଳି
ନାମ ଯେ ଦେଲେ ଦିପାଳୀ
ବାପା ମଲା ପରେ ଚିନ୍ତା ନାହିଁ
ହେଲା
ଝିଅ ବନିଲେ ବେପାରୀ
ନବୀନଙ୍କ ସେବା କରି...
ପାଣ୍ଡୁ ପ୍ରେମ ତାଙ୍କୁ ଘାରିଲା
ଏମିତି
ସୁରକ୍ଷିତ ହତ୍ୟାକାରୀ ।
■ ଦେବାଶିଷ

## ଶୁଭାଶିଷଙ୍କ ମୁଣ୍ଡରେ ଯୁବ ବିଜେଡି ଶିରିପା !

* ଦୌଡ଼ରେ ଚିନ୍ମୟ ଓ ଦେବୀରଞ୍ଜନ
* ବିଭିନ୍ନ ସ୍ତରରେ ଲବି ଜୋରଦାର







ଭୁବନେଶ୍ୱର,୧୨।୧(ସଂଚାର ବ୍ୟୁରୋ): ବିଜେଡି ଏବେ ତାହାର ଯୁବଶାଖାର ନେତା ବାଛିବା ପ୍ରକ୍ରିୟା ଆରମ୍ଭ କରିଥିବାବେଳେ ଖୁବ୍‌ଶୀଘ୍ର ରାଜ୍ୟ ନୂଆ ଯୁବ ବିଜେଡି ସଭାପତିଙ୍କୁ ଦେଖିବ । ପୁରୁଣା ନେତାଙ୍କୁ ବଦଳାଇ ବିଜେଡିରେ ନୂଆ ଯୁବ ସଭାପତି ଦୌଡ ଆରମ୍ଭ ହୋଇଥିବାବେଳେ ଏଥିରେ ସବୁଠାରୁ ଆଗରେ ରହିଛନ୍ତି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ। ଶୁଭାଶିଷ ଯୁବ ଚେହେରା ହୋଇଥିବାବେଳେ ରାଜ୍ୟସଭା ସାଂସଦ ଅଛନ୍ତି । ପୁରୀ ଜିଲ୍ଲା ସମେତ ସାରା ରାଜ୍ୟର ଯୁବକଙ୍କ ଉପରେ ତାଙ୍କ ପ୍ରଭାବ ଧିରେ ଧିରେ ବଢ଼ିବାରେ ଲାଗିଛି । ଶୁଭାଶିଷଙ୍କ ସବୁଠାରୁ ବଡ ପୁଞ୍ଜି ହେଲା ସିଏ ଦଳର ହାଇକମାଣ୍ଡଙ୍କର ସୁନଜରରେ ରହିଛନ୍ତି । ଯେଉଁଥିପାଇଁ ହଠାତ୍ ରାଜ୍ୟସଭାକୁ ଯିବା ତାଙ୍କ ପକ୍ଷରେ ସହଜ ହେଲା । ଶୁଭାଶିଷ ମଧ୍ୟ ଦଳ ଓ ଦଳପତିଙ୍କ ପ୍ରତି ଅତ୍ୟନ୍ତ ଅନୁରକ୍ତ । ସେହିଭଳି ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଯୁବନେତା ଚିନ୍ମୟ ସାହୁ । ଶ୍ରୀ ସାହୁ ଛାତ୍ର ରାଜୀତିରୁ ଆସିଥିବାବେଳେ ରାଜ୍ୟର ଯୁବଗୋଷ୍ଠି ଉପରେ ତାଙ୍କର ବେଶ୍ ପ୍ରଭାବ ରହିଛି । ଚିନ୍ମୟ ମଧ୍ୟ ଦଳ ପ୍ରତି ଅନୁରକ୍ତ ଥିବାବେଳେ ଦଳର କିଛି ବିଧାୟକ ଓ ବରିଷ୍ଠ ନେତା ତାଙ୍କ ସପକ୍ଷରେ ଲବି ଚଳାଇଛନ୍ତି । ଚିନ୍ମୟଙ୍କୁ ଦଳର ରାଜ୍ୟ ଯୁବ ସଭାପତି କରାଗଲେ ତାଙ୍କ ନେତୃତ୍ୱରେ ଦଳର ଯୁବ ଶକ୍ତି ଆଗକୁ ଯିବା ସହିତ ବିଜେପିକୁ ଟକ୍କର ଦେଇପାରିବ ବୋଲି ତାଙ୍କ ସପକ୍ଷରେ ଲବି କରୁଥିବା ନେତାମାନେ କହୁଛନ୍ତି ।

ଦୌଡର ତୃତୀୟ ସ୍ଥାନରେ ରହିଛନ୍ତି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ । ବିଧାୟକ ସହିତ ଛାତ୍ର ବିଜେଡି ଦାୟିତ୍ୱ ତୁଲାଉଥିବା ଦେବୀ ରଞ୍ଜନ ଦୀର୍ଘଦିନରୁ ଛାତ୍ର ରାଜନୀତି ସହିତ ଜଡିତ ରହିଛନ୍ତି । ଛାତ୍ର ସଂଗଠନ ସହିତ ଜଡିତ ଥିବାରୁ ଯୁବ ନେତୃତ୍ୱକୁ ସେ ଆଗକୁ ନେଇପାରିବେ ବୋଲି ଦଳର ଗୋଷ୍ଠି ବିଚାରୁଛନ୍ତି। ଅନ୍ୟପଟେ ଦଳ ମଧ୍ୟ ନୂଆ ଛାତ୍ର ସଭାପତି ଖୋଜିବା ଆରମ୍ଭ କରିଛି । ଗୋଟିଏ ଗୁଳିରେ ଦୁଇଟି ଶିକାର ଭଳି ଦେବୀଙ୍କୁ ସନ୍ତୁଷ୍ଟି ସହିତ ଯୁବ ବିଜେଡି ନେତାପାଇଁ ଚାଲିଥିବା ଲବିକୁ ବି ପରାହତ କରାଯାଇ ପାରିବ। ଏଥିସହିତ କଟକ ରାଜନୀତିରେ ମଧ୍ୟ ଦଳର ଦବଦବା ବଜାୟ ରଖାଯାଇପାରିବ । ଦଳର ଏହି ତିନି ଚେହେରାଙ୍କ ବାଦ୍ ଆଉ କିଛି ପ୍ରାର୍ଥୀଙ୍କ ପାଇଁ ବି ଧିରେ ଧିରେ ଲବି ବଢ଼ିବାରେ ଲାଗିଛି । ଏମାନଙ୍କ ମଧ୍ୟରେ ଦଳର ଜଣେ ଦୁଇଜଣ ଆଗଧାଡିର ନେତ୍ରୀ ରହିଛନ୍ତି । ତେବେ ବର୍ତ୍ତମାନ ନବୀନ ଓ ସନ୍ୟାସୀଙ୍କ ପାଖରେ ଥିବା ମାମଲତକାରମାନେ ନିଜ ନିଜ ଅନୁଗତଙ୍କ ପାଇଁ ଲବି ଚଳାଇଥିବାରୁ ଆଶାୟୀ ତାଲିକା ଲମ୍ବିବାରେ ଲାଗିଛି। କିଛି ଆଶାୟୀ ମଧ୍ୟ ନିଜଆଡୁ ବିଭିନ୍ନ ସ୍ତରରେ ଲବି ଚଳାଇଛନ୍ତି ।

ଦଳରେ ଏବେ ସଭ୍ୟ ସଂଗ୍ରହ ପ୍ରକ୍ରିୟା ଏକପ୍ରକାର ବାଟବଣା ହୋଇଥିବାବେଳେ ସାଂଗଠନିକ ନିର୍ବାଚନ ବି ବିଳମ୍ବ ହୋଇଗଲାଣି । ନିର୍ବାଚନ ହାରିବାପରେ ଦଳ ଏବେ ବିଭିନ୍ନ ଶାଖାକୁ ନୂଆ ରୂପ ଦେବାକୁ ସ୍ଥିର କରିଛି । ଯୁବ ସଭାପତି ଥିବା ବିଧାୟକ ବ୍ୟୋମକେଶ ରାୟ ଓ ଛାତ୍ର ବିଜେପି ସଭାପତି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ହଟାଇବାପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଥିବାରୁ ଖୁବ୍‌ଶୀଘ୍ର ଏହି ଦୁଇ ଶାଖାରେ ନୂଆ ନେତା ଚୟନ ହେବେ । ତେଣୁ ଏଥିପାଇଁ ଦଳରେ ପୃଷ୍ଠା-୬



## ଦୁରାଚାରୀ ଭଦ୍ର ଦୁଃଶାସନ

**ଏଲିନା ପାଣିଗ୍ରାହୀ**

ହେ କୃଷ୍ଣ ପୁଣି ଥରେ ନିଅ ଜନମ
କରିବାକୁ ସ୍ଥାପନା ନ୍ୟାୟର
ତୁମ ନାମ ଧାରୀ ନିର୍ଲଜ ମଣିଷ
କରିଲାଣି କେତେ ବ୍ୟଭିଚାର ।।

ଭଦ୍ରାମି ଖୋଳପା ପିନ୍ଧି ଦୁଃଶାସନ
ମନେ ତା ବିଭତ୍ସ କୂଟପଣ
ଶହ ଶହ ଦ୍ରୌପଦୀଙ୍କ ଇଜ୍ଜତକୁ
ଶବ୍ଦ ଜାଲେ କରୁଛି ହରଣ ।।

କୌରବ ସଭା ପରି ଏ ସମାଜରେ
ଚଉଦିଗେ ଅନ୍ୟାୟର ଛାୟା
ସଭିଏଁ ଏଠି ମୂକ ବଧିର ଅନ୍ଧ
ଗ୍ରାସିଛି ଚାକଚକ୍ୟର ମାୟା ।।

କେହି ରହି ନାହିଁ ରହିବେ ନାହିଁଟି
ଅନ୍ୟାୟ ଅନୀତି ପ୍ରାସାଦରେ
ସର୍ବେ ଅରଜିବେ କୁକର୍ମର ଦଣ୍ଡ
କିଛି ଏବେ କିଛି ମୃତ୍ୟୁ ପରେ ।।

ଦୁଃଶାସନ ଭାବେ ଜିତିଗଲା ବୋଲି
ଅସତ୍ୟର ନିଷ୍କ୍ରିୟ ଆଧାରେ
କରୁଅଛି ଅଭିମାନ ଅହଙ୍କାର
ଶକୁନିର ମିଥ୍ୟା ଆଶ୍ୱାସନାରେ ।।

ରେ ପାପୀ ଦୁରାଚାରୀ ତୁ ଦୁଃଶାସନ
ଅଧର୍ମର ଅବିଭାଜ୍ୟ ଅଂଶ
ଯେତେ କରିଲେ ବି ଅନନ୍ୟ ଉଦ୍ୟମ
ନିଶ୍ଚେ ନିପାତ ହେବ ତୋ ବଂଶ ।।

ଦ୍ରୌପଦୀର ଆତ୍ମା ଆକାଶକୁ ଚିରି
'ହେ କେଶବ' ବୋଲି ଆସେ ଧ୍ୱନୀ
ବିଧିର ଚକ୍ର ତୋ କରିବ ସଂହାର
ନାରୀ ଆଖିରେ ଜଳୁଛି ଅଗ୍ନୀ ।।

**ବାଲେଶ୍ୱର**



## ମକର ସଂକ୍ରାନ୍ତି

**ସନ୍ତୋଷ କୁମାର ସାହୁ**

ସଂକ୍ରାନ୍ତି ମଧ୍ୟରେ ମକର ସଂକ୍ରାନ୍ତି
ଅଟଇ ପ୍ରଧାନ ଜାଣ
ହିନ୍ଦୁମାନଙ୍କର ମହାନ ପରବେ
ରହିଅଛି ବଡ଼ପଣ...
ଏହି ସଂକ୍ରାନ୍ତିରେ ସୂର୍ଯ୍ୟଙ୍କର ଗତି
ଉତ୍ତରାୟଣ ହୋଇ
ଧନୁ ରାଶିରୁ ମକର ରାଶିକୁ
ପ୍ରବେଶ ଯେ ହୋଇଥାଇ...
ମହାରାଷ୍ଟ୍ର ଗୋଆ କର୍ଣ୍ଣାଟକ ଆନ୍ଧ୍ର
ରାଜସ୍ଥାନେ ମୁଖ୍ୟ ଭଳି
ଉତ୍ତର ଭାରତେ ପତଙ୍ଗ ଉତ୍ସବ
ଦକ୍ଷିଣେ ପଙ୍ଗଲ ପାଳି....
ମକର ଠାରୁ ଯେ ଦେବତା ମାନଙ୍କ
ଦିନ ଯେ ଆରମ୍ଭ ହୋଇ
ମାଘ ମାସ ଠାରୁ ଆରମ୍ଭ ଯେ ହୋଇ
ଆଷାଢ଼ ପର୍ଯ୍ୟନ୍ତ ଥାଇ....
ଇଚ୍ଛା ମୃତ୍ୟୁଧାରୀ ପିତାମହ ଭୀଷ୍ମ
ଏ ଦିନକୁ ଚାହିଁ ଚାହିଁ
ଶୁଭ ମୁହୂର୍ତ୍ତକୁ ଅପେକ୍ଷାରେ ଥିଲେ
ନିଜ ଦେହ ତ୍ୟାଗ ପାଇଁ....
ମାତା ଗଙ୍ଗାଙ୍କୁ ଯେ ରାଜା ଭଗିରଥି
ଏ ଧରାକୁ ଆଣିଥିଲେ
ଗଙ୍ଗା ସାଗରରେ ବୁଡ଼ ମେଳା ପର୍ବ
ଆଡ଼ମ୍ବରେ ହୁଏ ଭଲେ...
ଏହି ଦିନଠାରୁ ବସନ୍ତ ଋତୁର
ହୋଇଥାଏ ଆଗମନ
ଶୀତ କମିଯାଇ ଦିନ ବଡ଼ ହୁଏ
ରାତି ହୋଇଥାଏ ସାନ....
ମା ଲକ୍ଷ୍ମୀ ଫେରନ୍ତି ନିଜ ପିତା ଘରୁ
ମକର ଚାଉଳ ଧରି
ମୈତ୍ରୀ ବନ୍ଧୁମାନେ ମକର ବସନ୍ତି
ପୂଜା ଉପାସନା କରି...

**ଗାନ୍ଧୀ ନଗର,କୋରାପୁଟ**
**ମୋବାଇଲ୍: ୯୪୩୭୪୩୩୬୫୭**



## ରୋଗୀ ସିନା ଜାଣେ ରୋଗର ଯନ୍ତ୍ରଣା

**ଡଃ ନାରାୟଣ ଚନ୍ଦ୍ର ସେନାପତି**

ରୋଗୀ ସିନା ଜାଣେ ରୋଗର ଯନ୍ତ୍ରଣା
ଭୋଗୀ କେମିତି ଜାଣିବ
ଯାହା ପାଇଁ ଲୁହ ସାଇତା ହୋଇଛି
ହସ କିମ୍ପାଇଁ ଖୋଜିବ ।

ଆକାଶରେ ଯିଏ ଖୁସିରେ ଉଡୁଛି
ବୁଝିବକି ପାଦ କଥା
କଟୁ ବଚନରେ ଛାତିକୁ ଯେ ମାରେ
ସଦା ଦେଉଥାଏ ବ୍ୟଥା।

କ୍ଷୀରି ପୁରି ରେ ଯେ ମାତୁଥାଏ ନିତି
ଚିହ୍ନେନା ଭୋକିଲା ପେଟ
ବଡିମା ଯାହାର ବାପାଙ୍କ ଧନରେ
ଦିବା ରାତ୍ର କରେ ନାଟ।

ଅଭାବ ଯାହାକୁ ବାଟ ଛେକି ନାହିଁ
ନ ଥାଏ ଭାବ ତା ପାଶେ
ପର ଅନ୍ନେ ଯିଏ କରେ ସଂକୀର୍ତ୍ତନ
ସୁଖ ତା ପାଖେ ନ ବସେ।

ପ୍ରତାରଣା ଯିଏ କାହାଠୁ ପାଇଛି
ପ୍ରେମ କୁ ମଣେ ସେ ବିଷ
କା ଆଖିର ଲୁହ ଯାହା ପାଇଁ ପ୍ରେମ
ଝୁରେ ତାକୁ ଅହର୍ନିଶ।

ଦୁଃଖୀ ଜାଣି ପାରେ ଦୁଃଖୀର ବେଦନା
ସୁଖୀ ପାରେନା ତା କଳି
ପଡି ପଡ଼ି ବଢ଼ି ଗଢ଼ିଛି ଯେ ପ୍ରାଣ
ଯାଏନା କେବେ ମଉଳି।

ଶ୍ରମ ନ କରି ଯେ ଅରଜୁଛି ଧନ
ବୁଝେନା ଅର୍ଥର ମୂଲ୍ୟ
ବସି ଖାଇ ଖାଇ ନଈ ବାଲି ସାରେ
ଅନର୍ଥକୁ କରେ ଗେହ୍ଲା।





## ଟୋପାଏ ସିନ୍ଦୂର

**କଳ୍ପଲତା ପାଳ**

ଏଇ ଟୋପାଟେ ସିନ୍ଦୂର
ଟାଣି ଦିଏ ମୁଣ୍ଡରେ ଓଢ଼ଣା
ପଦାକୁ ପାଦ ପକାଇବାକୁ କରେ ମନା
ଗାଆଁ ଦାଣ୍ଡରେ ସଳଖି ଚାଲିବାକୁ କଟକଣା ।
ମାପି ଚୁପି କହିବାକୁ ପଡେ କଥା
ଏରୁଣ୍ଡି ଡେଇଁ ଆଗକୁ ଯିବାକୁ
ଟାଣି ଦିଏ ଶକ୍ତ ଲକ୍ଷ୍ମଣରେଖା।
ସିମନ୍ତିନୀ ସାଜି ବରି ନିଏ
ଯେତେ ସବୁ ଦୁଃଖ- ଯାତନା
କଷ୍ଟର କମାର ଶାଳରେ ମନଟା
ସିଝି ସିଝି ହୁଏ କଇଥା।
ସବୁ ଶୂନ୍ୟତାକୁ ଆଦରି ନେଇ
ପରିପୂର୍ଣ୍ଣ କରିବାକୁ ପଡେ ପରିବାରକୁ।
ଟୋପାଏ ସିନ୍ଦୂର ନାଇଁଲା ପରେ
ସବୁ ନୀତି ନିୟମର ପ୍ରାଚୀର
ଠିଆ ହୁଏ ଚାରି କଡ଼ରେ
ନିଜ ଦେହ ପା କଥା
ବୁଝିବାକୁ ବେଳ ନ ଥାଏ,
ସରିଯାଏ ସମୟ ।
କେଜାଣି କେଉଁ ଜନ୍ମର
ଋଣ ସୁଝେ ସିନ୍ଦୂର ର ?

**ପୁରୀ**
**ମୋବାଇଲ୍: ୯୯୩୮୦୦୦୨୪୪**



## ସଂକ୍ରାନ୍ତି ପୁରୁଷ ଫକୀରମୋହନ

**ଡଃ ତାନଶ୍ରୀ ପାଣିଗ୍ରାହୀ**

ଓଡ଼ିଆ ଭାଷାର ଗର୍ବ ଗୌରବ
ହେ ପୂଜ୍ୟ ଫକୀରମୋହନ
ସେନାପତି ସାଜି ରକ୍ଷାକଲ ତୁମେ
ଓଡ଼ିଆ ଭାଷାର ମାନ...
ଭାଷାର ସଂଗ୍ରାମେ ବଳିଦାନ ଦେଇ
ଭାଷାକୁ କଲ ଉଦ୍ଧାର
ଭରିଦେଇଗଲ ପ୍ରତିଟି ଓଠରେ
ଓଡ଼ିଆ ଭାଷାର ସ୍ୱର...
ଭୂମିଷ୍ଠ ହୋଇଲ ମଲ୍ଲିକାଶପୁରେ
ମକର ସଂକ୍ରାନ୍ତି ଦିନ
ପିତା ଲକ୍ଷ୍ମଣ ମାତା ତୁଳସୀଙ୍କ
କୋଳରେ ନେଲ ଜନମ...
ସମ୍ବାଦବାହିକା, ବୋଧଦାୟିନୀ
ପତ୍ରିକାର ପ୍ରତିଷ୍ଠାତା
ଓଡ଼ିଆ ଭାଷାର ସମୃଦ୍ଧି ପାଇଁ
ସଦା ଥିଲା ତୁମ ଚିନ୍ତା...
ତୁମରି ସୃଷ୍ଟି ଛମାଣ ଆଠଗୁଣ୍ଠ
ମାମୁଁ ଲଛମା ବିଖ୍ୟାତ
ମହାଭାରତକୁ ଅନୁବାଦ କରି
ବ୍ୟାସକବି ନାମେ ଖ୍ୟାତ...
ରେବତୀ ଗଳ୍ପ ମାଧ୍ୟମରେ ତୁମେ
ନାରୀଶିକ୍ଷା ପ୍ରଚାରିଲ
ଡାକମୁନସୀରେ ଅସହାୟ ବାପା
ନିର୍ଯ୍ୟାତିତ ଜଣାଇଲ...
ତୁମର ଅମର ଲେଖନୀ ପାଇଁ ହିଁ
ହୋଇଛି ଉତ୍କଳ ଧନ୍ୟ
ଅନବଦ୍ୟ ସୃଷ୍ଟି ସାହିତ୍ୟ ତୁମର
ଚିର ଶାଶ୍ୱତ ଅମ୍ଳାନ...
ରଜ ସଂକ୍ରାନ୍ତିରେ ନେଲ ଯେ ବିଦାୟ
ଖୋଜୁଛୁ ତୁମ ପରଶ
ଝୁରୁଅଛି ଏଇ ବାଲେଶ୍ୱର ମାଟି
କାହିଁଗଲ ତୁମେ ବ୍ୟାସ...
ତୁମେ ଏ ଉତ୍କଳେ ସଂକ୍ରାନ୍ତି ପୁରୁଷ
ସଦା ଚିର ମହୀୟାନ
ଇତିହାସ ବକ୍ଷେ ତୁମ ଭାଷା ପ୍ରୀତି
ଥିବ ଚିର ଆୟୁଷ୍ମାନ ।।

**ବାଲେଶ୍ୱର**
**ମୋବାଇଲ୍: ୯୩୩୭୩୦୪୨୯୫**

# ଗୁରୁ ଶିଷ୍ୟର ସମ୍ପର୍କ



**ପୁଷ୍ପଲତା ମିଶ୍ର**

ଏ ଦୁନିଆ ବଡ଼ ବିଚିତ୍ର ! କିଏ ନିଜର ତ କିଏ ସାତ ପର,ସତ୍ୟ ଆଉ ଧର୍ମକୁ ପାଥେୟ କରି କର୍ମ ମୟ ଜୀବନ ଅତିବାହିତ କରନ୍ତି ସନାତନ ମାଷ୍ଟ୍ରେ! ପ୍ରାଇମେରୀ ସ୍କୁଲ୍‌ରେ ଶିକ୍ଷକତା କରନ୍ତି, ଅଭାବ ଭିତରେ ଭାବର ପରିଚୟ ଦେଇ ଦେଶର ଭବିଷ୍ୟତ ଗଠନରେ ପୂର୍ଣ୍ଣ ସହ ଯୋଗରେ କର୍ମ କରି ଚାଲନ୍ତି ସନାତନ। ଶିକ୍ଷା ଦାନ କରି ଦେଶ କୁ ଭେଟି ଦିଅନ୍ତି ଅନେକ ଡାକ୍ତର, ଓକିଲ, ଇଞ୍ଜିନିୟର ଆହୁରି

କେତେ କଣ !! ଘରେ ସ୍ତ୍ରୀ ମାଳତୀ ଦେବୀ ସାକ୍ଷାତ ଦେବୀ ପ୍ରତିମା ଟିଏ ,ରୂପ ଆଉ ଗୁଣ ରେ ସେ ଲକ୍ଷ୍ମୀ ଠାକୁରାଣୀ ପରି। ଦୁଇ ଝିଅ ଆଉ ଗୋଟିଏ ପୁଅକୁ ନେଇ ତାଙ୍କ ପରିବାର। ଝିଅ ରାନୁ, ସିନୁ ଓ ପୁଅ ସୋମୁ ଏହି ପାଞ୍ଚ ପ୍ରାଣୀ କୁଟୁମ୍ବ କୁ ନେଇ ଯେନ୍ ତେନ୍ ପ୍ରକାରେ ଚଳେଇ ନିଅନ୍ତି ସନାତନ ମାଷ୍ଟ୍ରେ। ଏତେ ଉଦାର ମଣିଷ ସେ ତାଙ୍କୁ ହିଂସା ଅହଙ୍କାର ସ୍ପର୍ଶ କରି ପାରି ନ ଥିଲା।କୁନି କୁନି କଅଁଳ ଶିଶୁ ମାନଙ୍କୁ ବିଦ୍ୟା ଶିକ୍ଷା ଦିଅନ୍ତି କେମିତି ସେମାନେ ଭଲ ମଣିଷ ହୋଇ ଏ ଦୁନିଆ ର ବଡ଼ ଦାଣ୍ଡ ରେ ପ୍ରତିଷ୍ଠିତ ବ୍ୟକ୍ତି ହିସାବ ରେ ନିଜକୁ ଗଢି ତୋଳିବେ। ଏକାଧାର ରେ ସେ ଥିଲେ କର୍ତ୍ତବ୍ୟ ନିଷ୍ଠ ଗୁରୁଜୀ !!

ଯିଏ ଜୀବନରେ ଢୋକେ ପିଇ ଦଣ୍ଡେ ଜିଇଁ ଦୁଃଖ କୁ ସାଥୀ କରି ଚଳିଛି ପ୍ରତିଘାତ କୁ ସମ୍ଭାଳି ନେଇଛି ତାକୁ କାହାର କୁ ମନ୍ତ୍ରଣା ବିଗାଡି ପାରିବ ନାହିଁ। ଏହାକୁ ଆଧାର କରି କର୍ମମୟ ଜୀବନ ଯାପନ କରନ୍ତି ସନାତନ ମାଷ୍ଟ୍ରେ। ଚାକିରି ଜୀବନ ସରି ଗଲାଣି ସମ୍ପତି ରୁ କିଛି ବିକି ଗୋଟିଏ ଝିଅ ର ବିବାହ ସାରି ଦେଇଛନ୍ତି ମାଷ୍ଟ୍ରେ।ଆହୁରି ଗୋଟିଏ ଝିଅ ର ବିବାହ ପୁଅ ଟି ର ପାଠ ପଢା,ଏଥିରେ ଛଅ ମାସ ହେଲାଣି ଅବସର ନେବା ପେନସନ ଗଣ୍ଡାକ ତ ଏ ପର୍ଯ୍ୟନ୍ତ ହୋଇ ପାରି ନାହିଁ। ଏ ବର୍ଷ ଫସଲ ଉଜୁଡ଼ି ଗଲା ଲଘୁଚାପ ବର୍ଷା ହେତୁ ....ଯାହା ଧାନ ମିଳିବ ବର୍ଷକ ବି ପାଇବନି। ନିତ୍ୟ କର୍ମ ସାରି ମାଷ୍ଟ୍ରେ ବାହାରିଲେ ବି .ଇ .ଓ ଅଫିସ କୁ ସେଠି ଯାଇ ଦେଖିଲେ ନାମ ଫଳକ ରେ ଲେଖା ଅଛି " ସତ୍ୟ ପ୍ରକାଶ କର" ଆରେ ଇଏ ଆମ ସତ୍ୟ ! ଖୁସି ହୋଇଗଲେ ମାଷ୍ଟ୍ରେ , ଏ ସତ୍ୟ ଆମ ସ୍କୁଲ ର ମେଧାବୀ ଛାତ୍ର ଥିଲା। ଏଇ ହାତରେ ତାକୁ ପାଠ ପଢ଼ାଇ ମଣିଷ କରିଛନ୍ତି।ସତ୍ୟ କୁ ବହୁତ ଭଲ ପାଉ ଥିଲେ ମାଷ୍ଟ୍ରେ ! ପୂର୍ବ ସ୍ମୃତି ଉଙ୍କି ମାରିଲା ସନାତନ ମାଷ୍ଟ୍ରେଙ୍କର, ଏଣିକି ଝିଅ ବାହାଘର ପୁଅ ର ପାଠ ପଢା ନିଶ୍ଚିନ୍ତ ଭାବେ ହେଇପାରିବ। କେତେ ବି.ଇ. ଓ ଗଲେଣି ମୋର ପେନସନ ଫାଇଲଟି ଏମିତି ପଡି ରହିଛି, ଆଜି ସତ୍ୟ ଅଛି ବି.ଇ.ଓ ତେଣୁ ତାଙ୍କ କାମ ସବୁ ହେଇ ଯିବ। ଏହି ଆଶା ନେଇ ଅଫିସ ଭିତର କୁ ପଶି ଯାଇଛନ୍ତି ଚପରାଶି ଅଟକାଇ କହିଲା ଭିତରକୁ ଏମିତି ପଶି ଯାଉଛନ୍ତି କେମିତି ? କାଗଜ ରେ ନାମ ଲେଖି ଦିଅ, ସାର ଅନୁମତି ଦେଲେ ଭିତରକୁ ଯିବେ, ମାଷ୍ଟ୍ରେ କହିଲେ ତୁମ ସାର ମୋର ଛାତ୍ର ମୁଁ ତାକୁ ପାଠ ପଢ଼ାଇ ମଣିଷ କରିଛି ,ସେ ମୋ ବିଦ୍ୟାଳୟ ର ମେଧାବୀ ଛାତ୍ର ଥିଲା। ହଉ, କହୁଛ ଯଦି ନାମ ଲେଖି ଦଉଛି - ଦେଖିବ ପୁଅ ତୁମ ସାର ମୋ ନାମ ଦେଖି କେମିତି ବାହାରକୁ ଉଠି ଆସିବେ ମତେ ପ୍ରଣାମ ଜଣାଇ କେତେ ସମ୍ମାନ କରିବେ।ସମୟ ଅତିକ୍ରାନ୍ତ !ଅଫିସ ଭିତରୁ ଅନୁମତି ଆସୁ ନାହିଁ। ଚପରାଶି କୁ କାକୁତି ମିନତି ହୋଇ କହିଲେ ,ପୁଅ ମୁଁ ବହୁତ ଦୂର ରୁ ଆସିଛି ଡେରି ହୋଇଯିବ।କେମିତି କଣ ଟିକେ ଯାଇ ତୁମ ସାର ଙ୍କୁ ମୋ କଥା କୁହ ,ସାର ବୋଧେ ଜରୁରୀ କାମ ରେ ଅଛନ୍ତି ତେଣୁ ସେ ଅନୁମତି ଦେଉ ନାହାନ୍ତି। ତୁମେ କହୁଚ ଯଦି ପାଞ୍ଚ ଶହ ଟଙ୍କା ଦିଅ ମୁଁ ଭିତରକୁ ଛାଡ଼ି ଦେବି, ମାଷ୍ଟ୍ରେ କହିଲେ ଗାଁ କୁ ଫେରିବାକୁ ଶହେ ଟଙ୍କା ମାତ୍ର ମୋ ପାଖରେ ଅଛି। ହଉ ଦିଅ ଚଳେଇ ଦେବା କହି ମାଷ୍ଟ୍ରେ ଙ୍କ ଠାରୁ ଶହେ ଟଙ୍କା ନେଇ କହିଲା ଏବେ ଭିତରକୁ ଯାଅ। ମାଷ୍ଟ୍ରେ ଭିତର କୁ ଗଲେ ଓ କହିଲେ ସତ୍ୟ ତୁ କେବେ ଠାରୁ ଏଇ ଅଫିସ କୁ ଆସିଲୁଣି ରେ ମୁଁ ଜମା ଜାଣି ପାରିଲିନି।ଜାଣିଲୁ ସତ୍ୟ ମୁଁ ସନାତନ ମାଷ୍ଟ୍ରେ ସୁଜନ ପୁର ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ..........।



ବି.ଇ.ଓ ସାର କହିଲେ କଣ ଏମିତି ଓ୍ୱାଚାଳ ଙ୍କ ପରି ଗପୁଛନ୍ତି? ଅଫିସ ଭିତର କୁ ଆସି ଏମିତି ତୁ ତା କହିବାକୁ ସାହାସ କେମିତି ହେଲା ? ମୁଁ ତ ତୁମକୁ ଅନୁମତି ଦେଇନି ଭିତରକୁ ଆସିବାକୁ ସାହାସ କେମିତି କଲେ। ସନାତନ ମାଷ୍ଟ୍ରେ କହିଲେ ଭୁଲ ହେଇଗଲା ସାର। ମୁଁ ଅବସର ପ୍ରାପ୍ତ ଶିକ୍ଷକ ସନାତନ ବିଶ୍ୱାଳ ଉପ୍ରା ବିଦ୍ୟାଳୟ ସୁଜନପୁର। ଆଜକୁ ଛଅ ମାସ ହେଲାଣି ଅବସର ନେବାର କିନ୍ତୁ ମୋର ପେନସନ ହେଇ ପାରିନି ,ସେଥିପାଇଁ ଆସିଥିଲି ସାର !!

ସମସ୍ତ କାଗଜ ପତ୍ର ଦେଖି ବି.ଇ.ଓ ସାର କହିଲେ କାଗଜ ପତ୍ର ଠିକ ନାହିଁ ପେନସନ ମିଳିବା କଷ୍ଟ କର ହବ। ନାଇ ସାର ଭଲ କି ଦେଖନ୍ତୁ,ଆଗକୁ ଝିଅ ବାହାଘର ଅଛି ପେନସନ ହେଇ ଗଲେ ବାହାଘର ଟା ହେଇଯିବ। ସାର କହିଲେ ଯଦି ଶୀଘ୍ର ଚାହୁଁଛ ତେବେ ପଚାଶ ହଜାର ଦବାକୁ ପଡ଼ିବ ପେନସନ ପାଇଁ ଚେଷ୍ଟା କରିବି ନ ହେଲେ ଏମିତି ବର୍ଷ ବର୍ଷ ଦୌଡ଼ିଲେ ବି ହୋଇ ପାରିବ ନାହିଁ। ଏତେ ଟଙ୍କା କୋଉଠୁ ଆଣିବି ସାର,ହଉ ମୁଁ ଆସୁଛି ନମସ୍କାର !!ମନ ଦୁଃଖରେ ଫେରି ଆସିଲେ ମାଷ୍ଟ୍ରେ ,ବାଟ ଖର୍ଚ୍ଚ ଟଙ୍କା କୁ ତ ଚପରାଶିକୁ ଦେଇ ଦେଲେ ଗାଁ କୁ ଚାଲି ଚାଲି ଯିବାକୁ ପଡ଼ିବ। ଖରା ଆସି ମୁଣ୍ଡ ଉପରେ ଚାଲି ଥାଆନ୍ତି ସନାତନ ମାଷ୍ଟ୍ରେ,ଏମିତି ଯାଉ ଯାଉ କେତେବେଳେ ସେ ପଡ଼ି ଯାଇଛନ୍ତି ଜାଣି ପାରି ନାହାଁନ୍ତି। ସେହି ବାଟରେ ଅଟୋ ଚାଳକ ବିନୋଦ ଯାଉ ଯାଉ ଦେଖିଲା କିଏ ଜାଣେ ଚେତା ହରେଇ ପଡ଼ି ଛନ୍ତି, ବିନୋଦ ପାଖକୁ ଯାଇ ଦେଖେ ତ ତାକୁ ପଢ଼େଇ ଥିବା ସନାତନ ମାଷ୍ଟ୍ରେ!! ଏମିତି ଏ ଅବସ୍ଥା ରେ ?ପାଣି ଛାଟି ଚେତା ଫେରିବା ପର୍ଯ୍ୟନ୍ତ ଜଗି ବସିଲା ବିନୋଦ ! ମାଷ୍ଟ୍ରେ ଙ୍କ ର ଚେତା ଫେରିଲା ପରେ ମାଷ୍ଟ୍ରେ ଦେଖିଲେ ତାଙ୍କୁ କିଏ ଜଗି ବସି ପାଦମଚାଳୁଛି। କିଏ ତୁମେ?? ମତେ ଚିହ୍ନି ପାରୁନାହାନ୍ତି ସାର ମୁଁ ପରା ବିନୋଦ ତୁମ ପାଖରେ ପଢୁ ଥିଲି ସୁଜନ ପୁର ଉ ପ୍ରା ବିଦ୍ୟାଳୟ ରେ ....। ମୋର ପାଠ ହେଉନଥିଲା ବୋଲି ମତେ କେତେ ବାଡେଇଛନ୍ତି। ଲୋନ ଆଣି ଏହି ଅଟୋ ଚଳାଇ ପରିବାର ପୋଡୁଛି,ହଁ ହଁ ଚିଂହିଲି !! ତୋ ସହ ପଢୁଥିଲା ସତ୍ୟ ପ୍ରକାଶ କର ତୋର ମନେ ପଡୁଛି କି ? ସେ ଏଠି ବି.ଇ.ଓ ଅଛି,ମୋର ପେନସନ ପାଇଁ ତା ପାଖକୁ ଯାଇ ଥିଲି,ସେ ମତେ ଚିହ୍ନି ପାରିଲାନି, ପେନସନ କରିବା ବାବଦ କୁ ପଚାଶ ହଜାର ଟଙ୍କା ଲାଞ୍ଚ ମହିଲା,କୋଉଠୁ ଆଣିବି ପଚାଶ ହଜାର !!ଫେରି ଆସୁ ଆସୁ ଏଇଠି ପଡ଼ିଗଲି। ସାର, ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ, ଆସନ୍ତୁ ମୋ ସହିତ ମୋର ଜଣେ ଚିହ୍ନା ଅଫିସର ଅଛନ୍ତି ତାଙ୍କର କଲେକ୍ଟର ଚିହ୍ନା ତାଙ୍କ ଗାଡ଼ି ମୁଁ ଚଳାଉ ଥିଲି, ସେ ସଚ୍ଚୋଟ ଅଫିସର ଆପଣଙ୍କ ପେନସନ ନିଶ୍ଚିନ୍ତ କରାଇ ଦେବେ। ଆସନ୍ତୁ ସାର ମୋ ଅଟୋ ରେ ବସନ୍ତୁ ମୁଁ ସେହି ଅଫିସର ଙ୍କ ପାଖକୁ ନେଇଯିବି। ମାଷ୍ଟ୍ରେ କହିଲେ ମୋ ପାଖରେ ଅଟୋ ଭଡ଼ା ଦବାକୁ ଟଙ୍କାଟିଏ ବି ନାହିଁ ବିନୋଦ। ସେଥିପାଇଁ ଚିନ୍ତା କରନ୍ତୁ ନାହିଁ ସାର ଆପଣ ମୋ ଅଟୋ ରେ ବସନ୍ତୁ ତାଙ୍କ ଘର ଟିକେ ଦୂର ବାଟ। ଆସନ୍ତୁ ସାର ଏଇଟା କଲେକ୍ଟର ଙ୍କ ଘର ଗାଡି ରୁ ଓହ୍ଲେଇ ଆସନ୍ତୁ ସାର। ସବୁ କଥା ଶୁଣି କାଗଜ ପତ୍ର ଦେଖି କଲେକ୍ଟର କହିଲେ ଆପଣଙ୍କର ପେନସନ ହେଇଯିବ ,ଆପଣ ବସନ୍ତୁ,ମୁଁ କଲ କରୁଛି। ଫୋନ ରିଙ୍ଗ ଶବ୍ଦ ଶୁଣି ବି.ଇ.ଓ ଫୋନ ଉଠାଇଲେ କହିଲେ ହ୍ୟାଲୋ ସାର ନମସ୍କାର। ସତ୍ୟ ପ୍ରକାଶ,ସୁଜନ ପୁର ରୁ ଆସି ଥିବା ମାଷ୍ଟ୍ରେ ସନାତନ ବିଶ୍ୱାଳ ଙ୍କ ର ପେନସନ କାଗଜ ପତ୍ର ତ ସବୁ ଠିକ୍ ଅଛି ତାଙ୍କୁ ଫେରାଇ ଦେଲେ କାହିଁକି ? ସାର, ସାର କିଛି ମୁଁ ଶୁଣିବାକୁ ଚାହେଁନା ,ସାତ ଦିନ ସମୟ ଦେଲି ତାଙ୍କୁ ଡାକି ତାଙ୍କର ପେନସନ ଠିକ୍ କରି ସମସ୍ତ ଟଙ୍କା ଦେଇ ମତେ ଜଣାଅ ଆଜ୍ଞା। ଆଜ୍ଞା ସାର !! ଏହା ହିଁ ଗୁରୁ ଶିଷ୍ୟର ସମ୍ପର୍କ !!!

ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୯୪୬୫୭



# ଫଗୁଣ ହେଉଛି ପହିଲି ଚିଠି

**ଆଦିତ୍ୟ ନାୟକ**



ଓହୋ! ସବୁଦିନ ପରି ନିଜର କର୍ମମୟ ଜୀବନରୁ ନିଜକୁ ଟିକେ ଆତ୍ମତୃପ୍ତି କରିବା ପାଇଁ କାର୍ତ୍ତିକ ଚାଲି ଆସନ୍ତା ନଦୀ କୂଳକୁ। ନିଜର ସମସ୍ତ ସମୟ ଅନ୍ୟମାନଙ୍କ ପାଇଁ ଦେବାକୁ ଚେଷ୍ଟା କରୁଥିବା କାର୍ତ୍ତିକ, କେବେ ଭାବି ନାହାନ୍ତି ନିଜ କଥା! ଅସହାୟ, ନିଃସହାୟ ଲୋକମାନଙ୍କ ପ୍ରତି ତାଙ୍କର ଏତେ ଯେ ଭଲପାଇବା ଯିଏ ଆଖିରେ ନ ଦେଖିବ ସେ ବିଶ୍ୱାସ କରିବନି। ହେଲେ ଯେତେ କାମ ଥିଲେ ମଧ୍ୟ ସନ୍ଧ୍ୟା ସମୟଟି ନଦୀ କୂଳରେ ଏକୁଟିଆ ବସି କ'ଣ ସବୁ ଭାବୁଛି। ଉଡ଼ି ଯାଉଥିବା ପକ୍ଷୀମାନଙ୍କର କିଚିରି ମିଚିରି ଶବ୍ଦ, ଉତ୍ତର ଦିଗରୁ ବହି ଆସୁଥିବା ଶୀତଳ ପବନ ତାଙ୍କୁ ଭାରି ଭଲ ଲାଗେ। ସେଥିପାଇଁ ସେ ଧାଇଁ ଆସନ୍ତି ନଦୀ ପଠାକୁ ଠିକ୍ ସନ୍ଧ୍ୟା ସମୟରେ... ।

ବାପା, ମାଆ ମଧ୍ୟ କାର୍ତ୍ତିକଙ୍କୁ ବହୁତ ଭଲ ପାଆନ୍ତି, କାରଣ କାର୍ତ୍ତିକ ପ୍ରତିଦିନ ସେମାନଙ୍କ ପାଇଁ କିଛି ସମୟ ବାହାର କରି ତାଙ୍କ ସେବା କରି ଥାଆନ୍ତି। କେତେବେଳେ ବି ସେମାନଙ୍କ ଆଖିରେ ଲୁହ ଦେଖିବାକୁ ଭଲ ପାଆନ୍ତି ନାହିଁ କାର୍ତ୍ତିକ।

ଆଜି ଯାଏଁ କାର୍ତ୍ତିକ ବାହା ହୋଇ ନାହାନ୍ତି। ବୟସ ଅଠେଇସି ହେଲାଣି, କାରଣ ସେ ଘରର ସମସ୍ତ କାର୍ଯ୍ୟକୁ ତୁଲାଇ ଦୁଇ ଭଉଣୀଙ୍କ ବିବାହ କରାଇ ସାରିଲେଣି, ହେଲେ କାହିଁକି ବିବାହ କରୁନାହାନ୍ତି? ହଁ, ପ୍ରେମ ଅନେକ ଜୀବନରେ ଆସିଥାଏ। ହେଲେ କାର୍ତ୍ତିକଙ୍କ ଜୀବନରୁ ବାଦ୍ ପଡ଼ିବ ବା କାହିଁକି ? ସେ ମଧ୍ୟ ନିଜ କଲେଜ ସମୟର ବାନ୍ଧବୀ ପ୍ରିୟାଙ୍କୁ ଭଲ ପାଆନ୍ତି। କିନ୍ତୁ ଘରେ ଦୁଇ ଭଉଣୀଙ୍କ ବିବାହ ନ ସରିଲା ପର୍ଯ୍ୟନ୍ତ ବିବାହ ନ କରିବାକୁ ମନା କରିଥିଲେ କାର୍ତ୍ତିକ। ଏବେ ତ ଭଉଣୀମାନଙ୍କ ବିବାହ ସରିଯାଇଛି ହେଲେ ପ୍ରିୟାଙ୍କୁ କାହିଁକି ବିବାହ କରୁନାହାନ୍ତି କାର୍ତ୍ତିକ? ଏ ପ୍ରଶ୍ନ ମୁଁ ନୁହେଁ ତାଙ୍କ ଭଉଣୀ ଘରଠୁ ସମସ୍ତଙ୍କ ମୁହଁରେ ଏଇ କଥା। କଥା ଥିଲା ପ୍ରିୟାଙ୍କର! କାର୍ତ୍ତିକ ତାଙ୍କ ଭଉଣୀମାନଙ୍କ ବାହାଘର କରି ସାରିଲେ ମୋତେ ଖବର ଦେବେ, ମୁଁ ଆମ ଘରେ କହିବି। ଘରେ ନିଶ୍ଚିତ ରାଜି ହେବେ ବୋଲି ପ୍ରିୟାଙ୍କର ବିଶ୍ୱାସ ଅଛି! ଏବଂ ଘରେ ରାଜି ହେଲେ ଚିଠି ଲେଖି ଜଣାଇ ବି ବୋଲି ପ୍ରିୟା କାର୍ତ୍ତିକଙ୍କୁ କହିଛନ୍ତି। କାର୍ତ୍ତିକ ତ ପ୍ରିୟାଙ୍କୁ କହି ଦେଇଛନ୍ତି ଯେ ମୋ ଭଉଣୀମାନଙ୍କ ବାହାଘର ସରିଯାଇଛି ବୋଲି। ହେଲେ ଏ ପର୍ଯ୍ୟନ୍ତ କୁଆଡ଼େ ଗଲା ପ୍ରିୟାଙ୍କ ଚିଠି ? ଭୁଲି ଗଲେକି ସେ କାର୍ତ୍ତିକଙ୍କୁ ? କାର୍ତ୍ତିକ ସେଇଥି ପାଇଁ ନିରୋଳାରେ ବସିବା ଲାଗି ନଦୀ ପଠାକୁ ବୋଧେ ଆସନ୍ତି? ହଁ ସତରେ ପ୍ରେମରେ ଥାଏ ଶାନ୍ତି ଓ ଆନନ୍ଦ ବିଶ୍ୱାସ ଥାଏ ପ୍ରିୟାଙ୍କ ଉପରେ!

ସେଦିନ ଥାଏ ଫଗୁଣ ମାସର ପ୍ରଥମ ସୋମବାର। ସକାଳୁ ଉଠି କାର୍ତ୍ତିକ ବସିଥା'ନ୍ତି ଚେୟାର ଉପରେ ହାତରେ ଥାଏ ସାପ୍ତାହିକ ପତ୍ରିକା...ହେଲେ ମନ ଥାଏ ପ୍ରିୟାଙ୍କ ଚିଠି ପାଖରେ। ସତକୁ ସତ ହଠାତ୍ ଡାକ ବାଲା ଆସି ଚିଠି ଦେଲା କାର୍ତ୍ତିକ ବାବୁ ଆପଣଙ୍କର ଚିଠି ଆସିଛି। ଦୌଡ଼ି ଯାଇ ଚିଠିଟିକୁ ଦେଖି ଜାଣିପାରିଲେ ଯେ ଏ ଚିଠି ପ୍ରିୟା ପଠାଇଛନ୍ତି। ସେଥିରେ ଲେଖାଯାଇଛି ଆସନ୍ତା ଫଗୁଣ ଶେଷ ଆଡ଼କୁ ବାହାଘର ହେବ ବୋଲି ଘରେ ରାଜି ହୋଇଛନ୍ତି। ତମ ଘର ଲୋକ ଆମ ଘରକୁ କେବେ ଆସିବେ ବୋଲି ଜଣାଇବ ବୋଲି ଲେଖିଛନ୍ତି। ଫଗୁଣର ପ୍ରଥମ ଚିଠି ପଢ଼ି କାର୍ତ୍ତିକଙ୍କ ମନରେ ଆସିଲା ଏକ ଭିନ୍ନ ଶିହରଣ। ଖୁସିରେ ସେ ବିଭୋର ହୋଇ ନିଜକୁ ହଜାଇ ଦେଲେ ଏକ ସୁନେଲି ସ୍ୱପ୍ନରେ। ପ୍ରକୃତରେ କାର୍ତ୍ତିକ ବାବୁଙ୍କର ଭଲ ପାଇବାର ବିଶ୍ୱାସ ତାଙ୍କୁ ଆଣି ଦେଲା ଏକ ସୁନେଲି ସକାଳ।

**ଅଳତୀ, କେନ୍ଦୁଝର**

## ରଘୁବର ବିବାଦୀୟ ରାଜ୍ୟପାଳ ଥିଲେ: ବିଜେଡି



**ଭୁବନେଶ୍ୱର,୧୨।୧(ସଂଚାର ବ୍ୟୁରୋ):** ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଓ ବିଜେଡିର ବରିଷ୍ଠ ନେତା ଡଃ ଅରୁଣ କୁମାର ସାହୁ ଆଜି ବିଦାୟୀ ରାଜ୍ୟପାଳ ରଘୁବର ଦାସଙ୍କ ବିବାଦୀୟ ଭୂମିକା ଉପରେ ପ୍ରଶ୍ନଚିହ୍ନ ଲଗାଇଛନ୍ତି। ଡଃ ସାହୁ କହିଛନ୍ତି ଯେ ପଦବୀରୁ ବିଦାୟ ନେବା ପରେ ଜଣେ ରାଜ୍ୟପାଳ ଭାବେ ବେଶ୍ ଲୋକପ୍ରିୟ ଥିବା ଶ୍ରୀ ଦାସ କହିଥିଲେ ମଧ୍ୟ ବାସ୍ତବରେ ସେ ବେଶ୍ ବିବାଦୀୟ ରାଜ୍ୟପାଳ ଥିଲେ। ସାଧାରଣତଃ କୌଣସି ଅପରାଧ କ୍ଷେତ୍ରରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯାଏ। କିନ୍ତୁ ରାଜ୍ୟପାଳଙ୍କ ପୁଅ ତାଙ୍କ ଅଫିସର ଜଣେ ସରକାରୀ ଅଧିକାରୀ (ଏଏସଓ)ଙ୍କୁ ମାଡ଼ ମାରିଥିଲେ। ଉକ୍ତ ଅଧିକାରୀ ଜଣଙ୍କ ନ୍ୟାୟ ପାଇଁ ପୁଲିସର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ଏନେଇ ରାଜ୍ୟପାଳଙ୍କ ପୁଅ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିଲା। ଏହା ରାଜ୍ୟପାଳ ଓ ରାଜ୍ୟ ସରକାରଙ୍କ ନ୍ୟାୟିକ ବ୍ୟବସ୍ଥା ପ୍ରତି ଥିବା ସମ୍ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ରାଜ୍ୟପାଳ ଦାୟିତ୍ୱ ନେବା ପରେ ବି ଶ୍ରୀ ଦାସ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଯାଇ ଲୋକଙ୍କ ଗ୍ରୀଭାନ୍ସ ନେଇଥିଲେ। ରାଜ୍ୟପାଳଙ୍କ ଗ୍ରୀଭାନ୍ସ ସମାଧାନ କରିବାରେ କୌଣସି କ୍ଷମତା ନଥିଲେ ମଧ୍ୟ ସେ ଏହି କାର୍ଯ୍ୟ କେଉଁ ଉଦ୍ଦେଶ୍ୟରେ କରୁଥିଲେ ବୋଲି ଡଃ ସାହୁ ପ୍ରଶ୍ନ କରିଛନ୍ତି।

# ବିଶ୍ୱବିଦ୍ୟାଳୟରେ ବିଭିନ୍ନ ପଦବୀ ଖାଲି, ପୂରଣ ଆଶା କ୍ଷୀଣ

**ଭୁବନେଶ୍ୱର,୧୨।୧(ତଥ୍ୟ):** ଚଳିତ ଶିକ୍ଷାବର୍ଷ ଶେଷ ପୂର୍ବରୁ ଉଚ୍ଚଶିକ୍ଷା ବିଭାଗ ଅଧିନରେ ଥିବା ବିଶ୍ୱବିଦ୍ୟାଳୟଗୁଡିକରେ ଖାଲି ପଡ଼ିଥିବା କୁଳପତିଙ୍କଠାରୁ ଆରମ୍ଭ କରି ଶିକ୍ଷକ ଓ ଅଣଶିକ୍ଷକ ପଦବୀଗୁଡ଼ିକ ପୂରଣ ହେବା ସମ୍ଭାବନା କ୍ଷୀଣ। ତେବେ ଆଗାମୀ ଶିକ୍ଷାବର୍ଷରେ ଏସବୁ ପଦବୀ ପୂରଣ ହୋଇପାରିବ ନାହିଁ ସେଥିଘେନି କେହି କିଛି ସ୍ପଷ୍ଟ ସୂଚନା ଦେଇପାରୁନାହାନ୍ତି। ଉଚ୍ଚଶିକ୍ଷା ବିଭାଗ ଅଧିନରେ ରାଜ୍ୟରେ ଅନ୍ୟୁନ ୨୫ଟି ବିଶ୍ୱବିଦ୍ୟାଳୟ ଥିବାବେଳେ ସେଥିରୁ ୭ଟି ବେସରକାରୀ ଓ ୧୮ଟି ସରକାରୀ ବିଶ୍ୱବିଦ୍ୟାଳୟ। ୧୯୪୩ ମସିହାରେ ଓଡ଼ିଶାର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଜନ୍ମଲାଭ କରିଥିବାବେଳେ ଏବେ ରାଜ୍ୟରେ ବିଭିନ୍ନ ବିଭାଗର ବିଶ୍ୱବିଦ୍ୟାଳୟ ସଂଖ୍ୟା ୪୩ରେ ପହଞ୍ଚିଲାଣି। ଉଚ୍ଚଶିକ୍ଷା ବିଭାଗର ଏହି ୧୮ଟି ବିଶ୍ୱବିଦ୍ୟାଳୟ ମଧ୍ୟରୁ ଉତ୍କଳ, ମା'ମାଣିକେଶ୍ୱରୀ, ଗଙ୍ଗାଧର ମେହେର, ରମାଦେବୀ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଖଲିକୋଟ ବିଶ୍ୱବିଦ୍ୟାଳୟ, ଧରଣୀଧର, ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ଓ ବିକ୍ରମଦେବ ବିଶ୍ୱବିଦ୍ୟାଳୟ




ଆଦିରେ ନିୟମିତ କୁଳପତି ନଥିବାରୁ ଏଗୁଡିକ ଏବେ ଅସ୍ଥାୟୀ କୁଳପତିମାନଙ୍କ ଦ୍ୱାରା ଚାଲୁଛି। କେନ୍ଦୁଝର ଓ ଜୟପୁର ସ୍ଥିତ ଦୁଇଟିଯାକ ସରକାରୀ ବିଶ୍ୱବିଦ୍ୟାଳୟ ଆରମ୍ଭ ହେବା ଦିନରୁ କୁଳପତି ନିଯୁକ୍ତ ହୋଇନାହିଁ। କେତେକ ସ୍ଥାନରେ ଗୋଟିଏ ବିଶ୍ୱବିଦ୍ୟାଳୟର କୁଳପତି ଅନ୍ୟ ବିଶ୍ୱବିଦ୍ୟାଳୟ ଦାୟିତ୍ୱରେ ରହୁଛନ୍ତି।

ଚଳିତବର୍ଷରେ ରେଭେନ୍ସା, ମଧୁସୂଦନ ଆଇନ୍ ବିଶ୍ୱବିଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ କୁଳପତିମାନଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ଶିକ୍ଷା ବିଭାଗ ଅଧିନରେ ଥିବା ଏହି ବିଶ୍ୱବିଦ୍ୟାଳୟଗୁଡ଼ିକରେ ପ୍ରାୟ ୧୨୦୦ ଶିକ୍ଷକ ପଦବୀ ଖାଲିପଡ଼ିଛି। ମୋଟାମୋଟି ଭାବେ ଉଚ୍ଚଶିକ୍ଷା ବିଭାଗର ନିୟନ୍ତ୍ରଣରେ ଥିବା ଏହି ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପ୍ରାୟ ୬୨ ପ୍ରତିଶତ ଶିକ୍ଷକ ପଦବୀ ଖାଲି। ଅନେକ ବିଷୟର ପ୍ରଫେସର ପଦବୀ ମଧ୍ୟ ବର୍ଷ ବର୍ଷ ଧରି ଖାଲିପଡୁଛି। ମୋଟାମୋଟି ଭାବେ ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ଥିବା ୨୭୪ଟି ମଞ୍ଜୁରୀପ୍ରାପ୍ତ ପ୍ରଫେସର ପଦବୀରୁ ୨୨୫ଟି ଖାଲି ପଡ଼ିଥିବାବେଳେ ୫୫୦ଟି ମଞ୍ଜୁରୀପ୍ରାପ୍ତ ସହଯୋଗୀ ପ୍ରଫେସର ପଦବୀରୁ ୪୦୧ଟି ଖାଲି ପଡ଼ିଛି। ଠିକା ଓ ଅତିଥି ଅଧ୍ୟାପକଙ୍କ ଭରସାରେ ଚାଲିଥିବା ଓଡ଼ିଶାର ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ନେତାମାନଙ୍କ ଭାଷଣରେ କିଭଳି ବିଶ୍ୱସ୍ତରୀୟ ହେବେ ସେଥିଘେନି ଛାତ୍ରଛାତ୍ରୀ, ଗବେଷକ ଓ ବୁଦ୍ଧିଜୀବୀ ମହଲ ବିସ୍ମୟ ପ୍ରକାଶ କରୁଛନ୍ତି। କେବଳ ସେତିକି ନୁହେଁ, ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ୨୯୬୯ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦବୀ ଥିବାବେଳେ ସେଥିରୁ ବି ପାଖାପାଖି ୨୨୦୦ ପଦବୀ ଖାଲି ପଡ଼ିଛି। ଏବେ କ୍ୟାଡର ପୁର୍ନଗଠନ ଆଳରେ ଉତ୍କଳ ସମେତ ଅନେକ ବିଶ୍ୱବିଦ୍ୟାଳୟ ବହୁ ସେକ୍ସନ ଅଫିସର ପଦବୀ ସହିତ ଅନ୍ୟ ଅଣଶିକ୍ଷକ ପଦବୀ ସଂଖ୍ୟା ହ୍ରାସ କରା।ଯାଇଥିବାରୁ କର୍ମଚାରୀ ମହଲରେ ବି ପ୍ରତିକ୍ରିୟା ସୃଷ୍ଟି ହେଉଛି। ତେବେ ବିଶ୍ୱବିଦ୍ୟାଳୟଗୁଡ଼ିକର ଏଭଳି ଦୟନୀୟ ସ୍ଥିତି ଲାଗି ରହିଥିବାବେଳେ ଶିକ୍ଷକ ଓ ଛାତ୍ର ସଂଗଠନ ଓ ରାଜନୈତିକ ଦଳମାନେ ସ୍ୱର ଉଠାଉ ନାହାନ୍ତି।

୨୦୨୦ ବିଶ୍ୱବିଦ୍ୟାଳୟ ଆଇନ୍ ସଂଶୋଧନ ପରେ ଅଦାଲତି ବିବାଦ ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଚାଲିଥିବାରୁ କୁଳପତିଙ୍କ ପଦବୀ ସମେତ ଅନ୍ୟାନ୍ୟ ପଦବୀ ବି ପୂରଣ ହୋଇପାରୁ ନାହିଁ। ଏହି ଆଇନ୍‌କୁ ପ୍ରତ୍ୟାହାର କରିନେଇ ନୂଆ ସଂଶୋଧିତ ଆଇନ୍ ବ୍ୟବସ୍ଥା କରିବାପାଇଁ ଚାଲିଥିବା କସରତରୁ ଏଯାବତ୍ କିଛ ଫଳ ମିଳୁନାହିଁ। ବିଧାନସଭାରେ ଏ ସଂକ୍ରାନ୍ତୀୟ ସଂଶୋଧନ ବିଲ୍ ମଧ୍ୟ ଏଯାବତ୍ ଆଲୋଚନା ହୋଇନାହିଁ।

# ମହାକୁମ୍ଭ ମେଳା ପାଇଁ ସ୍ୱତନ୍ତ୍ର ଟ୍ରେନ

**ଭୁବନେଶ୍ୱର,୧୨।୧(ସଂଚାର ବ୍ୟୁରୋ):** ପ୍ରୟାଗରାଜ ଠାରେ ଆୟୋଜିତ ହେବାକୁଥିବା ଆଗାମୀ ମହାକୁମ୍ଭ ମେଳା ୨୦୨୫ରେ ଯୋଗଦେବାକୁ ଥିବା ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ବିଶେଷ ଟ୍ରେନ ସୁବିଧା ଆୟୋଜନ କରାଯାଇଅଛି ଯାହାକି ଓଡିଶାରୁ ଉତ୍ପତ୍ତି ଏବଂ ଏହା ମଧ୍ୟଦେଇ ଯାତ୍ରା କରିବ । ଏହି ସ୍ୱତନ୍ତ୍ର ଟ୍ରେନଗୁଡିକ ଏହି ଓଡ଼ିଶାର ବିଭିନ୍ନ ପ୍ରମୁଖ ସହରରୁ ପବିତ୍ର ସହର ପ୍ରୟାଗରାଜକୁ ସହଜ ଗମନାଗମନ ସଂଯୋଗ ଯୋଗାଇବ।

ଭୁବନେଶ୍ୱର-ତୁଣ୍ଡଲା-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ ଭାୟା କଟକ, ଯଖପୁରା, କେନ୍ଦୁଝରଗଡ, ନୟାଗଡ଼-ବୋକାରୋ-ଗୟା-ପ୍ରୟାଗରାଜକୁ ଯିବ। ଏହି ଟ୍ରେନ୍ ଜାନୁୟାରୀ ୧, ୮, ୨୨ ତାରିଖ ଓ ଫେବୃୟାରୀ ୫, ୧୯, ୨୬ ତାରିଖରେ ଭୁବନେଶ୍ୱର ଠାରୁ ଅପରାହ୍ନ ୧୨ଟା ୩୦ରେ ଛାଡି କେନ୍ଦୁଝରଗଡ-ବୋକାରୋ-ଗୟା-ପ୍ରୟାଗରାଜ ମାର୍ଗ ଦେଇ ତୁଣ୍ଡଲା ଯାତ୍ରା କରିବ। ତୁଣ୍ଡଲା ଅଭିମୁଖେ ଏହି ଟ୍ରେନ୍ ପ୍ରୟାଗରାଜ ଷ୍ଟେସନଠାରେ ରହଣି କରି ତୀର୍ଥଯାତ୍ରୀମାନଙ୍କ ପାଇଁ ସିଧାସଳଖ ସୁବିଧା ଯୋଗାଇବ। ପୁରୀ-ତୁଣ୍ଡଲା-ପୁରୀ ସ୍ୱତନ୍ତ୍ର ଟ୍ରେନ୍ ଭାୟା ଖୋର୍ଦ୍ଧା ରୋଡ଼ -ଭୁବନେଶ୍ୱର-କଟକ -ଯାଜପୁର କେନ୍ଦୁଝର ରୋଡ଼ -ଭଦ୍ରକ-ବାଲେଶ୍ୱର -ଗୟା-ପ୍ରୟାଗରାଜ। ଏହି ଟ୍ରେନ୍ ଜାନୁୟାରୀ ୬ ଓ ୨୦ ତାରିଖ ଓ ଫେବୃୟାରୀ ମାସ ୧୭ ତାରିଖରେ ପୁରୀରୁ ଅପରାହ୍ନ ୧୨ଟା ୩୦ରେ ଛାଡି ଭୁବନେଶ୍ୱର-ଭଦ୍ରକ-ଗୟା-ପ୍ରୟାଗରାଜ ମାର୍ଗ ଦେଇ ତୁଣ୍ଡଲା ଯାତ୍ରା କରିବ। ତୁଣ୍ଡଲା ଅଭିମୁଖେ ଏହି ଟ୍ରେନ୍ ପ୍ରୟାଗରାଜ ଷ୍ଟେସନ ଠାରେ ରହଣି କରି ତୀର୍ଥଯାତ୍ରୀମାନଙ୍କ ପାଇଁ ସିଧାସଳଖ ସୁବିଧା ଯୋଗାଇବ।

ସେହିଭଳି ଟିଟିଲାଗଡ-ତୁଣ୍ଡଲା-ଟିଟିଲାଗଡ଼ ସ୍ୱତନ୍ତ୍ର ଟ୍ରେନ୍ ଭାୟା ବଲାଙ୍ଗୀର-ବରଗଡ଼-ସମ୍ବଲପୁର-ଝାରସୁଗୁଡା-ରାଉରକେଲା-ଡ଼ିଡ଼ିୟୁ-ପ୍ରୟାଗରାଜକୁ ଆଉ ଏକ ଟ୍ରେନ ଯିବ। ଏହି ଟ୍ରେନ୍ ଜାନୁୟାରୀ ୯, ୧୬, ୨୩ ତାରିଖ ଓ ଫେବୃୟାରୀ ୬, ୨୦, ୨୭ ତାରିଖରେ ଟିଟିଲାଗଡ଼ରୁ ଅପରାହ୍ନ ୧୨ଟା ୩୦ରେ ଛାଡି ବଲାଙ୍ଗୀର, ବରଗଡ଼ ରୋଡ, ସମ୍ବଲପୁର-ଝାରସୁଗୁଡା-ରାଉରକେଲା, ଡ଼ିଡ଼ିୟୁ-ପ୍ରୟାଗରାଜ ମାର୍ଗ ଦେଇ ତୁଣ୍ଡଲା ଯାତ୍ରା କରିବ। ଏହି ସ୍ୱତନ୍ତ୍ର ଟ୍ରେନ୍ ଗୁଡିକ ବିଶ୍ୱର ସର୍ବବୃହତ ଧାର୍ମିକ ସମାବେଶ ମହାକୁମ୍ଭ ମେଳାକୁ ଯାତ୍ରା କରୁଥିବା ହଜାର ହଜାର ଭକ୍ତଙ୍କୁ ଯାତ୍ରା ସୁବିଧା ଯୋଗାଇଦେବା ପାଇଁ ବିଶେଷ ଭାବେ ଚଳାଚଳ କରୁଅଛି । ଓଡିଶାରୁ ଓ ଓଡିଶା ମଧ୍ୟଦେଇ ଚଳାଚଳ କରୁଥିବା କୁମ୍ଭମେଳା ସ୍ୱତନ୍ତ୍ର ଟ୍ରେନ ଗୁଡିକ ଓଡ଼ିଶାର ସମସ୍ତ ରେଳମାର୍ଗ ସହିତ ଯୋଡ଼ାଯାଇଅଛି ଯେପରିକି ସମସ୍ତ ଜିଲ୍ଲାମାନଙ୍କରୁ ପ୍ରୟାଗ କୁମ୍ଭମେଳା ଯିବାପାଇଁ ଯାତ୍ରା ସୁବିଧା ଯୋଗାଇ ପାରିବ ।

## ୫ ବର୍ଷ ପରେ ସମଲେଇ ମନ୍ଦିରରେ ଭୋଗ ବ୍ୟବସ୍ଥା

**ସମ୍ବଲପୁର,୧୨।୧(ସଂଚାର ବ୍ୟୁରୋ):** ଗତ ୨୦୨୦ରେ ସମଗ୍ର ଦେଶରେ କରୋନା ମହାମାରୀ ବ୍ୟାପିଥିବା ବେଳେ ଏହାର ପ୍ରଭାବରେ ସମଲେଇ ମନ୍ଦିରରେ ଭୋଗ ବ୍ୟବସ୍ଥାକୁ ବନ୍ଦ କରିଦିଆଯାଇଥିଲା। ତେବେ ପାଖାପାଖି ୫ ବର୍ଷ ଧରି ବନ୍ଦ ଥିବା ଏହି ବ୍ୟବସ୍ଥାକୁ ପୁଣିଥରେ ଆରମ୍ଭ କରିବା ସକାଶେ ସମସ୍ତ ପ୍ରକାର ପ୍ରସ୍ତୁତି ସରିଛି। ଚଳିତ ମାସରେ ହିଁ ଭୋଗ ବ୍ୟବସ୍ଥା ଆରମ୍ଭ ହେବ ବୋଲି ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।



ସମଲେଇ ପ୍ରକଳ୍ପ ଆରମ୍ଭ ହେବା ପରେ ଭୋଗ ମଣ୍ଡପ ଭଙ୍ଗାଯିବା ପରଠାରୁ ଭୋଗ ବ୍ୟବସ୍ଥା ସ୍ଥଗିତ ରହିଥିଲା। ଫଳରେ ଦୂରଦୁରାନ୍ତରୁ ଆସୁଥିବା ଭକ୍ତ ଭୋଗରୁ ବଞ୍ଚିତ ହେଉଥିଲେ। ପୂର୍ବରୁ ଭୋଗରେ ଅରୁଆ ଅନ୍ନ, ଖିରି,ଘାଣ୍ଟ, ଡାଲି ଓ ଆମ୍ବିଳ ଆଦି ଦିଆଯାଉଥିଲା, ଯାହାକୁ ଭକ୍ତମାନେ ଖାଇ ମା' ସମଲେଇଙ୍କ ଆଶୀର୍ବାଦ ଲଭୁଥିଲେ। ଏହି କାର୍ଯ୍ୟରେ କେତେକ କର୍ମଚାରୀ ନିୟୋଜିତ ଥିବାରୁ ପୁଣିଥରେ ଭୋଗ ବ୍ୟବସ୍ଥା ଆରମ୍ଭ ହେଲେ ସେମାନେ ଉପକୃତ ହେବେ। ନୂଆ ଭୋଗ ମଣ୍ଡପ ନିର୍ମାଣ କାର୍ଯ୍ୟ ଶେଷ ହୋଇସାରିଥିବାରୁ ଭୋଗ ବ୍ୟବସ୍ଥା ପୁଣିଥରେ ଆରମ୍ଭ କରିବା ସକାଶେ ପ୍ରସ୍ତୁତି ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି କାମ ସରିବା ପରେ ତୁରନ୍ତ ଶ୍ରଦ୍ଧାଳୁ ଭୋଗ ପାଇବେ ବୋଲି ଟ୍ରଷ୍ଟ ପକ୍ଷରୁ ଘୋଷଣା କରାଯିବା ପରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।




## ୯୬ ୟୁନିଟ୍ ରକ୍ତ ସଂଗୃହୀତ

**ଭୁବନେଶ୍ୱର,୧୨।୧(ସଂଚାର ବ୍ୟୁରୋ):** ରକ୍ତଦାନ ମହତ ଦାନ। ବୁନ୍ଦାଏ ରକ୍ତ ଲାଗି ହସି ଉଠୁଥିବା ଜୀବନ ଲାଗି ରକ୍ତ ଦାନ କରିବା ନିହାତି ଦରକାର। ତୁମରି ରକ୍ତରେ କାହାର ଜୀବନ ବଞ୍ଚିଲେ, ସେ କର୍ମ ହେବ ତୁମର ଶ୍ରେଷ୍ଠ କର୍ମ। ଏହି ପରିପ୍ରେକ୍ଷୀରେ ଏହି ମହତ କାର୍ଯ୍ୟକୁ ରୂପରେଖ ଦେବା ଲାଗି ସର୍ବନେତ୍ର ଫାଉଣ୍ଡେଶନ ପକ୍ଷରୁ ରବିବାର ସ୍ଥାନୀୟ ପଟିଆ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରୁ ୯୬ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ମୁଖ୍ୟ ବକ୍ତା ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀପ୍ରିୟା ପରିଡ଼ା ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ସର୍ବନେତ୍ର ଫାଉଣ୍ଡେସନ ଅଧ୍ୟକ୍ଷ ତୁଷାର ରଞ୍ଜନ ପଣ୍ଡା ପରିଚାଳନା କରିଥିଲେ। ମୁଖ୍ୟ ପରାମର୍ଶଦାତା ଅନନ୍ତ ନାରାୟଣ ସାହୁ ଉପସ୍ଥିତ ଥିବା ବେଳେ ବିଜୟିନୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଦୁର୍ଘଟଣାରେ ଗଲା ଦମ୍ପତିଙ୍କ ଜୀବନ

**କରଞ୍ଜିଆ,୧୨।୧(ସଂଚାର ବ୍ୟୁରୋ):** ଏକ ବାଇକକୁ କୁକୁଡ଼ା ବୋଝେଇ ଭ୍ୟାନ୍ ଧକ୍କା ଦେବା ଫଳରେ ଦମ୍ପତି ପ୍ରାଣ ହରାଇଛନ୍ତି। ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ୫୩ ନମ୍ବର ରାଜ୍ୟ ରାଜପଥର କେନ୍ଦୁଜୁମୁଣ୍ଡି ଜଙ୍ଗଲ ନିକଟରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଦମ୍ପତି ହେଲେ ଚିରୁପଦାର ମନୋଜ ପୂର୍ତ୍ତି ଓ ତାଙ୍କ ପତ୍ନୀ କୁନି ମୁଦୁୟା। ମିଳିଥିବା ସୂଚନାନୁସାରେ, ମନୋଜ ବାଇକରେ ପତ୍ନୀ କୁନିଙ୍କୁ ଧରି କରଞ୍ଜିଆ ଆସୁଥିବା ସମୟରେ ସେମାନଙ୍କୁ ଏକ କୁକୁଡ଼ା ବୋଝେଇ ଭ୍ୟାନ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ କୁନିଙ୍କର ମୃତ୍ୟୁ ଘଟିଥିବା ବେଳେ ମନୋଜଙ୍କୁ ଗୁରୁତର ଅବସ୍ଥାରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇବା ପରେ କୁକୁଡ଼ା ବୋଝେଇ ଭ୍ୟାନ୍‌ଟି ଫେରାର୍ ହୋଇଯାଇଥିବାରୁ ଏହାକୁ ନେଇ ଦୁର୍ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ତେବ ସେଠାରେ ସ୍ଥାନୀୟ ପୁଲିସ୍ ପହଞ୍ଚି ସ୍ଥିତିକୁ ସ୍ୱାଭବିତ କରିଥିଲା। ଏଥିସହ ପୁଲିସ୍ ଏକ ମାମଲା ରୁଜୁ କରି ଫେରାର୍ ହୋଇଯାଇଥିବା ଭ୍ୟାନ୍‌କୁ ଜବତ କରିବା ସକାଶେ ଉଦ୍ୟମ ଚଳାଇଛି।




ପୁରୀ ଶ୍ରୀମନ୍ଦିରରେ ଜଗନ୍ନାଥଙ୍କୁ ଦର୍ଶନ ପରେ କେନ୍ଦ୍ର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କିର୍ତ୍ତୀବର୍ଦ୍ଧନ ସିଂହ, ନିକଟରେ ଅଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

## ଆଜିଠୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ

**ପୁରୀ,୧୨।୧(ସଂଚାର ବ୍ୟୁରୋ):** ଆସନ୍ତା ୨୦ ତାରିଖରୁ ଶ୍ରୀମନ୍ଦିରରେ ହେବନି ଧାଡ଼ି ଦର୍ଶନ ବ୍ୟବସ୍ଥା। ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ପରେ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ । ସେହିପରି ମହାପ୍ରଭୁଙ୍କ ପୌଷ ପୂର୍ଣ୍ଣିମା ନୀତି ଓ ମକର ସଂକ୍ରାନ୍ତି ନୀତି ଥିବାରୁ ଆଜିଠାରୁ ଆସନ୍ତା ୧୫ ତାରିଖ ଯାଏ ରତ୍ନଭଣ୍ଡାର ମରାମତି ବନ୍ଦ ରହିବ। ଆସନ୍ତା ଜାନୁଆରୀ ୨୦ ତାରିଖରୁ ଶ୍ରୀମନ୍ଦିର ନାଟମଣ୍ଡପ ଭିତରେ ଅସ୍ଥାୟୀ ବ୍ୟାରିକେଡ଼ କରାଯାଇ ଧାଡ଼ି ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଶ୍ରୀ ପାଢୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଶ୍ରୀମନ୍ଦିର ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ଗତ ଡିସେମ୍ବର ୧୭ରୁ ଜାରି ରହିଛି। ଯେଉଁ ଦିନ ମହାପ୍ରଭୁଙ୍କ ଅଧିକ ନୀତି ରହୁଛି, ଭକ୍ତଙ୍କ ଭିଡ଼ ଅଧିକ ରହୁଛି, ଉକ୍ତଦିନ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରଖାଯାଉଛି। ଆଗକୁ ମହାପ୍ରଭୁଙ୍କ ପୌଷ ପୂର୍ଣ୍ଣିମା ନୀତି ଓ ମକର ସଂକ୍ରାନ୍ତି ନୀତି ଥିବାରୁ ଆଜିଠାରୁ ୧୬ ତାରିଖ ପର୍ଯ୍ୟନ୍ତ ରତ୍ନଭଣ୍ଡାର ମରାମତି ବନ୍ଦ ରହିବ। ୧୬ ତାରିଖରୁ ପୁଣି ଆରମ୍ଭ ହେବ। ଶ୍ରୀମନ୍ଦିର ନାଟ ମଣ୍ଡପରେ ଧାଡ଼ି ଦର୍ଶନ କାର୍ଯ୍ୟକାରୀ ହେବା ପୂର୍ବରୁ ନାଟ ମଣ୍ଡପରେ ଥିବା ହୁଣ୍ଡିକୁ ସ୍ଥାନାନ୍ତର କରାଯିବ। ଯାହା ବିଧି ରହିଛି ଏହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଦରକାର। ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ପରେ ଏନେଇ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବ। ପରେ ନାଟମଣ୍ଡପରେ ଥିବା ହୁଣ୍ଡିକୁ ସ୍ଥାନାନ୍ତର କରାଯିବ। ଏଣୁ ଶ୍ରୀମନ୍ଦିର ଭିତରେ ଧାଡ଼ି ଦର୍ଶନ ବ୍ୟବସ୍ଥା ପାଇଁ ଆଉ କିଛି ଦିନ ଅପେକ୍ଷା କରିବାକୁ ପଡ଼ିବ ବୋଲି ଶ୍ରୀ ପାଢ଼ୀ କହିବା ସହ ଏନେଇ କୌଣସି ତାରିଖ କହିପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ତେବେ ସରକାରଙ୍କ ନିର୍ଦ୍ଦେଶ ଆସିବା ପରେ ଯାହାକିଛି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# କିମ୍ସରେ ୟୁଓୟୁ କଂଗ୍ରେସ ଅନୁଷ୍ଠିତ

### ଆଇଏଆଇଓର କାର୍ଯ୍ୟଧାରାକୁ ପ୍ରଶଂସା

**ଭୁବନେଶ୍ୱର,୧୨।୧(ସଂଚାର ବ୍ୟୁରୋ):** ରାଜଧାନୀ ଉପକଣ୍ଠସ୍ଥିତ କିମ୍ସ ପରିସରରେ ଇଣ୍ଟରନ୍ୟାସ୍‌ନାଲ କଂଗ୍ରେସ ଅନ ଫ୍ରଣ୍ଟିୟର୍ସ ଇନ୍ ୟୁରୋଲୋଜି-ଅଙ୍କଲୋଜି ଏବଂ ୟୁରୋପାଥୋଲୋଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଡାକ୍ତର ରାମଚନ୍ଦ୍ର ଦାଶ, ଡାକ୍ତର ରାଜଲ ସାହା ଓ ଡାକ୍ତର ମାହୁଲ ଅମିନ୍ ପ୍ରମୁଖ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆୟୋଜନ କମିଟିର ସମ୍ପାଦକ ମଣ୍ଡଳୀ ସଦସ୍ୟ ଡାକ୍ତର ରଞ୍ଜନା ଗିରି, ଡାକ୍ତର ସମ୍ବିତ କୁମାର ମହାନ୍ତି ଏବଂ ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ସୌରଭ କୁମାର ମିଶ୍ର ସାମ୍ପ୍ରତିକ ପରିସ୍ଥିତିରେ କିଭଳି ବିଭିନ୍ନ ପ୍ରକାର କର୍କଟ ରୋଗ, ବିଶେଷକରି ମୂତ୍ରାଶୟଜନିତ କର୍କଟର ମାତ୍ରା ବଢ଼ୁଛି ଏବଂ ତା'ର ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ସମ୍ପର୍କରେ ସୂଚନା ଦେଇଥିଲେ। ପରିଶେଷରେ ଇଣ୍ଟରନ୍ୟାସନାଲ ଆସୋସିଏସନ ଫର




ଇଣ୍ଟିଗ୍ରେଟେଡ୍ ଅଙ୍କୋଲୋଜି ବା ଆଇଏଆଇଓର ମୁଖ୍ୟ ଡାକ୍ତର ରୁଦ୍ରଭାନୁ ଶତପଥି ଧନ୍ୟବାଦ ଦେଇଥିଲେ। ଏହି ତିନିଦିନିଆ କାର୍ଯ୍ୟକ୍ରମର ଆରମ୍ଭରୁ ରାଜ୍ୟ ଓ ଦେଶବିଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବହୁ ଡାକ୍ତର ଓ ବିଶେଷଜ୍ଞ ଉପସ୍ଥିତ ରହି ୟୁରୋଲୋଜି, ଅଙ୍କୋଲୋଜି ଏବଂ ୟୁରୋପାଥୋଲୋଜି ସମ୍ପର୍କରେ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଏପରିକି ଭୁବନେଶ୍ୱରରେ ଏଭଳି କାର୍ଯ୍ୟକ୍ରମ କରାଯାଇଥିବାରୁ ସେମାନେ ଆଇଏଆଇଓ ସଂସ୍ଥାକୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କେତେକ ବିଶିଷ୍ଟ ବ୍ୟକ୍ତି ତଥା ଅଭିଜ୍ଞ ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ନକ୍ସଲ ସୁଡ଼ଙ୍ଗ ଠାବ, ଅତ୍ୟାଧୁନିକ ଏସ୍‌ଏଲ୍‌ଆର୍ ବନ୍ଧୁକ ଜବତ

**ମାଲକାନଗିରି,୧୨।୧(ସଂଚାର ବ୍ୟୁରୋ):** ଆଜି ମାଲକାନଗିରି ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ନକ୍ସଲମାନଙ୍କ ଏକ ଡମ୍ପ (ସୁଡ଼ଙ୍ଗ) ଠାବ କରିବା ସହ ପୁଲିସ୍ ସେଠାରୁ ଗୋଟିଏ ଅତ୍ୟାଧୁନିକ ଏସ୍‌ଏଲଆର ବନ୍ଧୁକ ଓ ଗୁଳି ଜବତ କରିଛି। ଏଥିସହ ନକ୍ସଲମାନେ ବ୍ୟବହାର କରୁଥିବା ଅନେକ ସାମଗ୍ରୀ



ମଧ୍ୟ ପୁଲିସ୍ ଜବତ କରିଥିବା ଜଣାପଡ଼ିଛି। ମୋଟୁ ଥାନା ଅନ୍ତର୍ଗତ ଜିନେଲଗୁଡ଼ାରେ ଏକ ନକ୍ସଲ ଡମ୍ପ ଥିବା ନେଇ ମାଲକାନଗିରି ଏସ୍‌ପି ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ଏହାପରେ ଗତକାଲି ତାଙ୍କ ନେତୃତ୍ୱରେ ଏକ ଡିଭିଏଫ୍ ଟିମ୍ ଜିନେଲଗୁଡ଼ାରେ ସର୍ଚ୍ଚ ଅପରେସନ କରିଥିଲେ। ସେହି ସମୟରେ ନକ୍ସଲ ଡମ୍ପ ଠାବ କରାଯାଇଥିଲା। ମାଟି ଖୋଳି ତା' ତଳୁ ବନ୍ଧୁକ, ଗୁଳି, ମୋବାଇଲ ଓ ଅନ୍ୟାନ୍ୟ ଜିନିଷ ଜବତ କରାଯାଇଥିଲା। ସାଧାରଣ ଲୋକଙ୍କୁ ଅବା ସୁରକ୍ଷା କର୍ମଚାରୀଙ୍କୁ ଟାର୍ଗେଟ କରିବା ଉଦ୍ଦେଶ୍ୟରେ ନକ୍ସଲମାନେ ଏହି ଡମ୍ପକୁ ବ୍ୟବହାର କରିଥା'ନ୍ତେ ବୋଲି ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମାଲକାନଗିରି ଏସ୍‌ପି କହିଛନ୍ତି। ମାଲକାନଗିରି ପୁଲିସ ପାଇଁ ଏହା ଏକ ଉଲ୍ଲେଖନୀୟ ସଫଳତା ଓ ଆଗକୁ ମଧ୍ୟ ପୁଲିସର ଏଭଳି ପ୍ରୟାସ ଜାରି ରହିବ ବୋଲି ଏସ୍‌ପି କହିଛନ୍ତି।

## ଯୁବ ଦିବସରେ ୪୦ ବର୍ଷ ବନ୍ଧୁତ୍ୱର ସ୍ମୃତିଚାରଣ




**ଭୁବନେଶ୍ୱର,୧୨।୧(ସଂଚାର ବ୍ୟୁରୋ):** ନୟାଗଡ଼ ମହାବିଦ୍ୟାଳୟରେ ୧୯୮୫ ମସିହାରେ+୨ ବିଜ୍ଞାନରେ ନାମ ଲେଖାଇଥିବା ଛାତ୍ରମାନେ ଆଜି ଜାତୀୟ ଯୁବ ଦିବସ ଅବସରରେ ଏକାଠି ହୋଇ ତାରୁଣ୍ୟର ସ୍ମୃତି ଚାରଣ କରିବା ସହିତ ନିଜ ଶିକ୍ଷାନୁଷ୍ଠାନର ବିକାଶରେ ସହଯୋଗର ହାତ ବଢ଼ାଇବାକୁ ନିଷ୍ପତ୍ତି ନେଇଛନ୍ତି। ଭୁବନେଶ୍ୱରର ଏକ ହୋଟେଲରେ ଆୟୋଜିତ ବନ୍ଧୁମିଳନ ଆରମ୍ଭରେ ଦିବଂଗତ ଶିକ୍ଷକ ଓ ଛାତ୍ର ବନ୍ଧୁମାନଙ୍କୁ ସ୍ମରଣ କରି ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଆଲୋଚନାରେ ଅଂଶଗ୍ରହଣ କରି ନୟାଗଡ଼ ମହାବିଦ୍ୟାଳୟର ବିକାଶ ଦିଗରେ ସକାରାତ୍ମକ ଭାବେ କ'ଣ ସବୁ ସହଯୋଗ କରାଯାଇପାରିବ, ସେ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ମହାବିଦ୍ୟାଳୟରେ ଅଧ୍ୟୟନରତ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀଙ୍କୁ ସହଯୋଗ କରିବାକୁ ଆଲୋଚନା ହେବା ସହ ନିୟମିତ ଭାବେ ଏଭଳି ବନ୍ଧୁମିଳନ ଆୟୋଜନ ପାଇଁ ସ୍ଥିର ହୋଇଥିଲା।

## ଟାୱାରରୁ ଖସି ଯୁବକଙ୍କ ମୃତ୍ୟୁ

**ପାଟଣାଗଡ଼,୧୨।୧:** ବଲାଙ୍ଗୀର ଜିଲା ବେଲପଡ଼ା ଥାନା ନୁନହାଡ଼ ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ପ୍ରାୟ ୧୫୦ ଫୁଟ ଉଚ୍ଚ ଏକ ଟେଲିଫୋନ ଟାୱାରରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣଙ୍କ ବେଲପଡ଼ା ଥାନା ନୁନହାଡ଼ ଗ୍ରାମର ହୋଇଥିଲେ ହେଁ ତାଙ୍କର ପରିଚୟ ମିଳିପାରିନାହିଁ। ସୂଚନାନୁସାରେ, କୌଣସି କାରଣକୁ ନେଇ ଯୁବକ ଜଣଙ୍କ ଉକ୍ତ ସୁଉଚ୍ଚ ଟାୱାରକୁ ଚଢ଼ିଯାଇଥିଲେ। ତାଙ୍କୁ ବଞ୍ଚାଇବା ସାନଭାଇ ମଧ୍ୟ ଟାୱାର ଉପରକୁ ଚଢିଥିଲେ। ହେଲେ ସାନଭାଇଙ୍କ ଉଦ୍ୟମ ସତ୍ତ୍ୱେ ବଡ଼ ଭାଇ ଟାୱାର ଉପରୁ ତଳକୁ ଖସିପଡ଼ିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।



# ବଢୁଛି ଏଚ୍‌ଏମ୍‌ପିଭି ସଂକ୍ରମଣ

**ଭୁବନେଶ୍ୱର,୧୨।୧(ସଂଚାର ବ୍ୟୁରୋ):** ରାଜ୍ୟରୁ ରାଜ୍ୟ ଡେଉଁଛି ଏଚଏମପିଭି। ଗତ ୩ରେ ବେଙ୍ଗାଲୁରରୁ ଦେଶର ପ୍ରଥମ ଏଚଏମପିଭି ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ସପ୍ତାହକ ଭିତରେ ଭାରତରେ ଏଚଏମପିଭି ଆକ୍ରାନ୍ତଙ୍କ ସଂଖ୍ୟା ୧୭ରେ ପହଁଚିଛି। ଯଦିଓ ଏହି ଭୂତାଣୁ ଅଧିକ ମାରାତ୍ମକ ନୁହେଁ ବୋଲି କୁହାଯାଉଛି, ତଥାପି ସଂକ୍ରମଣ ବଢ଼ିଚାଲିଛି। ଯାହାକୁ ନଜରରେ ରଖି ସଜାଗ ହୋଇଛି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ। ବୈଷୟିକ ପରାମର୍ଶଦାତା କମିଟିର ସଦସ୍ୟଙ୍କ ସହ ଭୂତାଣୁ ସମ୍ପର୍କରେ ଆଲୋଚନା ହୋଇଛି।

ଦେଶରେ ଏଚଏମପିଭି ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ରାଜ୍ୟ ସରକାର ମଧ୍ୟ ସତର୍କ ଅଛନ୍ତି। ସମସ୍ତ ଜିଲ୍ଲାକୁ ସର୍ଭେଲାନ୍ସରେ ରଖାଯାଇଛି। ଔଷଧ ଓ ଅକ୍ସିଜେନ, ଷ୍ଟେରଏଡ୍ ମହଜୁଦ୍ ରଖିବାକୁ ହସ୍ପିଟାଲଗୁଡ଼ିକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ତେବେ କେନ୍ଦ୍ର ପକ୍ଷରୁ ଏଚଏମପିଭି ମାର୍ଗଦର୍ଶିକା ଆସିଲେ, ତାକୁ ପାଳନ କରାଯିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ବିଜୟ ମହାପାତ୍ର। ସରକାର ସଜାଗ ହୋଇଥିବା ବେଳେ ଘରେ ଘରେ ଥଣ୍ଡା, ଜ୍ୱର ଓ କାଶ ଦେଖିବାକୁ ମିଳୁଛି। ଜର, ଥଣ୍ଡା ଛାଡ଼ିଗଲେ ବି କାଶ ଦୀର୍ଘଦିନ ଧରି ଲାଗି ରହୁଛି।

**ମାର୍ଗଦର୍ଶିକା ଆଣିବେ କେନ୍ଦ୍ର ସରକାର**

**ବୁଧବାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଜରୁରୀ ବୈଠକ**

ବଡ଼ କଥା ହେଉଛି, ଅଧିକାଂଶ ଥଣ୍ଡା, ଜ୍ୱର ଆକ୍ରାନ୍ତଙ୍କ ନିକଟରେ ଏଚଏମପିଭିର ଲକ୍ଷଣ ଦେଖାଯାଉଛି। କାରଣ ସାମାନ୍ୟ ଜ୍ୱର, ଥଣ୍ଡାର ଲକ୍ଷଣ, ଏଚଏମପିଭି ଭାଇରସ ସହ ପ୍ରାୟ ସମାନ। ତେବେ ସମସ୍ତେ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି କହିବା ଠିକ୍ ନୁହେଁ ବୋଲି କହିଛନ୍ତି ବରିଷ୍ଠ ଚିକିତ୍ସକ। ତେବେ ସତର୍କ ରହିବା ସହ ଗହଳି ସ୍ଥାନକୁ ଯାଉଥିଲେ ମାସ୍କ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି। ଏହି ରୋଗର କୌଣସି ସ୍ୱତନ୍ତ୍ର ଚିକିତ୍ସା ନାହିଁ। ନିମୋନିଆ ହେଲେ ଯେଉଁ ଚିକିତ୍ସା ଚାଲେ ଏଚ୍‌ଏମ୍‌ପିଭିରେ ମଧ୍ୟ ସମାନ ଚିକିତ୍ସା । ଏନେଇ ବୁଧବାର ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଛନ୍ତି। ସମସ୍ତ ଜିଲ୍ଲାର ସ୍ଥିତି ଓ ପ୍ରସ୍ତୁତି ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଲୋଚନା କରାଯିବ।

ଏଚଏମପିଭି ନେଇ କେନ୍ଦ୍ରେ ମାର୍ଗଦର୍ଶିକା ଆସିଲେ ରାଜ୍ୟ ସରକାର ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରିବେ। କେନ୍ଦ୍ର ଓ ଏନସିଡିସିର ବୈଷୟିକ ପରାମର୍ଶଦାତା କମିଟିର ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ଡାକ୍ତର ବିଜୟ ମହାପାତ୍ର କହିଛନ୍ତି ।

ସଂଚାର SANCHAR

୪ ସୋମବାର ୧୩ ଜାନୁଆରୀ ୨୦୨୫, ଭୁବନେଶ୍ୱର

Monday 13 January 2025 Bhubaneswar


# ନୂଆ ସମୀକରଣ ଅପେକ୍ଷାରେ

କେନ୍ଦ୍ରରେ ବିଜେପିକୁ କ୍ଷମତାଚ୍ୟୁତ କରିବାରେ କଂଗ୍ରେସ ବିଫଳ ହେବା ପରେ ଅନ୍ୟ ବିରୋଧୀ ଦଳ ଗୁଡ଼ିକ ନିରାଶ ହୋଇଛନ୍ତି। ଗତ ଲୋକସଭା ନିର୍ବାଚନରେ ଅନେକ ଆଞ୍ଚଳିକ ଦଳ କଂଗ୍ରେସ ସହ ମେଣ୍ଟ ବା ଆସନ ବୁଝାମଣା କରିଥିଲେ। ଏହି ମେଣ୍ଟର ନାମ ହେଲା ଇଣ୍ଡିଆ। ଏହାର ନେତୃତ୍ୱ କଂଗ୍ରେସ ନେଇଛି। କେବଳ ବିଜେପିକୁ କ୍ଷମତାଚ୍ୟୁତ କରିବା ପାଇଁ ଅନେକ ଦଳ ଅନିଚ୍ଛା ସତ୍ତ୍ୱେ କଂଗ୍ରେସ ସହ ହାତ ମିଳାଇଥିଲେ। ଅବଶ୍ୟ ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ଦଳ ଟିଏମସି ଇଣ୍ଡିଆ ବ୍ଲକରେ ଥିଲେ ମଧ୍ୟ କଂଗ୍ରେସ ତଥା ବାମପନ୍ଥୀଙ୍କ ସହ ଆସନ ବୁଝାମଣା ନକରି ଏକୁଟିଆ ଲଢ଼ିଥିଲା ଏବଂ ନିର୍ବାଚନରେ ବେଶ ସଫଳତା ମଧ୍ୟ ପାଇଥିଲା। ପଶ୍ଚିମବଙ୍ଗରେ କଂଗ୍ରେସ ଓ ବାମପନ୍ଥୀ ସାମ୍ମୁଖ୍ୟ ପରସ୍ପର ସହ ଆସନ ବୁଝାମଣା କରିଥିଲେ। କିନ୍ତୁ କେରଳରେ ଦୁଇ ଦଳ ପରସ୍ପର ବିରୋଧରେ ଲଢ଼ିଥିଲେ। ଅନେକ ରାଜ୍ୟାରେ ଇଣ୍ଡିଆ ବ୍ଲକର ଅଂଶୀଦାର ଦଳମାନେ ପରସ୍ପର ବିରୋଧରେ ଲଢ଼ିଥିଲେ। କାରଣ ସବୁଠି ସବୁ ଦଳର ପ୍ରଭାବ ନାହିଁ। ଦିଲ୍ଲୀରେ କଂଗ୍ରେସ ଓ ଆପ ପରସ୍ପର ମଧ୍ୟରେ ଆସନ ବୁଝାମଣା କରିଥିଲେ। ଦିଲ୍ଲୀରେ ଆପର ପ୍ରଭାବ ରହିଛି। କିନ୍ତୁ ଗୁଜରାଟରେ ଆପର ପ୍ରଭାବ ସୀମିତ। ତେଣୁ ସେଠାରେ କଂଗ୍ରେସ ଆପ ସହ ବୁଝାମଣା କରିନଥିଲା। ପଞ୍ଜାବରେ ଆପ ହେଉଛି।ସକ ଦଳ ଏବଂ କଂଗ୍ରେସ ମୁଖ୍ୟ ବିରୋଧୀ। ତେଣୁ ସେଠାରେ ଉଭୟ ଦଳ ମଧ୍ୟରେ ବୁଝାମଣା ହୋଇପାରିନଥିଲା। ଉତ୍ତରପ୍ରଦେଶରେ କଂଗ୍ରେସ ଓ ସମାଜବାଦୀ ପାର୍ଟୀ ମଧ୍ୟରେ ଆସନ ବୁଝାମଣା ହୋଇଥିଲା। କିନ୍ତୁ ମଧ୍ୟପ୍ରଦେଶରେ କଂଗ୍ରେସ ସମାଜବାଦୀ ପାର୍ଟୀକୁ ଉପେକ୍ଷା କରିଥିଲା। ଏଭଳି ଭାବେ ଇଣ୍ଡିଆ ବ୍ଲକ ସାରା ଦେଶରେ ଏକ ହୋଇ ଲଢ଼ିବା ସମ୍ଭବ ହୋଇପାରିନଥିଲା। ତଥାପି ବିଜେପିକୁ ହରାଇବା ପାଇଁ ଏସବୁ ଦଳମାନେ ଯଥାସମ୍ଭବ ପ୍ରୟାସ କରିଥିଲେ ଏବଂ ଯେଉଁଠି ଆବଶ୍ୟକ ସେଠାରେ ଆସନ ବୁଝାମଣା କରିଥିଲେ। ଏଥିରେ ଆଂଶିକ ସଫଳତା ମଧ୍ୟ ମିଳିଥିଲା। ୟୁପି, ମହାରାଷ୍ଟ୍ର ଭଳି ଦୁଇଟି ବଡ଼ ରାଜ୍ୟରେ ବିଜେପିକୁ ଅନେକ ଆସନ ହରାଇବାକୁ ପଡ଼ିଥିଲା। ତେଣୁ ଲୋକସଭାରେ ବିଜେପିର ଆସନ ସଂଖ୍ୟା ୨୪୦ରେ ସୀମିତ ରହିଲା। କିନ୍ତୁ କଂଗ୍ରେସ ସାମଗ୍ରୀକ ଭାବେ କ୍ରମାଗତ ତୃତୀୟ ଥର ପାଇଁ ବିଫଳ ହେଲା। ୟୁପି, ମହାରାଷ୍ଟ୍ର ଭଳି ରାଜ୍ୟରେ ସହଯୋଗୀ ଦଳମାନଙ୍କ ଆଶୀର୍ବାଦରୁ ଏହା ୯୯ ଆସନ ପାଇ ଲୋକସଭାରେ ମୁଖ୍ୟ ବିରୋଧୀ ଦଳର ମାନ୍ୟତା ପାଇପାରିଲା। ତେବେ ଯେଉଁଠି କଂଗ୍ରେସ ବିଜେପିର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱି ସେଠାରେ ଦଳକୁ ବିଫଳତାର ସ୍ୱାଦ ଚାଖିବାକୁ ପଡ଼ିଲା। ମଧ୍ୟପ୍ରଦେଶ, ଛତିଶଗଡ଼, କର୍ଣ୍ଣାଟକ, ଆସାମ, ଗୁଜରାଟ ଭଳି ରାଜ୍ୟରେ କଂଗ୍ରେସ ଶୋଚନୀୟ ପରାଜୟର ସମ୍ମୁଖୀନ ହେଲା। ତେଲେଙ୍ଗାନା, ରାଜସ୍ଥାନ, ଓଡ଼ିଶା, ବିହାରରେ ମଧ୍ୟ ଏହା ସଫଳତା ପାଇବାରେ ବିଫଳ ହେଲା। ଲୋକସଭା ନିର୍ବାଚନ ପରେ ହରିୟାନା, ମହାରାଷ୍ଟ୍ର ଭଳି ରାଜ୍ୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ମଧ୍ୟ କଂଗ୍ରେସ ଶୋଚନୀୟ ଭାବେ ପରାଜିତ ହୋଇଛି ଏବଂ ରାଜ୍ୟରେ କ୍ଷମତାକୁ ଫେରିବା ଉଦ୍ୟମ ବିଫଳ ହୋଇଛି। ଏହା ପରେ ଅଣକଂଗ୍ରେସ ବିରୋଧୀ ଦଳମାନେ ଏବେ କଂଗ୍ରେସ ଉପରେ ଆସ୍ଥା ହରାଇଛନ୍ତି ଏବଂ କଂଗ୍ରେସକୁ ବାଦ ଦେଇ ନୂଆ ଇଣ୍ଡିଆ ମେଣ୍ଟ ଗଠନ ଉପରେ ଆଲୋଚନା ଆରମ୍ଭ କରିଛନ୍ତି ଏହାର ନେତୃତ୍ୱ ନେଇଛନ୍ତି ମମତା ବାନାର୍ଜୀ। ତାଙ୍କୁ ଅରବିନ୍ଦ କେଜରିୱାଲ, ଲାଲୁ ପ୍ରସାଦ ଯାଦବ, ଅଖିଳେଶ ଯାଦବ, ଓମାର ଅବଦୁଲ୍ଲା, ଜଗନ ମୋହନ ରେଡ୍ଡୀ, ଶରଦ ପାୱାର ସମର୍ଥନ କରୁଛନ୍ତି। ଦିଲ୍ଲୀ ବିଧାନସଭା ନିର୍ବାଚନରେ କଂଗ୍ରେସ ସହ ଆପ ସମସ୍ତ ସମ୍ପର୍କ ଛିନ୍ନ କରି ଏକାକି ଲଢ଼ୁଛନ୍ତି। ଜାମ୍ମୁ-କାଶ୍ମୀରର ମୁଖ୍ୟମନ୍ତ୍ରୀ ତଥା ନ୍ୟାସନାଲ କନଫରେନ୍ସ ନେତା ଓମାର ଅବଦୁଲ୍ଲା କଂଗ୍ରେସ ବିରୋଧରେ ବର୍ଷିଛନ୍ତି ଏବଂ କଂଗ୍ରେସକୁ ବାଦ ଦେଇ ନୂଆ ମେଣ୍ଟ ଗଠନ କରିବା ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି। କିନ୍ତୁ ବାମପନ୍ଥୀ ସାମ୍ମୁଖ୍ୟ, ଡିଏମକେ, ଜେଏମଏମ ଭଳି କେତେକ ଦଳ ଏହା ଉପରେ ନିରବତା ଅବଲମ୍ବନ କରିଛନ୍ତି। ସେମାନେ ଖୋଲାଖୋଲି ଭାବେ କଂଗ୍ରେସ ବିରୋଧରେ କିଛି କହୁନଥିଲେ ମଧ୍ୟ କଂଗ୍ରେସର ଆଭିମୁଖ୍ୟରେ ସନ୍ତୁଷ୍ଟ ନାହାଁନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ନେତୃତ୍ୱକୁ ଦେଶବାସୀ ଆଜି ପର୍ଯ୍ୟନ୍ତ ଗ୍ରହଣ କରିପାରିନାହାଁନ୍ତି। ତେଣୁ ତାଙ୍କ ନେତୃତ୍ୱରେ ଇଣ୍ଡିଆମେଣ୍ଟ ଗତ ନିର୍ବାଚନରେ ପରାଜିତ ହେଲା। ଯଦି ମମତା ବାନାର୍ଜୀଙ୍କ ନେତୃତ୍ୱରେ ନୂଆ ବିରୋଧୀ ମେଣ୍ଟ ଗଠିତ ହୁଏ ତେବେ ଏହିସବୁ ଦଳମାନେ ମଧ୍ୟ ସେଥିରେ ସାମିଲ ହୋଇପାରନ୍ତି। ଏହା ସହିତ ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧିନ ବିଜେଡି କଂଗ୍ରେସମୁକ୍ତ ଇଣ୍ଡିଆ ବ୍ଲକରେ ସାମିଲ ହୋଇପାରେ ଜଗନ ମୋନ ରେଡ୍ଡୀ ମଧ୍ୟ ସମାନ ଚିନ୍ତାଧାରା ବ୍ୟକ୍ତ କରି ଆସୁଛନ୍ତି। ବିହାରରେ ନୀତିଶ କୁମାରଙ୍କୁ ପ୍ରଲୋଭିତ କରି ବିରୋଧୀ ମେଣ୍ଟରେ ସାମିଲ କରିବା ପ୍ରୟାସ ଜାରି ରହିଛି। ଇତିମଧ୍ୟରେ ମହାରାଷ୍ଟ୍ର ରାଜନୀତିରେ ଏକ ବଡ଼ ପରିବର୍ତ୍ତନର ସଙ୍କେତ ମିଳିଛି। ଶରଦ ପାୱାରଙ୍କ ନେତୃତ୍ୱାଧିନ ଏନସିପିର ୧୦ଜଣ ବିଧାୟକ ଅଜିତ ପାୱାରଙ୍କ ନେତୃତ୍ୱାଧିନ ଏନସିପିରେ ସାମିଲ ହେବାକୁ ଯୋଜନା କରୁଛନ୍ତି ବୋଲି ସଙ୍କେତ ମିଳିଛି। ଏହା ଫଳରେ ମହାରାଷ୍ଟ୍ର ବିଧାନସଭାରେ ଶରଦଙ୍କ ଦଳ ଶୂନ ହୋଇଯିବ। ଲୋକସଭାରେ ମଧ୍ୟ ଦଳର କିଛି ସାଂସଦ ଏନଡିଏରେ ସାମିଲ ହୋଇପାରନ୍ତି। ଏପରିକି ନିଜେ ଶରଦ ପାୱାର ମଧ୍ୟ ସିନ୍ଦେଙ୍କ ଦଳରେ ସାମିଲ ହୋଇପାରନ୍ତି। ଏହା ଦ୍ୱାରା ଏନସିପିର ଏକତ୍ରିକରଣ ହୋଇପାରିବ ଏବଂ ଶରଦ ପାୱାରଙ୍କ ଦ୍ୱାରା ପ୍ରତିଷ୍ଠିତ ଦଳ ନିଜ ସତ୍ତା ବଜାୟ ରଖିପାରିବ। ନିଜ ରାଜନୈତିକ ଜୀବନର ଅପରାହ୍ନରେ ଶରଦ ନିଜ ଦଳକୁ ପୁନର୍ଗଠିତ କରିବାକୁ ଚାହୁଁଛନ୍ତି। ଏହା ଫଳରେ ସେ ସମ୍ମାନର ସହ ରାଜନୀତିରୁ ସନ୍ୟାସ ନେବେ। ପୁତୁରା ଅଜିତ ପାୱାର ରାଜ୍ୟରେ ଦଳର ନେତୃତ୍ୱ ନେବେ ଏବଂ କ୍ଷମତାର ଅଂଶୀଦାର ହୋଇ ରହିବେ। ଝିଅ ସୁପ୍ରିୟା ସୁଲେ ଜାତୀୟ ସ୍ତରରେ ଦଳର ନେତୃତ୍ୱ ନେଇ କେନ୍ଦ୍ରୀୟ ରାଜନୀତିରେ ଶରଦଙ୍କ ପ୍ରତିନିଧିତ୍ୱ କରିବେ। ଯଦି ଏଭଳି କିଛି ହୁଏ ତେବେ ମହାରାଷ୍ଟ୍ର ରାଜନୀତିରେ ବଡ଼ ପରିବର୍ତ୍ତନ ହେବ ଏବଂ ରାଜ୍ୟ ରାଜନୀତିରେ ଏକପ୍ରକାର ନୂଆ ସମୀକରଣ ସୃଷ୍ଟି ହୋଇପାରେ। ଏହାର ପ୍ରଭାବ ଜାତୀୟ ରାଜନୀତି ଉପରେ ପଡ଼ିବ। ମହାରାଷ୍ଟ୍ରରେ ଯଦି ଏନସିପି ପୁନର୍ଗଠିତ ହେବ ତେବେ ଭବିଷ୍ୟତରେ ଏହା ମମତା ବାନାର୍ଜୀଙ୍କ ନେତୃତ୍ୱାଧିନ ପ୍ରସ୍ତାବିତ ନୂତନ ମେଣ୍ଟରେ ସାମିଲ ହୋଇପାରେ। ଏଥିପାଇଁ ଦ୍ୱାର ଉନ୍ମୁକ୍ତ ରହିଛି। ସେହିପରି ନୀତିଶ କୁମାର, ଚନ୍ଦ୍ରବାବୁ ନାଇଡୁ ଯଦି ଏନଡିଏରୁ ଓହରିଯିବେ ତେବେ କେନ୍ଦ୍ରରେ ମୋଦି ସରକାରଙ୍କ ପ୍ରତି ବିପଦ ସୃଷ୍ଟି ହୋଇପାରେ। ଏପରିକି ନିର୍ବାଚନ ପୂର୍ବରୁ କେନ୍ଦ୍ରରେ ଏକ ବିକଳ୍ପ ସରକାର ଗଠନ ସମ୍ଭାବନା ମଧ୍ୟ ରହିଛି। ରାଜନୀତିରେ ପରିବର୍ତ୍ତନ ଗୋଟିଏ ଦିନରେ ହୁଏ ନାହିଁ। ଏଥିପାଇଁ ସମୟର ଆବଶ୍ୟକତା ରହିଛି। ଧିରେ ପରିବର୍ତ୍ତନ ଲାଗି ଅନୁକୁଳ ପରିସ୍ଥିତି ସୃଷ୍ଟି ହେଉଛି। ୨୦୨୫ ଶେଷ ସୁଦ୍ଧା ଅନେକ ପରିବର୍ତ୍ତନର ସଙ୍କେତ ମିଳୁଛି। ବିରୋଧୀ ମେଣ୍ଟର ନେତୃତ୍ୱ ପରିବର୍ତ୍ତନ ସମ୍ଭାବନା ଯେତିକି ରହିଛି, ଏନଡିଏ ଅଧିକ ଶକ୍ତିଶାଳି ହେବାର ସମ୍ଭାବନା ମଧ୍ୟ ସେତିକି ରହିଛି। ବିହାର ବିଧାନସଭା ନିର୍ବାଚନ ପରେ ନୂଆ ସମୀକରଣ ଲାଗି ପଥ ପରିଷ୍କାର ହୋଇପାରେ।

## ସମ୍ପାଦକଙ୍କୁ ପତ୍ର

### ଉଡ଼ାନ ଯୋଜନା ସମ୍ପ୍ରସାରିତ ହେଉ

**ମହାଶୟ,**

କେନ୍ଦ୍ର ସରକାରଙ୍କ ଉଡ଼ାନ ଯୋଜନା ଅନୁଯାୟୀ ରାଜ୍ୟର କେତେକ ଛୋଟ ସହରରେ ବିମାନ ବନ୍ଦର ପ୍ରତିଷ୍ଠା ହୋଇଛି। ରାଉରକେଲା, ବ୍ରହ୍ମପୁର, ଜୟପୁର, ଝାରସୁଗୁଡ଼ା ଆଦି ସହରରେ ଏହିସବୁ ବିମାନ ବନ୍ଦର ପ୍ରତିଷ୍ଠା ହୋଇଛି। ଫଳରେ ଭୁବନେଶ୍ୱର ସହ ପଶ୍ଚିମ, ଦକ୍ଷିଣ ଓଡ଼ିଶା ସହିତ ବିମାନ ସଂଯୋଗ ହୋଇପାରିଛି। ଏହି ଯୋଜନା ତତ୍କାଳ ଲାଭଜନକ ହୋଇନପାରେ। କିନ୍ତୁ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ଯୋଜନା କରାଯାଇଛି। ନିକଟରେ ଝାରସୁଗୁଡ଼ାରୁ ଦେଶର କେତେକ ପ୍ରମୁଖ ସହରକୁ ନୂଆ ବିମାନ ଚଳାଚଳ ଆରମ୍ଭ ହୋଇଛି। ଏହା ସ୍ୱାଗତଯୋଗ୍ୟ। କିନ୍ତୁ ଉତ୍ତର ଓଡ଼ିଶାରେ ମଧ୍ୟ ଏଭଳି ବିମାନ ବନ୍ଦର ପ୍ରତିଷ୍ଠାର ଆବଶ୍ୟକତା ରହିଛି। ବାରିପଦା ସହରରେ ଏପରି ଏକ ବିମାନ ବନ୍ଦର ପ୍ରତିଷ୍ଠା ଯୋଜନା ରହିଛି ଯାହାକୁ ଶୀଘ୍ର କାର୍ଯ୍ୟକାରୀ କରାଯିବା ଉଚିତ। ଏହା ବ୍ୟତିତ ପୁରୀରେ ପ୍ରସ୍ତାବିତ ନୂତନ ବିମାନ ବନ୍ଦର ପ୍ରତିଷ୍ଠା କାର୍ଯ୍ୟ ତ୍ୱରାନ୍ୱିତ ହେବା ଉଚିତ। ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ବିକାଶ ନିମନ୍ତେ ଏହା ଜରୁରୀ।

**ଦେବାଶୀଷ ଆଚାର୍ଯ୍ୟ, ବାରିପଦା**

# ବଢ଼ୁଛି ଧନକୁବେରଙ୍କ ସଂଖ୍ୟା ଓ ସମ୍ପତ୍ତି



**ଗୋପାଳ ମହାପାତ୍ର**

ସାରା ବିଶ୍ୱରେ ଅରବପତି ବା ଧନକୁବେରମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଧନକୁବେରମାନଙ୍କ ବୃଦ୍ଧି ହାରକୁ ଦେଖିଲେ ସ୍ପଷ୍ଟ ଯେ ଭାରତୀୟ ମାନେ ସବୁଠାରୁ ଆଗରେ ଅଛନ୍ତି। କିନ୍ତୁ ତଥାପି ଭାରତର କୋଟି କୋଟି ଲୋକଙ୍କୁ ସରକାର ଦେଉଥିବା ମାଗଣା ରାସନ (ଚାଉଳ, ଗହମ)ରେ ନିଜର ଭୋକ ମେଣ୍ଟାଇବାକୁ ପଡୁଛି। ଏହାକୁ ଦୁର୍ଭାଗ୍ୟ ବୋଲି କୁହାଯିବ ନା ଏହାକୁ ଆମ ନୀତି ନିର୍ମାତା ମାନଙ୍କର ତ୍ରୁଟିର ଫଳ ବୋଲି କୁହାଯିବ? ଜାତିସଂଘ ପକ୍ଷରୁ ୨୦୨୪ର ରିପୋର୍ଟରେ କୁହାଯାଇଛି ଯେ ଭାରତର ୨୩.୪ କୋଟି ଲୋକ ଏବେ ବି ଦାରିଦ୍ର୍ୟ ସୀମା ରେଖା ତଳେ ରହିଛନ୍ତି। କୌଣସି ବ୍ୟକ୍ତିର ଆୟ ରାଷ୍ଟ୍ରୀୟ ଆୟ ତୁଳନାରେ ଯଦି ୬୦ ପ୍ରତିଶତ କମ୍ ତେବେ ସେହି ବ୍ୟକ୍ତି ଦାରିଦ୍ର୍ୟ ସୀମା ରେଖା ତଳେ ରହିଛି ବୋଲି କୁହାଯାଏ। ଭାରତ ସରକାର ଦେଶର ଗରୀବଙ୍କ ପ୍ରସଙ୍ଗରେ କହୁଛନ୍ତି ଯେ ଦେଶରୁ ଗରୀବଙ୍କ ସଂଖ୍ୟା ୮୫ ପ୍ରତିଶତ କମିଯାଇଛି। ଏବେ ଦେଶରେ ମାତ୍ର ୫ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହୁଛନ୍ତି। ସରକାରଙ୍କ ପକ୍ଷରୁ ଦିଆଯାଉଥିବା ତଥ୍ୟ ଯଦି ଠିକ୍ ଓ ଯଦି ଦେଶରୁ ଗରୀବଙ୍କ ସଂଖ୍ୟା ୮୫ ପ୍ରତିଶତ କମିଯାଇଛି ତେବେ ଯେଉଁ ୮୧ କୋଟି ଲୋକଙ୍କୁ ସରକାର ମାଗଣାରେ ରାସନ ସାମଗ୍ରୀ ଯୋଗାଉଛନ୍ତି ସେମାନେ କିଏ? ସରକାର ଏତେ ଲୋକଙ୍କୁ ମାଗଣାରେ ରାସନ ସାମଗ୍ରୀ ଯୋଗାଉଛନ୍ତି କାହିଁକି? ଏଥିରୁ ସ୍ପଷ୍ଟ ଯେ ସରକାର ୮୫ ପ୍ରତିଶତ ଗରୀବଙ୍କ ସଂଖ୍ୟା କମିଯାଇଛି ବୋଲି ଯାହା କହୁଛନ୍ତି ତାହା ଠିକ୍ ନୁହେଁ। ଯଦି ସରକାର କହୁଥିବା କଥା ଠିକ୍ ତେବେ ଏତେ ଲୋକଙ୍କୁ ମାଗଣାରେ ରାସନ ସାମଗ୍ରୀ ଦେବାର ଯଥାର୍ଥତା କ'ଣ ରହିଛି?

ସାରା ବିଶ୍ୱରେ ଯେଭଳି ଭାବରେ ଧନକୁବେରଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି ସେଇ ଅନୁପାତରେ ଭାରତର ସ୍ଥାନ ଶୀର୍ଷରେ ରହିଛି। ୟୁବିଏସ୍‌ର ଏକ ରିପୋର୍ଟ ଏଇ କିଛି ଦିନ ତଳେ ପ୍ରକାଶ ପାଇଛି। ୟୁବିଏସ୍‌ର ଏହି ରିପୋର୍ଟ ଅନୁସାରେ ଚୀନରେ ଧନକୁବେର ମାନଙ୍କ ସମ୍ପତ୍ତି ବାର୍ଷିକ ୨୦ପ୍ରତିଶତ ହାରରେ ବୃଦ୍ଧି ପାଉଥିଲା। ବିଗତ ୫ବର୍ଷରେ ଏହା ୫ ପ୍ରତିଶତ କମିଛି। ୨୦୨୦ରୁ ୨୦୨୪ ମଧ୍ୟରେ ଆମେରିକାର ଧନକୁବେର ମାନଙ୍କ ସମ୍ପତ୍ତି ୫୮.୫ ପ୍ରତିଶତ ହାରରେ ବୃଦ୍ଧି ପାଇଛି। କିନ୍ତୁ ଭାରତରେ ଧନକୁବେରଙ୍କ ସଂଖ୍ୟା ଯେଉଁ ହାରରେ ବଢ଼ିଛି ତାହାକୁ ଦେଖି ସାରା ବିଶ୍ୱରେ ଦେଶମାନେ ଆଶ୍ଚର୍ଯ୍ୟ ହେଉଛନ୍ତି। ବିଗତ ୧୦ ବର୍ଷ ମଧ୍ୟରେ ଭାରତର ଧନ କୁବେର ମାନଙ୍କ ସମ୍ପତ୍ତି ୩ଗୁଣ ବଢ଼ି ୭୬ଲକ୍ଷ କୋଟିରୁ ୨୦୩ ଲକ୍ଷ କୋଟି ରେ ପହଞ୍ଚିଛି। ୧୦ ବର୍ଷ ମଧ୍ୟରେ ଭାରତର ଧନକୁବେରଙ୍କ ସଂଖ୍ୟା ୮୩ ରୁ ବଢ଼ି ୧୮୫ରେ ପହଞ୍ଚିଛି। ଏହା ଏକ ରେକର୍ଡ ନିଶ୍ଚୟ। ଭାରତର ଶେୟାର ବଜାରର ଭୂମିକା ଏ ଦିଗରେ ଅଧିକ ରହିଛି। ୨୦୧୭ରେ କ୍ରେଡିଟ ସୁଇସ ପକ୍ଷରୁ ଯେଉଁ ତଥ୍ୟ ପ୍ରକାଶ ପାଇଥିଲା ତଦନୁସାରେ ଭାରତରେ ବିଜିନସଷ୍ଟକ ଏକ୍ସଚେଞ୍ଜରେ ଯେଉଁ ୫୦୦ ଶୀର୍ଷ ପଞ୍ଜିକୃତ କମ୍ପାନୀ ଥିଲେ ସେମାନଙ୍କ ସମ୍ପତ୍ତି ତ୍ୱରିତ ଗତିରେ ବୃଦ୍ଧି ପାଇଥିଲା। ଭାରତୀୟ ଶେୟାର ବଜାର ବିଗତ ବର୍ଷ ମାନଙ୍କରେ ରେକର୍ଡ ସୃଷ୍ଟି କରିଥିଲା। ଏହା ସାରା ବିଶ୍ୱକୁ ହତଚକିତ କରି ଦେଇଥିଲା।

ଚୀନରେ ବିଗତ ୫ବର୍ଷ ମଧ୍ୟରେ ଧନକୁବେରଙ୍କ ସଂଖ୍ୟା ୧୬ ପ୍ରତିଶତ କମିଛି। ଚୀନ ସରକାର ତାଙ୍କ ଦେଶର ଗରୀବ ଓ ମଧ୍ୟବର୍ଗଙ୍କ ସ୍ଥିତିକୁ ସୁଧାରିବାପାଇଁ କେତେକ ନିୟମରେ ପରିବର୍ତ୍ତନ କରିଛନ୍ତି, ଏହାର ପରିଣାମ ମଧ୍ୟ ଚୀନରେ ଦେଖିବାକୁ ମିଳୁଛି। ଆମେରିକାର ଧନକୁବେର ମାନେ ମଧ୍ୟ ଭାରତର ଧନକୁବେର ମାନଙ୍କ ମୁକାବିଲା କରିପାରୁ ନାହାଁନ୍ତି। ବିଗତ ୫ ବର୍ଷ ମଧ୍ୟରେ ଆମେରିକାର ଧନକୁବେର ମାନଙ୍କ ସମ୍ପତ୍ତି ୫୮.୫ ପ୍ରତିଶତ ବଢ଼ିଥିବା ବେଳେ ୟୁରୋପରେ କେତେକ ଦେଶରେ ଧନକୁବେରଙ୍କ ସଂଖ୍ୟାର ବୃଦ୍ଧିହାର କମ୍ ରହିଛି। କିନ୍ତୁ ଭାରତରେ ସଂଖ୍ୟା ଓ ସମ୍ପତ୍ତି ଉଭୟର ବୃଦ୍ଧି ହାର ବଢ଼ିଚାଲିଛି। ସାରା ବିଶ୍ୱର ଧନକୁବେର ମାନଙ୍କ ମୋଟ ସମ୍ପତ୍ତି ୨୦୧୫ରେ ୫୩୩.୫ ଲକ୍ଷ କୋଟିଥିଲା। ୨୦୨୪ ବେଳକୁ ଏହା ବୃଦ୍ଧି ପାଇ ୧୧୮୫ଲକ୍ଷ କୋଟିରେ ପହଞ୍ଚିଯାଇଛି। ବିଶ୍ୱର ୧୮୫ ଧନକୁବେରଙ୍କର ସମ୍ପତ୍ତି ଯେତିକି ଭାରତର ୧୦୨ ଧନକୁବେର ଶିଳ୍ପ ପତିଙ୍କ ସମ୍ପତ୍ତି ମଧ୍ୟ ସେତିକି ବୋଲି ଜଣାପଡ଼ିଛି। ପୁଞ୍ଜିବାଦର ଏହି ଯୁଗରେ ଭାରତରେ ଧନକୁବେର ମାନଙ୍କର ସମ୍ପତ୍ତି ଏବଂ ଆୟ ଅଧିକ ଭାବେ ବଢ଼ିଛି।

ଭାରତରେ ଧନକୁବେର ମାନଙ୍କ ସଂଖ୍ୟା ଓ ସମ୍ପତ୍ତି ବଢ଼ିଛି କିନ୍ତୁ ଏମାନେ ସବୁଠାରୁ କମ୍ ଟିକସ୍ ସରକାରଙ୍କୁ ଦେଇଥାନ୍ତି। ବିଗତ ୧୦ ବର୍ଷ ମଧ୍ୟରେ ମଧ୍ୟମ ବର୍ଗ ଓ ଗରୀବଙ୍କ ଉପରେ ଟିକସ ଓ ଅନ୍ୟ ଶୁଳ୍କ ବଢ଼ାଇ ଦିଆଯାଇଛି। ଭାରତର ମଧ୍ୟମବର୍ଗ ଏବଂ ଗରୀବ ବର୍ଗଙ୍କ ଆୟ କମିବାରେ ଲାଗିଛି। ଏହି କାରଣରୁ ଅସମାନତା, ସାମାଜିକ ଅବ୍ୟବସ୍ଥା ବଢ଼ିବାରେ ଲାଗିଛି। ବିଗତ ୧୦ ବର୍ଷ ମଧ୍ୟରେ ଭାରତରେ ଧନୀ ଓ ଗରୀବଙ୍କ ମଧ୍ୟରେ ଖାଇ ବଢ଼ିବାରେ ଲାଗିଛି। ଭାରତର ପରିଚୟ ଏକ ସମାଜବାଦୀ ଦେଶ ଭାବରେ ଥିଲ କିନ୍ତୁ ପୁଞ୍ଜିବାଦ ଏବଂ ସାମ୍ୟବାଦରର ମିଶ୍ରଣ ଥିଲା। କିନ୍ତୁ ବିଗତ ୧୦ ବର୍ଷ ମଧ୍ୟରେ ଭାରତବର୍ଷ ପୁଞ୍ଜିବାଦ ବ୍ୟବସ୍ଥା ବଢ଼ିଛି। ଭାରତୀୟ ଅର୍ଥବ୍ୟବସ୍ଥା ପୁଞ୍ଜିବାଦକୁ ଅସମାନ ପ୍ରକ୍ରିୟାରେ ବଢ଼ିବାର ସୁଯୋଗ ଦେଇଛି। ଧନକୁବେରଙ୍କ ସମ୍ପତ୍ତି ଓ ଆୟ ବଢ଼ିବା, ମଧ୍ୟମବର୍ଗ ଓ ଗରିବଙ୍କ ଆୟ ବ୍ୟୟ ତୁଳନାରେ କମିବା ଭାରତ ପାଇଁ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି।



ଭାରତରେ ବେରୋଜଗାରୀ ହାର ବଢ଼ିଛି ଏବଂ ଦରଦାମ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ମଧ୍ୟମ ବର୍ଗ ଏବଂ ନିମ୍ନ ବର୍ଗଙ୍କ ଉପରେ ଋଣର ବୋଝ୍ ବଢ଼ିବାରେ ଲାଗିଛି ଏବଂ ଏମାନଙ୍କ ସଞ୍ଚୟ ହାର କମିଛି। ଏହାର ବିପରିତ ସବୁ ବ୍ୟବସାୟ ସରକାରୀ ନୀତି କାରଣରୁ କର୍ପୋରେଟ କମ୍ପାନୀ ମାନଙ୍କ ହାତକୁ ଚାଲିଯାଉଛି।

ଭାରତରେ ସମ୍ପତ୍ତି କରଶୂନ୍ୟ ଅଟେ ଏବଂ ପୁଞ୍ଜିଗତ ଲାଭକର ଆମେରିକା ତୁଳନାରେ କମ୍ ଅଟେ। ଭାରତର ଟିକସ ବା କର ପ୍ରଣାଳୀ ଧନକୁବେରଙ୍କୁ ଅଧିକ ସୁହାଉଛି। ଉଦାହରଣ ହେଉଛି କୋରେନା ମହାମାରୀ ସମୟରେ ମୋଦୀ ସରକାର କର୍ପୋରେଟ ଟିକସ ହାର କମାଇ ଦେଇଥିଲେ। ଏହି କାରଣରୁ ସରକାରଙ୍କର ୧୮.୪ ଖରବ ଟଙ୍କା କ୍ଷତି ହୋଇଥିଲା। ଭାରତର ଧନକୁବେର ମାନଙ୍କ ଉପରେ ସ୍ୱତନ୍ତ୍ର ଟିକସ ଲଗାଯିବା ପାଇଁ ଥିବା ପ୍ରସ୍ତାବ ଲମ୍ବିତ ହୋଇ ପଡ଼ିରହିଛି। ଅକ୍ସଫୋମ ପକ୍ଷରୁ ସଦ୍ୟ ପ୍ରକାଶିତ ରିପୋର୍ଟରେ ଏଥିପାଇଁ ଚିନ୍ତା ପ୍ରକାଶ କରାଯାଇଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ କର୍ପୋରେଟ ଏବଂ ଏକାଧିକାର ଶକ୍ତି ଏକ ନିରନ୍ତର ଅସମାନତା ସୃଷ୍ଟି କରୁଥିବା ମେଶିନ। ଭାରତର ଅସଲ ସମସ୍ୟା ହେଉଛି ଆର୍ଥୀକ ଅସମାନତା ଏବଂ ବେରୋଜଗାରୀ। ମୋଦୀ ସରକାର ବେରୋଜଗାରୀ ସୃଷ୍ଟି କରୁଥିବା ବିକାଶ ମଡ଼େଲକୁ ଆପଣେଇ ନେଇଛି। ମୋଦୀ ସରକାର ଯଦି ଧନକୁବେର ମାନଙ୍କ ଉପରେ ଟିକସ ବସାଇ ଅଧିକ ସଂସାଧନ ଜୁଟାଇ ସେହି ଅର୍ଥ ରୋଜଗାର ସୃଜନ ଏବଂ ବଞ୍ଚିତଙ୍କ ଆୟ ବୃଦ୍ଧି ପାଇଁ ଯୋଜନା ବାବଦରେ ବ୍ୟୟ କରି ପାରନ୍ତେ ତେବେ ଭାରତର ମୂଳ ସମସ୍ୟା ଅନେକାଂଶରେ ସମାଧାନ ହୋଇ ପାରନ୍ତା।


**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ: ୯୪୩୮୪୮୫୦୯୪**


# ସ୍ୱାମୀଜୀ ଦୃଢ଼ ଓ ନିର୍ଭୀକତାର ପ୍ରତୀକ



**କିଶୋର ଚନ୍ଦ୍ର ବେହେରା**

ଯୁବଶକ୍ତିର ବିକାଶ ଦ୍ୱାରା ଦେଶ ଓ ବିଶ୍ୱର ବିକାଶ ସମ୍ଭବ। ଯୁବଶକ୍ତି ବିଶ୍ୱରେ ଶାନ୍ତି ତଥା ସମାଜିକ ସମନ୍ୱୟ ଆଣି ପାରିବେ। ଗୋଟିଏ ରାଷ୍ଟ୍ର ସେତିକି ସଶକ୍ତ ଯେତେବେଳେ ତାର ନାଗରିକ ମାନେ ସଶକ୍ତ । ଭାରତ ଯୁବକଙ୍କ ଦେଶ।ଭାରତରେ ଯୁବକମାନଙ୍କ ପ୍ରତିପୋଷଣ ଉପରେ ଅଭିବୃଦ୍ଧି ନିର୍ଭର କରିଥାଏ । ବିକଶିତ ରାଷ୍ଟ୍ର ଗଠନରେ ଯୁବକମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଆନ୍ତି । ସାରା ବିଶ୍ୱର ଦେଶ ମଧ୍ୟରୁ ଭାରତରେ ଅଧିକ ଯୁବକ ରହିଛନ୍ତି । ଭାରତରେ ବିଶ୍ୱର ସବୁଠୁ ବଡ ଯୁବଶକ୍ତି ଅର୍ଥାତ ୩୫ ବର୍ଷ ବୟସରୁ କମ୍ ୬୫ କୋଟିରୁ ଉର୍ଦ୍ଧ୍ୱ ଯୁବକ ରହିଛନ୍ତି। ଫଳରେ ଆମ ଦେଶରେ ବିପୁଳ ଶ୍ରମଶକ୍ତି ଉପଲବ୍ଧ। ଦେଶର ଯୁବଶକ୍ତିକୁ ଉଚିତ ମାର୍ଗଦର୍ଶନ କରି ବିକାଶରେ ଭାଗୀଦାରି କରାଯାଇପାରିଲେ ବିକଶିତ ରାଷ୍ଟ୍ର ହେବାକୁ ଆମକୁ ବେଶି ସମୟ ଲାଗିବନି। ଯୁବକଙ୍କ ଲାଗି ଉତ୍ତମ ସଂସ୍କାର,ଶିକ୍ଷା, ସଶକ୍ତିକରଣ ଲୋଡା। ସେମାନେ ବିଭିନ୍ନ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିଲେ ଦେଶ ସ୍ୱାବଲମ୍ବୀ ହେବା ସହିତ ରାଷ୍ଟ୍ରର ବିକାଶ ହୋଇପାରିବ । ସେମାନଙ୍କଠାରେ ଥିବା ଅସୀମ ସମ୍ଭାବନାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଜାତୀୟ ଯୁବ ଦିବସ ସଦାସର୍ବଦା ସ୍ମରଣ କରିଦିଏ। ସ୍ୱାମୀ ବିବେକାନନ୍ଦ ଭାରତୀୟ ଆଧ୍ୟାତ୍ମିକବାଦ ଓ ପାଶ୍ଚାତ୍ୟ ଭୌତିକବାଦର ମିଳନରେ ମଣିଷର ପ୍ରୟୋଜନ ଉପଯୋଗୀ ଏକ ସମନ୍ୱିତ ସଂସ୍କୃତି ସୃଷ୍ଟି କରିବାକୁ ପ୍ରୟାସ କରିଥିଲେ। ସେ ପାଶ୍ଚାତ୍ୟ ଜଗତକୁ ଭାରତର ମହାନ ଧାର୍ମିକ ଓ ସାଂସ୍କୃତିକ ଐତିହ୍ୟର ସୁଗନ୍ଧ ପାତିତ କରିବିତରିତ କରିଥିଲେ। ଭାରତୀୟ ସାଧୁସନ୍ଥମାନେ ଦେଶଭକ୍ତ ସନ୍ନ୍ୟାସୀ ରୂପେ ବିବେକାନନ୍ଦଙ୍କୁ ଅବିହିତ କରିଥିଲେ। ଧର୍ମକୁ ମାନବୀୟ କରିବା ତଥା ତାହାର ସାମାଜିକ ଲକ୍ଷ୍ୟ ଓ କାର୍ଯ୍ୟକୁ ଆଧ୍ୟାତ୍ମିକ କରିବା ନିମନ୍ତେ ସଦାସର୍ବଦା ପ୍ରୟାସ ଜାରି ରଖିଥିଲେ। ଅନ୍ତର୍ନିହିତ ସମସ୍ତ ବିବାଦ, ପାର୍ଥକ୍ୟ ଓ ବିକାର ଚିନ୍ତାଧାରା ସୃଷ୍ଟିକାରୀ ମାନଙ୍କୁ ସାମାଜିକ ସ୍ରୋତରେ ସାମିଲ୍ କରିବା ପାଇଁ ପ୍ରଚେଷ୍ଟା ଜାରି ରଖିବା ସହ ଧର୍ମକୁ ସାର୍ବଜନୀନ କରିବା ଏକ ଯୁଗାନ୍ତକାରୀ ପଦକ୍ଷେପ। ତାଙ୍କର ଅନ୍ତର୍ଭେଦୀ ଦର୍ଶନ, ଚୁମ୍ବକୀୟ ସ୍ପର୍ଶ ଓ ଦାମ୍ଭିକ ପ୍ରୟାସ ନିମନ୍ତେ ପ୍ରସିଦ୍ଧ ଫରାସୀ ଦାର୍ଶନିକ ରୋଲାଣ୍ଡ ତାଙ୍କୁ "ହିନ୍ଦୁ ନେପୋଲିୟନ" ନାମରେ ପରିଚିତ କରିଥିଲାବେଳେ ଯୁକ୍ତରାଷ୍ଟ୍ର ଆମେରିକା ଜନସାଧାରଣ " ବୈତାଳିକ ହିନ୍ଦୁ" ନାମରେ ଆଖ୍ୟାୟିତ କରିଥିଲେ। ସେ ଥିଲେ ଲୋକ ମାନଙ୍କ ମଧ୍ୟରେ ପ୍ରେମ, ସହନଶୀଳତା, ଐକ୍ୟ, ଭାତୃଭାବ, ଈଶ୍ୱର ବିଶ୍ୱାସୀ ଓ ମାନବ ସେବାର ନିର୍ଯ୍ୟାସ ସଞ୍ଚାର କରିଥିବା ଜଣେ ବିଶ୍ୱଗୁରୁ। ଗଣତାନ୍ତ୍ରିକ କ୍ଷେତ୍ରରେ ମଣିଷର ସର୍ବୋଚ୍ଚ ବିଶ୍ୱାସ ତଥା ସ୍ୱାଧିନତା, ସମାନତା, ସାମାଜିକ ନ୍ୟାୟ, ନାରୀ ମର୍ଯ୍ୟାଦା, ଧାର୍ମିକ ସହନଶୀଳତା ଓ ସଂପ୍ରୀତି ପାଇଁ ତାଙ୍କର ସ୍ୱତନ୍ତ୍ର ଆଗ୍ରହ ଶାସନ ପରିଚାଳନା ପାଇଁ ଉପଲବ୍ଧ ହେଉଅଛି। ସ୍ୱାଧୀନତା ହେଉଛି ଗଣତନ୍ତ୍ରର ଏକ ମହତ୍ୱପୂର୍ଣ୍ଣ ଉପାଦାନ। ଏହା କେବଳ ଆଧ୍ୟାତ୍ମିକ ସ୍ୱାଧୀନତା ନୁହେଁ ବରଂ ଭୌତିକ, ସାମାଜିକ ଓ ରାଜନୀତିକ ସ୍ୱାଧୀନତା ବିଷୟରେ କହିଥାଏ। ମଣିଷଙ୍କ ଶ୍ରେଷ୍ଠ ପୁରସ୍କାର ହେଉଛି ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଆଡ଼କୁ ଅଗ୍ରସର ହୋଉ ଅନ୍ୟମାନଙ୍କୁ ସାହାଯ୍ୟ କରିବା। ଜାତୀୟତାବାଦ କ୍ଷେତ୍ରରେ ସ୍ୱାମୀଜୀଙ୍କ ମାତୃଭୂମିର ପ୍ରତୀ ସହଜରେ ଉପଲବ୍ଧ କରିହୁଏ କାରଣ ସେ ସଦାସର୍ବଦା କୁହନ୍ତି "ଭାରତ ହେଉଛି ମୋର ଶ୍ରେଷ୍ଠ ସ୍ୱର୍ଗ, ଏହା ମୋ ପାଇଁ ଶୈଶବର ଦୋଳ, ଯୌବନର ପୁଷ୍ପ ବାଟିକା ଏବଂ ମୋ ବାର୍ଦ୍ଧକ୍ୟର ବାରଣାସୀ"



। ପାଶ୍ଚାତ୍ୟ ସଭ୍ୟତାର ସଂସ୍କୃତି ଓ ପରମ୍ପରାକୁ ଅନୁକରଣ କରିବା ଅପେକ୍ଷା ନିଜ ଦେଶର ସଂସ୍କୃତି ଏବଂ ପରମ୍ପରାକୁ ନେଇ ଗର୍ବ କରିବାପାଇଁ ବିଶେଷ ଗୁରୁତ୍ୱ ଦେଉଥିଲେ। ଆମ ନିଜ ସ୍ୱଭାବ ଅନୁସାରେ ଆମେ ବିକଶିତ ହେବା ଉଚିତ୍ କାରଣ ବିଦେଶୀ ସମାଜ ଗୁଡ଼ିକ ଆମ ଉପରେ ଲଦି ଦେଉଥିବା କାର୍ଯ୍ୟ ଧାରାକୁ ଅନୁକରଣ କରିବା ବୃଥା ଓ ଅନୁପଯୁକ୍ତ। ଈଶ୍ୱରଙ୍କୁ ଧନ୍ୟବାଦ, ତାହା ଅସମ୍ଭବ, ଆମ୍ଭେମାନେ ଅନ୍ୟ ଜାତିର ଛାଞ୍ଚରେ ପଡ଼ିବା ପାଇଁ ମୋଡା ହୋଇପାରିବା ନାହିଁ କି ଉପ୍ତିଡିତ ହୋଇ ପାରିବା ନାହିଁ। ସମାଜ ସଂସ୍କାର କ୍ଷେତ୍ରରେ ଜାତିପ୍ରଥା ବ୍ୟବସ୍ଥାକୁ ଘୋର ବିରୋଧ କରିବା ସହ ସମସ୍ତ ଜାତିର ମାନବଗଣ ଈଶ୍ୱରଙ୍କ ପ୍ରଦତ୍ତ ବୋଲି ମତପୋଷଣ କରିଥିଲେ। ମାନବବାଦ ହେଉଛି ସେହି ଧାରଣାର ଯାହା ମଣିଷ ଓ ତାର ସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରେ। ପ୍ରତେକ ବ୍ୟକ୍ତିବିଶେଷ ସମାଜରେ ଅବହେଳିତ ହୋଇ ଜୀବନ ନିର୍ବାହ କରୁଥିବା ଦରିଦ୍ର, ରୁଗଣ ଓ ପତିତ ମାନଙ୍କ ସବା କରିବା ପାଇଁ ଯୁବଗୋଷ୍ଠୀଙ୍କୁ ପରାମର୍ଶ ଦେଉଥିଲେ। ରାମକୃଷ୍ଣଙ୍କ ଜୀବନୀ ଓ ଶିକ୍ଷାର ଆଧାରରେ ବେଦାନ୍ତ ଧର୍ମ ପାଳନ କରିବା ଓ ପ୍ରଚାର ପ୍ରସାର କରିବା ନିମନ୍ତେ ସନ୍ୟାସୀ କର୍ମୀଙ୍କୁ ତାଲିମ ଦେବା, ବିଭିନ୍ନ ଧର୍ମାବଲମ୍ବୀଙ୍କ ମଧ୍ୟରେ ଭାତୃଭାବ ପ୍ରତିଷ୍ଠା କରିବା, ଜାତି, ଧର୍ମ କିମ୍ବା ସମ୍ପ୍ରଦାୟ ବାଛବିଚାର ନକରି ଯନ୍ତ୍ରଣା ଜର୍ଜରିତ ମାନବ ଜାତିର ସେବା କରିବା ବିବେକାନନ୍ଦଙ୍କ ମୂଳ ଲକ୍ଷ।ସ୍ୱାମୀ ବିବେକାନନ୍ଦ ଭାରତର ଯୁବ ଗୋଷ୍ଠୀକୁ 'ଦୃଢ଼ ଓ ନିର୍ଭିକ' ହେବାକୁ ବାର୍ତ୍ତା ଦେବା ସହ ଚରିତ୍ର ନିର୍ମାଣ, ଶୃଙ୍ଖଳା ଓ ମାନସିକ ଶକ୍ତି ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ। ଦେଶର ଉତ୍ଥାନ ଓ ପତନର ସୂତ୍ରଧାର ହେଉଛନ୍ତି ଯୁବ ସମାଜ। ଦେଶର ଭାଗ୍ୟ ଓ ଭବିଷ୍ୟତ ଗଠନର ମୂଳାଧାର ଆମର ଯୁବ ଗୋଷ୍ଠୀ। ଇତିହାସ ପୃଷ୍ଠା ଓଲଟାଇଲେ ଦେଖିବାକୁ ମିଳେ ଯୁବ ମାନସର ଏପରି ଗୌରବମୟ ଗାରିମା ଗାଥା। ଯୁବ ସମାଜର ଚିର ଆଦର୍ଶ ସ୍ୱାମୀଜୀ କୁହନ୍ତି "ନିଜ ଭିତରେ ସବୁ କ୍ଷମତା ଅଛି, ତୁମେ ଅସାଧ୍ୟକୁ ସାଧନ କରିପାରିବ, ମନଭିତରେ ଦୃଢ ବିଶ୍ୱାସି ହୋଇ କାମ କରିବା, ଏହା ଭାବିବା ନାହିଁକି ତୁମେ ଦୁର୍ବଳ , ଯାହା ବର୍ତ୍ତମାନ ଅଧାରୁ ଅଧିକ ଯୁବକ ନିରାଶ ନିଜକୁ ଅଶାହାୟ ମନେକରୁଛନ୍ତି"। ବିନା କାହାର ପରାମର୍ଶରେ ଆତ୍ମବିଶ୍ୱାସ ରଖି ଆଗକୁ ମଧ୍ୟ ବଢ଼ିପାରିବ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳକୁ ନେଇ। ଏକଦା ଏକ ସର୍ବସାଧାରଣ ସଭାରେ ଯୋଗଦେଇ ନିଜର ଅଭିଭାଷଣ ରଖିଥିଲେ " ମୋତେ ଶହେ ଜଣ ଆଦର୍ଶ ଯୁବକ ଦିଅ, ମୁଁ ଦେଶ ବଦଳାଇ ଦଏବଇ" । ଗାନ୍ଧିଜୀଙ୍କ ଏକ ବାର୍ତ୍ତା ଯୁବ ସମାଜ ପାଇଁ ଥିଲା " ଯୁବକମାନଙ୍କ ମଧ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ଧାରଣା ଓ ଆଦର୍ଶ ବିସ୍ତାର କରିବାର ମହତ୍ତ୍ୱ ହେଉଛି ସେ ଯୁବକମାନଙ୍କର ଅନନ୍ତ ଶକ୍ତି ଏବଂ ସତ୍ୟ ପାଇଁ ସେମାନଙ୍କର ଅସ୍ଥିର ଅନୁସନ୍ଧାନକୁ ବ୍ୟକ୍ତ କରିଥିଲେ। ଭାରତ ସରକାରଙ୍କର ଜାତୀୟ ଯୁବନୀତି ଏବଂ ରାଜ୍ୟମାନଙ୍କର ରାଜ୍ୟ ଯୁବନୀତି ତେରରୁ ପାଇଁତିରିସ ବର୍ଷ ବୟସର ଯୁବକ ଯୁବତୀ ମାନଙ୍କର ଲୁକ୍କାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ କେନ୍ଦ୍ର ସରକାରଙ୍କ କ୍ରିଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ତରଫରୁ ଜାତୀୟ ସେବା ଯୋଜନା, ଏନ୍ ସି ସି, ଯୁବ ରେଡକ୍ରସ୍ ଓ ସ୍କାଉଟ ଗାଇଡି ଭଳି ବିଭିନ୍ନ ଯୋଜନା ପ୍ରଣୟନ କରି ଛାତ୍ରଛାତ୍ରୀ ମାନଙ୍କୁ ସମାଜ ସେବାରେ ନିୟୋଜିତ କରାଯାଉଛି, ଯାହାକି ଜଣେ ଯୁବକ ଯୁବତୀ ପାଠପଢା ସହ ସମାଜର ବିକାଶରେ ସହଭାଗିତା ହୋଇପାରୁଛି। ନେହରୁ ଯୁବ କେନ୍ଦ୍ର ମାଧ୍ୟମରେ ଗ୍ରାମାଞ୍ଚଳର ଶିକ୍ଷିତ ଯୁବକମାନେ ପାଠାଗାର ସ୍ଥାପନ କରି ଅଞ୍ଚଳର ବିକାଶ କରିବା ସହ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ସଂପର୍କରେ ଜନସାଧାରଣଙ୍କୁ ସଚେତନତା କରିଥାନ୍ତି ଏବଂ ପ୍ରତ୍ୟେକ ହିତାଧିକାରୀ କିଭଳି ଯୋଜନାରେ ସାମିଲ ହେବା ପାଇଁ ପଦକ୍ଷେପ ନେଇଥାନ୍ତି। ସ୍ୱାମୀ ବିବେକାନନ୍ଦ କେବଳ ଯୁବ ଗୋଷ୍ଠୀ ନୁହେଁ, ବରଂ ସକଳ ଯୁଗର ସକଳ ଦେଶର ସମସ୍ତ ବର୍ଗର ଲୋକମାନଙ୍କ ନିମନ୍ତେ ଥିଲେ ଏକ ନୂତନ ଆଶାର ବତୀଘର ସଦୃଶ।


**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିଦ୍ଧେଶ୍ୱରୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ମୋବାଇଲ: ୯୪୩୭୯୫୫୫୬୮**


# ଜାତୀୟ ଯୁବ ଦିବସ



**ଶୁଭ୍ରଜିତ୍ ଦାଶ**

ଆଜି ଜାତୀୟ ଯୁବ ଦିବସ ସାରା ଦେଶ ତଥା ବିଶ୍ୱର କିଛି ଦେଶରେ ବହୁ ଆଡ଼ମ୍ବରରେ ପାଳନ କରୁଛନ୍ତି ବିଶ୍ୱବାସୀ। ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଉତ୍ସବକୁ ଅନେ ସାଧାରଣ ଭାବେ ଜାତୀୟ ଯୁବ ଦିବସ । କିନ୍ତୁ ଆମେ ସବୁ ଯୁବ ସାଥୀ ମଜେ ଜାଣିବା ଦରକାର ଯେ କାହିଁକି ଆଜି ରାଷ୍ଟ୍ରୀୟ ଯୁବ ଦିବସ ପାଳନ କରାଯାଏ । କଣ ଅବଦାନ ଅଛି ଭାରତର ଯୁବକଙ୍କ ପ୍ରତି ବିବେକାନନ୍ଦଙ୍କ ତାହା ଆଜି ମଧ୍ୟ ଭାରତ ତଥା ଓଡ଼ିଶାର ଯୁବ ସମାଜ ଅଜ୍ଞାନ ରେ ଅଛନ୍ତି ବୋଲି ପ୍ରତିହିତ ହୁଏ। ସ୍ୱାମୀଜୀ ପିଲାବେଳୁ ଦୁଷ୍ଟ ଥିଲେ ହେଁ ୧୨ ବର୍ଷ ବୟସରେ ନିଜର ପିତା ଙ୍କୁ ହରାଇ ଭାଙ୍ଗି ଯାଏ ନଥିଲେ । ନିଜର ଦୃଢ଼ ଇଚ୍ଛା ଶକ୍ତି ଓ ମାଧୂର୍ଯ୍ୟ ବକ୍ତୃତା ବଳରେ ସାରା ବିଶ୍ୱରେ ସୁପରିଚିତ ଥିଲେ ସ୍ୱାମୀଜୀ । ଭାରତରୁ ଯାଇ ଇଂଲଣ୍ଡ ପରି ଦେଶରେ ଅଧ୍ୟୟନ କରୁଥିବା ବେଳେ ଲାଇବ୍ରେରୀ ରୁ ସକାଳୁ ବହି ଆଣି ସନ୍ଧ୍ୟାରେ ଫେରାଇ ଦେଉଥିଲେ । ଦିନେ ତାଙ୍କର ଲାଇବ୍ରେରୀ ର



ମୁଖ୍ୟ ପଚାରିଲେ କଣ ଗୋଟେ ଦିନରେ ୩୦୦-୪୦୦ ପୃଷ୍ଠା ର ବହି ପଢ଼ି ନେଉଛ । ସ୍ୱାମୀଜୀ ଙ୍କୁ ଯେତେବେଳେ ବହୁ ରୁ ପ୍ରଶ୍ନ ପଚାରିଲେ ସ୍ୱାମୀଜୀ ତାହାର ଉତ୍ତର ବହିର ସଂଖ୍ୟା ସହ କେଉଁ ସ୍ଥାନରେ ଅଛି ତାହା ମଧ୍ୟ କହିଥିଲେ ଯାହାକି ଅତ୍ୟନ୍ତ ବିଚକ୍ଷଣ ସୋଭାର ପରିଚୟ ଥିଲା । ସ୍ୱାମୀଜୀ ଙ୍କ ସେଇ ଚିକାଗୋ ସମ୍ମିଳନୀର ଭାଷଣ - ମୋର ଆମେରିକାର ଭାଇ ଓ ଭଉଣୀମାନେ କହି ସମ୍ବୋଧନ କରିବା ସହ ସେଠାରେ ଦେଢ଼ ଘଣ୍ଟାର ସେଇ ଭାଷଣ ଭାରତର ଯୁବକ ମାନଙ୍କ ପାଇଁ ଆଜି ବି ଅବିସ୍ମରଣୀୟ । ସେଇ ଭାଷଣରେ ବିଶ୍ୱ ରେ ଭାଇ ଚାରା ଓ ବିଶ୍ୱ ଶାନ୍ତି ଦିଗରେ ଭାରତର ଭୂମିକା ଉପରେ ସ୍ୱାମୀଜୀ ଯେଉଁ ସବୁ ବିଷୟରେ ବର୍ଣ୍ଣନା କରିଥିଲେ ତାହା ଶୁଣିଲେ ଆଜି ଆମର ମଧ୍ୟ ମନରେ ଶିହରଣ ସୃଷ୍ଟି ହୁଏ। ସ୍ୱାମୀଜୀ ଙ୍କୁ ଯେତେବେଳେ ଇଂରାଜୀ ମାନେ ବାରମ୍ବାର ହଇରାଣ କରୁଥିଲେ ସେତେବେଳେ ସ୍ୱାମୀଜୀ ଅତି ବିନମ୍ରତର ସହ ତାଙ୍କୁ ତାଙ୍କର ସଠିକ୍ ଜବାବ ଦେଉଥିଲେ ଯାହାକି ଆମର ଯୁବକ ମାନଙ୍କୁ ଭୁଲ ଆଗରେ ମୁଣ୍ଡ ନ ନୁଆଇବାକୁ ଶିଖାଇଥାଏ। ଭାରତର ଶେଷ ସ୍ଥାନରେ ସ୍ୱାମୀଜୀଙ୍କ ସେଇ ଅପରୂପ ଗେରୁଆ ବସ୍ତ୍ର ର ଫଟୋଚିତ୍ର ଆଜି ମଧ୍ୟ ସବୁ ବିଦ୍ୟାଳୟ , ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସ୍ଥାନିତ ଯାହାକି ସୂଚାଇ ଦିଏ ଯେ ସ୍ୱାମୀଜୀ ସବୁବେଳେ ଶାନ୍ତି , ମୈତ୍ରୀ ଓ ଭାରତର ବିକାଶ ଦିଗରେ ସବୁବେଳେ ଚିନ୍ତିତ ଥିଲେ। ସେ ଯାହାବି ହେଉ ନା କାହିଁକି ଭାରତର ଯୁବକଙ୍କ ପାଇଁ ଆଜି ମଧ୍ୟ ସ୍ୱାମୀଜୀ ଜୀବିତ ଅଛନ୍ତି ଓ ସଦା ସର୍ବଦା ପ୍ରେରଣା ଯୋଗାଉଛନ୍ତି ରାଷ୍ଟ୍ର ସେବା କରିବା ଦିଗରେ ।


**ଯୁବ ସମାଜସେବୀ**

# ଭାରତକୁ ବିକଶିତ ରାଷ୍ଟ୍ର ହେବାରୁ କେହି ରୋକିପାରିବେ ନାହିଁ: ମୋଦି



**ନୂଆଦିଲ୍ଲୀ,୧୨।୧:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି (ରବିବାର) ଭାରତ ମଣ୍ଡପମରେ ଆୟୋଜିତ ବିକଶିତ ଭାରତ ୟଙ୍ଗ୍ ଲିଡର୍ସ ଡାଇଲଗ୍ ୨୦୨୫ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ସମୟରେ ସେ କହିଥିଲେ ଯେ ଦେଶର ଯୁବକ ମାନଙ୍କ ସହିତ ତାଙ୍କର ଏକ ଉତ୍ତମ ବନ୍ଧୁତା ଭଳି ସମ୍ପର୍କ ରହିଛି । ପ୍ରଧାନମନ୍ତ୍ରୀ ମୋଦୀ ବିଶ୍ୱାସ ପ୍ରକାଶ କରିଛନ୍ତି ଯେ, ଦେଶର ଯୁବ ଶକ୍ତିର ଶକ୍ତି ଭାରତକୁ ଶୀଘ୍ର ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବ।

ଭାରତ ଯୁବ ନେତା ସମ୍ବାଦ କାର୍ଯ୍ୟକ୍ରମରେ ସମ୍ବୋଧିତ କରିବା ସମୟରେ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ, "ଆଜି ଆପଣଙ୍କ ସହିତ କଥାବାର୍ତ୍ତା କରିବା ସମୟରେ, ମୁଁ ବିକଶିତ ଭାରତର ଏକ ଚିତ୍ର ମଧ୍ୟ ଦେଖୁଛି। ବିକଶିତ ଭାରତରେ ଆମେ କ'ଣ ଦେଖିବାକୁ ଚାହୁଁଛୁ ? ଆମେ କି ପ୍ରକାରର ଭାରତ ଦେଖିବାକୁ ଚାହୁଁଛୁ ? ଯେଉଁଠାରେ ଭଲ ଆୟ ହେବ ଏବଂ ଭଲ ଭାବରେ ପଢ଼ିବା ପାଇଁ ଅଧିକରୁ ଅଧିକ ସୁଯୋଗ ମିଳିବ... କେବଳ କଥା କହି ଆମେ ବିକଶିତ ହୋଇଯିବା କି ?... ଯେତେବେଳେ ଆମର ପ୍ରତ୍ୟେକ ନିଷ୍ପତ୍ତିର ମାନଦଣ୍ଡ ସମାନ ହେବ, ସେତେବେଳେ ବିକଶିତ ହେବ ଭାରତ । ଯେତେବେଳେ ଆମର ପ୍ରତ୍ୟେକ ପଦକ୍ଷେପ ସମାନ ହେବ, ସେତେବେଳେ ବିକଶିତ ହେବ ଭାରତ ... ତେବେ ବିଶ୍ୱର କୌଣସି ଶକ୍ତି ଆମକୁ ବିକାଶ କରିବାରୁ ରୋକିପାରିବ ନାହିଁ।"

ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, "ମୁଁ ଲାଲକିଲ୍ଲାରୁ ୧ ଲକ୍ଷ ନୂତନ ଯୁବକଙ୍କୁ ରାଜନୀତିରେ ଆଣିବା ବିଷୟରେ କହିଛି । ରାଜନୀତି ମଧ୍ୟ ଆପଣଙ୍କ ପରାମର୍ଶ ଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଏକ ମହାନ ମାଧ୍ୟମ ହୋଇପାରେ । ମୁଁ ନିଶ୍ଚିତ ଯେ ଆପଣଙ୍କ ମଧ୍ୟରୁ ଅନେକ ଯୁବକ ମଧ୍ୟ ରାଜନୀତିରେ ଯୋଗଦେବେ ।" ଆଗକୁ ଆସିବେ ଅଂଶଗ୍ରହଣ କରିବାକୁ । "ବିକଶିତ ଭାରତର ଏହି ଯାତ୍ରାରେ, ଆମକୁ ପ୍ରତିଦିନ ନୂଆ ଲକ୍ଷ୍ୟ ସ୍ଥିର କରିବାକୁ ପଡିବ ଏବଂ ସେଗୁଡ଼ିକୁ ହାସଲ କରିବାକୁ ପଡିବ। ସେ ଦିନ ଆଉ ବେଶୀ ଦୂରରେ ନାହିଁ, ଯେତେବେଳେ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାର ଲକ୍ଷ୍ୟ ହାସଲ କରିବ। ଗତ ୧୦ ବର୍ଷ ମଧ୍ୟରେ, ଦେଶ ୨୫ କୋଟି ଲୋକଙ୍କୁ ନିଯୁକ୍ତି ଦେଇଛି । ଆମକୁ ଦାରିଦ୍ର୍ୟରୁ ବାହାର କରାଯାଇଛି । ଆମେ ଯେଉଁ ଗତିରେ ଆଗକୁ ବଢ଼ୁଛୁ, ସେହି ଦିନ ଆଉ ଦୂର ନୁହେଁ, ଯେତେବେଳେ କି ସମଗ୍ର ଭାରତ ଦାରିଦ୍ର୍ୟ ମୁକ୍ତ ହେବାକୁ ଯାଉଛି ।"

ଭାରତ ମଣ୍ଡପମରେ ପ୍ରଧାନମନ୍ତ୍ରୀ ମୋଦି ଆହୁରି ମଧ୍ୟ କହିଥିଲେ ଯେ, "ଆଜି ଭାରତ ନିର୍ଦ୍ଧାରିତ ସମୟ ପୂର୍ବରୁ ଅନେକ କ୍ଷେତ୍ରରେ ତା'ର ଲକ୍ଷ୍ୟ ହାସଲ କରୁଛି । ତୁମେ ମାନେ ମନେ ରଖିଥିବ ଯେ କରୋନାର ସମୟ, ବିଶ୍ୱ ଟୀକାକୁ ନେଇ ଚିନ୍ତିତ ଥିଲା, କୁହାଯାଉଥିଲା ଯେ ଏକ ଟୀକା ଅଛି। ଏହାକୁ ତିଆରି କରିବାକୁ ବର୍ଷ ବର୍ଷ ଲାଗିବ, କିନ୍ତୁ ଭାରତୀୟ ବୈଜ୍ଞାନିକମାନେ ସମୟ ପୂର୍ବରୁ ଟିକା ତିଆରି କରି ଏହା ଦେଖାଇଛନ୍ତି।

# ଦିଲ୍ଲୀରେ ଏକା ଲଢ଼ିବ ଏନ୍‌ସିପି



**ନୂଆଦିଲ୍ଲୀ, ୧୨।୧:** ମହାବିକାଶ ଅଘାଡି ପରେ ଏବେ ମହାଯୁତିରେ ପାଠ ସୃଷ୍ଟି ହୋଇଥିବା ନେଇ ଚର୍ଚ୍ଚା। ଆଗାମୀ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏବେ ମେଣ୍ଟ କରି ଲଢ଼ିବନି ଅଜିତ ପାଓ୍ୱାରଙ୍କ ଏନ୍‌ସିପି। ତାଙ୍କ ଦଳ ଏକା ଲଢ଼ିବ।

ମିଳିଥିବା ସୂତ୍ରରୁ ସୂଚନା ମୁତାବକ, ଆସନ୍ତା ଦିଲ୍ଲୀ ବିଧାନସଭା ନିର୍ବାଚନରେ ଅଜିତ ପାଓ୍ୱାରଙ୍କ ନେତୃତ୍ୱରେ ଏକାକି ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଏନ୍‌ସିପି ଯୋଜନା କରୁଛି। ଏଥିପାଇଁ ବିଭିନ୍ନ ଭୋଟର ଆଧାର ଥିବା ଅଞ୍ଚଳ ଉପରେ ଧ୍ୟାନ ଦେଇ ୨୫ରୁ ୩୦ ନିର୍ବାଚନ ମଣ୍ଡଳି ପାଇଁ ଏନ୍‌ସିପି ପ୍ରାର୍ଥୀ ମଧ୍ୟ ଚୂଡ଼ାନ୍ତ କରିସାରିଥିବା କୁହାଯାଇଛି। ଦିଲ୍ଲୀରେ ଦୀର୍ଘ ୧୦ ବର୍ଷ ଧରି ଆମ୍ ଆଦମୀ ପାର୍ଟିର ଦବ୍‌ଦବା ଜାରି ରହିଛି। ଏଥର ମଧ୍ୟ ହ୍ୟାଟ୍ରିକ୍ କରିବା ଲକ୍ଷ୍ୟରେ ରହିଛି ଆପ୍। ସେପଟେ ବିଜେପି ଓ କଂଗ୍ରେସ ମଧ୍ୟ ଦିଲ୍ଲୀ ଦଖଲ କରିବାକୁ ଅଣ୍ଟା ଭିଡିଛନ୍ତି। ଏହାରି ଭିତରେ ଏନ୍‌ସିପିର ଏକାକୀ ନିର୍ବାଚନ ଲଢ଼ିବା ପାଇଁ ଏହି ନିଷ୍ପତ୍ତି ଦିଲ୍ଲୀରେ ଏକ ସ୍ଥାନ ପ୍ରତିଷ୍ଠା କରିବାର ପ୍ରୟାସ ବୋଲି କୁହାଯାଉଛି। ଆସନ୍ତା ଫେବୃଆରୀ ୫ ତାରିଖରେ ଦିଲ୍ଲୀର ୭୦ଟି ବିଧାନସଭା ଆସନ ପାଇଁ ନିର୍ବାଚନ ହେବ। ଫେବୃଆରୀ ୮ ତାରିଖରେ ରେଜଲ୍ଟ ବହାରିବ।

# ଟ୍ରମ୍ପଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବେ ଜୟଶଙ୍କର

**ୱାଶିଂଟନ, ୧୨।୧:** ଆସନ୍ତା ୨୦ ତାରିଖରେ ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ନେବେ ଡୋନାଲ୍ଡ ଟ୍ରମ୍ପ। ସେ ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ପଦ ଗ୍ରହଣ କରିବେ। ତେବେ ଟ୍ରମ୍ପଙ୍କ ଏହି ଶପଥ ସମାରୋହରେ ଭାରତ ପକ୍ଷରୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଅଂଶଗ୍ରହଣ କରିବେ। ଏନେଇ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି। ଟ୍ରମ୍ପ-ଭାନ୍ସ ଉଦ୍‌ଘାଟନି କମିଟିର ନିମନ୍ତ୍ରଣ ଅନୁସାରେ ଏସ୍. ଜୟଶଙ୍କର ଭାରତର ପ୍ରତିନିଧିତ୍ୱ କରିବେ। ତାଙ୍କ ଗସ୍ତ ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଶପଥ ଗ୍ରହଣ ସମାରୋହରେ ଯୋଗ ଦେଇଥିବା ନୂତନ ଆମେରିକା ପ୍ରଶାସନର ପ୍ରତିନିଧୀ ତଥା ଅନ୍ୟ ଆନ୍ତର୍ଜାତୀୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ମଧ୍ୟ ଆଲୋଚନା କରିବେ। ଏହି ଶପଥ ସମାରୋହରେ ଜୟଶଙ୍କର ସାମିଲ ହେବା ଓ ତାଙ୍କର ଏହି ଗସ୍ତ ଭାରତ ଏବଂ ଆମେରିକା ମଧ୍ୟରେ କୂଟନୈତିକ ସମ୍ପର୍କକୁ ଆହୁରି ଦୃଢ଼ କରିବ ବୋଲି ଆଶା କରାଯାଉଛି। ଶପଥ ଗ୍ରହଣ ଉତ୍ସବ ଜାନୁଆରି ୨୦ରେ ମାର୍ଟିନ୍ ଲୁଥର୍ କିଙ୍ଗ୍ ଜୁନିୟର ଡେ' ସହିତ ପାଳନ କରାଯିବ। ଡୋନାଲ୍ଡ ଟ୍ରମ୍ପ ୪୭ତମ ଥର ଏବଂ ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିବେ। ଏଥର ଟ୍ରମ୍ପଙ୍କ କ୍ୟାବିନେଟ୍‌ରେ ଅନେକ ଭାରତୀୟଙ୍କୁ ସ୍ଥାନ ମିଳିଛି। ଡୋନାଲ୍ଡ ଟ୍ରମ୍ପଙ୍କ ଶପଥ ଗ୍ରହଣ ସମାରୋହରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ, ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ, ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିୟର୍ ମିଲି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଗତ ବର୍ଷ ନଭେମ୍ବରରେ ଅନୁଷ୍ଠିତ ଆମେରିକାର ରାଷ୍ଟ୍ରପତି ନିର୍ବାଚନର ଫଳାଫଳରେ ଟ୍ରମ୍ପ୍ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କମଳା ହାରିସ୍‌ଙ୍କୁ ପରାସ୍ତ କରିଥିଲେ।

## ସ୍ପେସ ଡକିଂରେ ଇତିହାସ ରଚିବ ଇସ୍ରୋ, ୩ ମିଟର ଟ୍ରାଏଲ୍ ସଫଳ

**ଶ୍ରୀହରିକୋଟା,୧୨।୧:** ଇତିହାସ ରଚିବ ଭାରତୀୟ ମହାକାଶ ଅନୁସନ୍ଧାନ ସଂସ୍ଥା ଇସ୍ରୋ। ସ୍ପେସ୍ ଡକିଂ କ୍ଷେତ୍ରରେ ମିଳିବ ଆଉ ଏକ ସଫଳତା। ସ୍ପେସ ଡକିଂ ପରୀକ୍ଷଣ ଅଧୀନରେ, ଦୁଇଟି ଉପଗ୍ରହ ୧୫ମିଟରରୁ ଆଗକୁ ବଢ଼ିଛି। ଦୁଇ ଉପଗ୍ରହକୁ ୩ ମିଟର ଉପରକୁ ଆଣିବାର ପରୀକ୍ଷଣ ସଫଳ ହୋଇଛି। ଉଭୟ ମହାକାଶଯାନ ଭଲ ଭାବରେ କାର୍ଯ୍ୟ କରୁଛି ଇସ୍ରୋ ସୂଚନା ଦେଇଛି। ବର୍ତ୍ତମାନ ମହାକାଶଯାନକୁ ଏକ ସୁରକ୍ଷିତ ଦୂରତାକୁ ନିଆଯାଇଛି। ଏହି ପରୀକ୍ଷଣ ପ୍ରୟାସରୁ ତଥ୍ୟର ଅଧିକ ବିଶ୍ଳେଷଣ ପରେ ଡକିଂ ପ୍ରକ୍ରିୟା ଆରମ୍ଭ ହେବ ବୋଲି କହିଛି ଇସ୍ରୋ। ରାତି ୨ଟା ବେଳେ ୨ଟି ଉପଗ୍ରହ ମଧ୍ୟରେ ଦୂରତା ୧୦୫ ମିଟର ଥିଲା। ଭୋର୍ ପ୍ରାୟ ୫ଟା ବେଳକୁ ଏହା ୧୫ ମିଟରକୁ ହ୍ରାସ ହୋଇଛି। ପରସ୍ପର ଠାରୁ ୩ ମିଟର ଦୂରତା ଥିବା ବେଳେ ଚେଜର ଓ ଟାର୍ଗେଟ ମଧ୍ୟରେ ଆରମ୍ଭ ହେବ ସ୍ପେସ୍ ଡକିଂ ପ୍ରକ୍ରିୟା। ଚେଜର ସେକେଣ୍ଡ ପ୍ରତି ୧୦ ମିଲିମିଟର ବେଗରେ ତା ପାଖକୁ ଯାଇ ଯୋଡ଼ି ହେବା ଆରମ୍ଭ କରିବ। ଏହାପରେ ଉଭୟ ସ୍ପେସକ୍ରାଫ୍ଟ ମଧ୍ୟରେ ବିଦ୍ୟୁତ ସଂଯୋଗ ହେବ ଏବଂ ପରେ ଅନ୍-ଡକିଂ କରାଯିବ। ଇସ୍ରୋ କହିଛି ଯେ ବର୍ତ୍ତମାନ ଡକିଂ ପ୍ରକ୍ରିୟାକୁ ବନ୍ଦ ରଖାଯାଇଛି। ବର୍ତ୍ତମାନ ତଥ୍ୟ ବିଶ୍ଳେଷଣ ପରେ ଏହା ଉପରେ ନିଷ୍ପତ୍ତି ନିଆଯିବ। ଇସ୍ରୋ ସୂତ୍ର ଅନୁଯାୟୀ, ଏଥିରେ ବହୁତ ସମୟ ଲାଗିପାରେ। ଏହି ମିଶନ ମହାକାଶରେ ଡକିଂ ଉଦ୍ଦେଶ୍ୟରେ କରାଯାଇଛି, ଯାହା ଭାରତର ଭବିଷ୍ୟତ ମହାକାଶ ମିଶନ ପାଇଁ ଗୁରୁତ୍ୱପୂର୍ଣ୍ଣ।

## ଇଣ୍ଡୋନେସିଆ ରାଷ୍ଟ୍ରପତି ଗଣତନ୍ତ୍ର ଦିବସର ମୁଖ୍ୟ ଅତିଥି

**ନୂଆଦିଲ୍ଲୀ,୧୨।୧:** ଯିବେନି ପାକିସ୍ତାନ ଆସିବେ ଭାରତ। ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରଭୋବୋ ସୁବିଆଣ୍ଟୋ । ଏ ନେଇ ବିଶେଷ ସୂତ୍ରରୁ ସୂଚନା ମିଳିଛି । ପ୍ରଥମେ ସେ ପାକିସ୍ତାନ ଗସ୍ତ କରିବାର ଥିଲା ମାତ୍ର ଭାରତରୁ ନିମନ୍ତ୍ରଣ ପାଇବା ପରେ ସେ ତାଙ୍କର ପାକିସ୍ତାନ ଗସ୍ତ ବାତିଲ କରିଥିବା ଜଣାପଡିଛି । ଏ ପର୍ଯ୍ୟନ୍ତ ଭାରତ ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥିଙ୍କ ତାଲିକା ଔପଚାରିକତା ଭାବେ ଘୋଷଣା କରିନାହିଁ । ଜାନୁଆରୀ ୨୬ ସମାରୋହରେ ମୁଖ୍ୟ ଅତିଥି ଭାବେ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରଭୋବୋ ସୁବିଆଣ୍ଟୋ ଯୋଗ ଦେବେ ବୋଲି ଖବର ମିଳିଛି । ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସହ ବ୍ୟାପକ ଆଲୋଚନା କରିବେ ବୋଲି ଜଣାପଡିଛି । ଭାରତର ନିମନ୍ତ୍ରଣ ପାଇବା ପରେ ସେ ତାଙ୍କର ପାକିସ୍ତାନ ଗସ୍ତ ବାତିଲ କରିଥିବା ଜଣାପଡିଛି। ପ୍ରତି ବର୍ଷ ଭାରତ ବିଶ୍ୱର ଅନେକ ନେତାଙ୍କୁ ଗଣତନ୍ତ୍ର ଦିବସ ସମାରୋହକୁ ଆମନ୍ତ୍ରଣ କରିଥାଏ । ଗତବର୍ଷ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ମୁଖ୍ୟ ଅତିଥି ଥିଲେ। ୨୦୨୩ରେ ମିଶ୍ରୀ ରାଷ୍ଟ୍ରପତି ଅବଦେଲ ଫତାହ ଅଲ ସିସି ସାମିଲ ହୋଇଥିଲେ । କୋଭିଡ ମହାମାରୀ କାରଣରୁ ୨୦୨୧ ଏବଂ ୨୦୨୨ରେ ଗଣତନ୍ତ୍ର ଦିବସରେ କୌଣସି ଅତିଥି ଆସିନଥିଲେ । ୨୦୨୦ରେ ବ୍ରାଜିଲ ରାଷ୍ଟ୍ରପତି ବୋଲ୍ସୋନାରୋ ମୁଖ୍ୟ ଅତିଥି ଥିଲେ ।

## ଘର ଭିତରେ ଶ୍ୱାସରୁଦ୍ଧ ହୋଇ ଚାଲିଗଲା ଦୁଇ ଜୀବନ

**ଲକ୍ଷ୍ନୌ,୧୨।୧:** ଛୋଲେ ଭଟୁରେ ଷ୍ଟଲ୍ ପାଇଁ ରାତିରେ ଚାଲିଥିଲା ପ୍ରସ୍ତୁତି। ଷ୍ଟୋଭ ଉପରେ ବସିଥିଲା ଛୋଲେ। ତେବେ ଏତିକି ବେଳେ ଲାଗିଗଲା ଆଖି, ମାଡ଼ି ଆସିଲା ନିଦ। ଫଳରେ ରାତି ସାରା ଜଳିଲା ଷ୍ଟୋଭ୍। ଆଉ ସକାଳୁ ଚାଲିଗଲା ଦୁଇ ଯୁବକଙ୍କ ଜୀବନ। ଏଭଳି କିଛି ଅଭାବନୀ ଘଟଣା ସାମ୍ନାକୁ ଆସିଛି ଉତ୍ତରପ୍ରଦେଶର ନୋଏଡାରୁ। ଏଠାରେ ଦୁଇ ଜଣ ଯୁବକଙ୍କ ଶ୍ୱାସରୁଦ୍ଧ ହେବା ଯୋଗୁ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ୨୨ ବର୍ଷୀୟ ଉପେନ୍ଦ୍ର ଓ ୨୩ ବର୍ଷୀୟ ଶୁଭମ। ଏ ଦୁହେଁ ନୋଏଡାର ସେକ୍ଟର ୭୦ ସ୍ଥିତ ବସଇ ଗାଁରେ ଭଡ଼ାରେ ରହୁଥିଲେ। ଦୁହିଁଙ୍କ ଏକ ଷ୍ଟଲ୍ ଥିଲା, ଯେଉଁଠାରେ ସେମାନେ ଛୋଲେ କୁଲଚେ ଓ ଭଟୁରେ ବିକ୍ରି କରୁଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ଉଭୟ ଯୁବକ ଶୁକ୍ରବାର ରାତିରେ ଗ୍ୟାସ୍ ଷ୍ଟୋଭ୍ ଉପରେ ଛୋଲେ ରୋଷେଇ କରିବାକୁ ବସାଇଥିଲେ। ଏହାପରେ ସେମାନେ ଗ୍ୟାସ୍ ଅନ୍ କରି ଶୋଇ ପଡିଥିଲେ। ନୋଏଡା ସେଣ୍ଟ୍ରାଲ୍ ଜୋନ୍ ଆସିଷ୍ଟାଣ୍ଟ ପୁଲିସ୍ କମିଶନର ରାଜୀବ ଗୁପ୍ତା କହିଛନ୍ତି ଯେ ଚୁଲି ଉପରେ ଛୋଲେ ରାନ୍ଧିବା କାରଣରୁ କୋଠରୀଟି ଧୂଆଁରେ ପରିପୂର୍ଣ୍ଣ ହୋଇ ଯାଇଥିଲା। ଏହାପରେ ସେମାନଙ୍କ ପଡୋଶୀ ଘର ଭିତରୁ ଧୂଆଁ ବାହାରୁଥିବା ଦେଖି କବାଟ ବାଡେଇ ଥିଲେ। କିନ୍ତୁ କେହି ଖୋଲି ନଥିଲେ। ଏହାପରେ କବାଟ ଭାଙ୍ଗି ସେମାନେ ଘର ଭିତରେ ପଶିଥିଲେ। ଦୁଇ ଯୁବକଙ୍କ ଅଚେତ ଅବସ୍ଥାରେ ପଡିଥିବା ଦେଖି ସେମାନେ ତାଙ୍କୁ ଉଦ୍ଧାର କରି ନୋଏଡା ସେକ୍ଟର-୩୯ରେ ଥିବା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

## କ୍ରାଉଡ୍ ଫଣ୍ଡିଂକୁ ନେଇ ଆତିଶୀଙ୍କୁ ଅଲକାଙ୍କ କଡ଼ା ସମାଲୋଚନା



**ନୂଆଦିଲ୍ଲୀ, ୧୨।୧:** ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଆତିଶୀ କାଲକାଜୀ ବିଧାନସଭା ଆସନରୁ ନିର୍ବାଚନ ଲଢ଼ିବା ଲାଗି ଜନତାଙ୍କ ପାଖରୁ ସହାୟତା ମାଗିଛନ୍ତି। ଏପରିକି ସେ କ୍ରାଉଡ ଫଣ୍ଡିଂ ଆରମ୍ଭ କରିଛନ୍ତି । ଏହାକୁ ନେଇ କଂଗ୍ରେସ ପ୍ରାର୍ଥୀ ଅଲକା ଲାମ୍ବା କଡ଼ା ସମାଲୋଚନା କରିଛନ୍ତି । ଅଲକା ଲାମ୍ବା କହିଛନ୍ତି, 'ଆତିଶୀ ଏବେ ଜନତାଙ୍କୁ ଟଙ୍କା ମାଗୁଛନ୍ତି । ଯଦି ସେ ସଚ୍ଚୋଟ ତେବେ ସେ ନିଜ ଟଙ୍କାରେ ନିର୍ବାଚନ ଲଢ଼ନ୍ତୁ । ଆମ ଆଦମୀ ପାର୍ଟି କିଭଳି ଅବକାରୀ ଦୁର୍ନୀତି କରିଛି ଆମେ ସସସ୍ତେ ଦେଖିଛନ୍ତି । କେଜ୍ରିଓ୍ବାଲ ଏବଂ ବିଜେପି ମିଶି ଦିଲ୍ଲୀକୁ ବରବାଦ୍ କରିଦେଇଛନ୍ତି । କେଜ୍ରିଓ୍ବାଲ ବଜେପି ଏବଂ ଆରଏସଏସ୍ କାର୍ଯ୍ୟାଳୟ ଯିବା ବନ୍ଦ କରନ୍ତୁ ବୋଲି କହିଛନ୍ତି ଅଲକା ଲାମ୍ବା ।

ସେପଟେ ମୁଖ୍ୟମନ୍ତ୍ରୀ ଆତିଶୀ 'ଡୋନେଟ୍ ଫର ଆତିଶୀ' କ୍ୟାମ୍ପେନ୍ ଆରମ୍ଭ କରିବା ସହ ଟ୍ୱିଟ୍ କରିଛନ୍ତି, 'ଗତ ୫ ବର୍ଷରେ ବିଧାୟକ, ମନ୍ତ୍ରୀ ଏବଂ ଯେବେ ମୁଖ୍ୟମନ୍ତ୍ରୀ ହେଲି ଆପଣମାନେ ମୋ ସହ ରହିଛନ୍ତି । ଆପଣମାନଙ୍କ ସମର୍ଥନ ଏବଂ ଆଶୀର୍ବାଦ ବିନା ଏହା ସମ୍ଭବ ନୁହେଁ । ଜଣେ ଯୁବ ଏବଂ ଶିକ୍ଷିତ ମହିଳା ଭାବରେ ଆପଣମାନଙ୍କ ବିଶ୍ୱାସ ରାଜନୀତିରେ କ୍ୟାରିୟର କରିବାରେ ମୋତେ ପ୍ରେରଣା ଦେଇଛି ।'

ଆତିଶୀ ସମର୍ଥନ ଲାଗି ଅପିଲ୍ କରିବା ସହ କହିଛନ୍ତି, 'ଏବେ ଆଉ ଏକ ନିର୍ବାଚନ ଅଭିଯାନ ସାମ୍ନାରେ ରହିଛି । ମୋତେ ଆପଣମାନଙ୍କ ଆବଶ୍ୟକତା ରହିଛି । ମୋ କ୍ରାଉଡ ଫଣ୍ଡିଂ କ୍ୟାମ୍ପେନରେ ଯୋଗଦାନ ଦିଅନ୍ତୁ । ଅନ୍ୟପଟେ, ବିଜେପି ନେତା କପିଲ ମିଶ୍ର ମୁଖ୍ୟମନ୍ତ୍ରୀ ଆତିଶୀଙ୍କ କ୍ରାଉଡ୍ ଫଣ୍ଡିଂ କ୍ୟାମ୍ପେନକୁ ଜୋରଦାର ବିରୋଧ କରିଛନ୍ତି । ପୂର୍ବରୁ ଏନଆରଆଇ ଏବଂ ଦେଶର ଲୋକେ ଆପଣଙ୍କୁ ଟଙ୍କା ଦେଉଥିଲେ । କିନ୍ତୁ ଏବେ ମିଡିଆରେ ଆସି କ୍ରାଉଡ ଫଣ୍ଡିଂ କରୁଛନ୍ତି, ଏହା ଆପଣଙ୍କ ଦୁର୍ଗତିକୁ ଦର୍ଶାଉଛି । ଏମାନେ ଲୋକମାନଙ୍କ ସଂପର୍କରେ ନାହାନ୍ତି ଏବଂ ପରାଜିତ ହୋଇସାରିଛନ୍ତି।

ଶାହଙ୍କୁ ଟାର୍ଗେଟ୍ କଲେ କେଜ୍ରିଓ୍ବାଲ

# ବିଜେପି କ୍ଷମତାକୁ ଆସିଲେ ଲୋପ ପାଇଯିବ ବସ୍ତି



**ନୂଆଦିଲ୍ଲୀ,୧୨।୧:** ପାଖେଇ ଆସିଲାଣି ଦିଲ୍ଲୀ ବିଧାନସଭା ନିର୍ବାଚନ। ଆସନ୍ତା ମାସରେ ପଡିବ ଭୋଟ୍। ଏଥିପାଇଁ ସବୁ ରାଜନୈତିକ ଦଳ ଅଣ୍ଟା ଭିଡି ସାରିଲେଣି। ଦିଲ୍ଲୀର ବସ୍ତି ଅଞ୍ଚଳରେ ପ୍ରାୟ ୨୦ ଲକ୍ଷ ଭୋଟର ରୁହନ୍ତି, ଯାହାକୁ ଆମ୍ ଆଦମୀ ପାର୍ଟିର କୋର୍ ଭୋଟର୍ ବୋଲି କୁହାଯାଏ। ଏବେ ବସ୍ତି ଭୋଟରଙ୍କୁ ନେଇ ଆରମ୍ଭ ହୋଇଛି ଯୁଦ୍ଧ। ମୁହାଁମୁହିଁ ହୋଇଛନ୍ତି ଆମ୍ ଆଦମୀ ପାର୍ଟି ଓ ବିଜେପି।

ବିଜେପି ସତ୍ତାକୁ ଆସିଲେ ଦିଲ୍ଲୀ ସମସ୍ତ ବସ୍ତି ଅଞ୍ଚଳ ଧ୍ୱଂସ ହୋଇଯିବ। ସମସ୍ତ ବସ୍ତିକୁ ଭାଙ୍ଗି ଦେବ ବିଜେପି। ଏଭଳି କିଛି ଦାବି କରିଛନ୍ତି ଆମ୍ ଆଦମୀ ପାର୍ଟି ସୁପ୍ରିମୋ ଅରବିନ୍ଦ କେଜ୍ରିଓ୍ବାଲ। ପୂର୍ବତନ ମୁଖ୍ୟମନ୍ତ୍ରୀ କେଜ୍ରିଓ୍ବାଲ ଏଠାରେ ଥିବା ଶକୁର ବସ୍ତି ଅଞ୍ଚଳରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି କୁ ବସ୍ତି ବାସିନ୍ଦାଙ୍କ କଲ୍ୟାଣ ପରିବର୍ତ୍ତେ ଜମି ଅଧିଗ୍ରହଣକୁ ପ୍ରାଥମିକତା ଦେଇଥିବାର ଅଭିଯୋଗ କରିଛନ୍ତି। ବିଜେପିକୁ ଟାର୍ଗେଟ୍ କରି କେଜ୍ରିଓ୍ବାଲ ଆହୁରି କହିଛନ୍ତି, ସେମାନେ ପ୍ରଥମେ ଆପଣଙ୍କ ଭୋଟ ଚାହିଁବେ, ଆଉ ନିର୍ବାଚନ ପରେ ଆପଣଙ୍କ ଜମି। ବିଜେପିର 'ଯେଉଁଠାରେ ବସ୍ତି ସେଠାରେ ଘର' ଯୋଜନାକୁ ସମାଲୋଚନା କରି ଏହାକୁ କେବଳ ଏକ ଦେଖାଣିଆ ବୋଲି କହିଛନ୍ତି। ଗତ ପାଞ୍ଚ ବର୍ଷ ମଧ୍ୟରେ ବିଜେପି ବସ୍ତି ବାସିନ୍ଦାଙ୍କ ପାଇଁ ମାତ୍ର ୪,୭୦୦ ଫ୍ଲାଟ ନିର୍ମାଣ କରିଛି। ବସ୍ତି ବାସିନ୍ଦାଙ୍କ ବାସଗୃହର ଆବଶ୍ୟକତାକୁ ପୂରଣ ନକରି ଜମି ଅଧିଗ୍ରହଣ କରିବାକୁ ବିଜେପି ଯୋଜନା କରିଛି ବୋଲି କେଜ୍ରିଓ୍ବାଲ ଅଭିଯୋଗ କରିଛନ୍ତି। ଏହାପୂର୍ବରୁ ଶନିବାର ଦିଲ୍ଲୀରେ ଚାଲିଥିବା ବସ୍ତି ମୁଖ୍ୟ ସମ୍ମିଳନୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଯୋଗ ଦେଇ କେଜ୍ରିଓ୍ବାଲଙ୍କୁ ଟାର୍ଗେଟ୍ କରିଥିଲେ। ସେ କହିଥିଲେ ଯେ, ଦିଲ୍ଲୀର ବସ୍ତି ବାସିନ୍ଦା ଅରବିନ୍ଦ କେଜ୍ରିଓ୍ବାଲଙ୍କୁ ମିଥ୍ୟା ପ୍ରତିଶ୍ରୁତି ପାଇଁ ଉତ୍ତର ଦେବାକୁ ଯାଉଛନ୍ତି। ଫେବୃଆରୀ ୫ କୁ "ବିପର୍ଯ୍ୟୟରୁ ମୁକ୍ତି ଦିବସ" ବୋଲି ବର୍ଣ୍ଣନା କରି ସେ କହିଥିଲେ ଯେ ଏହି ଦିନ ଦିଲ୍ଲୀ ଦୁର୍ନୀତିରୁ ମୁକ୍ତ ହେବ। ଆପ୍ ସରକାର ଦିଲ୍ଲୀକୁ ନର୍କରେ ପରିଣତ କରିସାରିଲାଣି। ଯେଉଁମାନେ ଦୁର୍ନୀତି ବିରୋଧରେ ଆନ୍ଦୋଳନ କରି କ୍ଷମତାକୁ ଆସିଥିଲେ ସେମାନେ ବର୍ତ୍ତମାନ ଏତେ ଦୁର୍ନୀତିଗ୍ରସ୍ତ ହୋଇଛନ୍ତି। ସେମାନେ ସମସ୍ତ ରେକର୍ଡ ଭାଙ୍ଗିଛନ୍ତି। ଗତ ୧୦ ବର୍ଷ ଧରି ଦିଲ୍ଲୀ ସରକାର ସଙ୍କଟ ଦେଇ ଗତି କରୁଥିବାବେଳେ ସମଗ୍ର ଦେଶରେ ବିକାଶ ଘଟିଛି, କିନ୍ତୁ ଦିଲ୍ଲୀ ଗୋଟିଏ ସ୍ଥାନରେ ଅଟକି ଯାଇଛି ବୋଲି ଶାହ କହିଥିଲେ।

ସୂଚନାଯୋଗ୍ୟ, ଆସନ୍ତା ଫେବୃଆରୀ ୫ ତାରିଖରେ ଦିଲ୍ଲୀର ୭୦ଟି ବିଧାନସଭା ଆସନ ପାଇଁ ଭୋଟିଂ ହେବ। ୮ ତାରିଖରେ ଭୋଟ୍ ଗଣତି ହେବ।

# ଆଜିଠୁ ମହାକୁମ୍ଭ ମେଳା

**ନୂଆଦିଲ୍ଲୀ,୧୨।୧:** ଆସନ୍ତାକାଲିଠୁ ସଙ୍ଗମ୍ ନଗରୀ ପ୍ରୟାଗରାଜରେ ଆରମ୍ଭ ହେବ ମହାକୁମ୍ଭ ମେଳା। ୧୪୪ ବର୍ଷ ପରେ ଏହି ଅନନ୍ୟ ଓ ଦିବ୍ୟ ତିଥି ପଡ଼ିଥିବାରୁ ଏହାର ମାହାତ୍ମ ବଢ଼ି ଯାଇଛି। ଶ୍ରଦ୍ଧାଳୁଙ୍କୁ ସ୍ୱତନ୍ତ୍ର ଅନୁଭୂତି ଦେବାକୁ ସବୁ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦେଶର ସମସ୍ତ ପ୍ରମୁଖ ଆଖଡ଼ାରୁ ସାଧୁ ସନ୍ଥ ପହଞ୍ଚି ସାରିଲେଣି। ଆସନ୍ତାକାଲି ପୌଷ ପୂର୍ଣ୍ଣିମା ଓ ମକର ସଂକ୍ରାନ୍ତି। ଏହି ଦୁଇ ଦିନ ହେବ ସାହି ସ୍ନାନ। ପ୍ରଥମେ ସାଧୁ ଓ ମଠ ମହନ୍ତମାନେ ସ୍ନାନ କରିବା ପରେ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇବେ। ତା'ସହ ଦେଶ ଓ ବିଶ୍ୱର କୋଣ ଅନୁକୋଣରୁ ଆସୁଥିବା ଲକ୍ଷ ଲକ୍ଷ ଲୋକେ ବି ଯେପରି ସୁରୁଖୁରୁରେ ବୁଡ଼ ପକାଇବେ ସେଥିପାଇଁ ସବୁ ପ୍ରକାର ପ୍ରସ୍ତୁତି ସରିଛି। ପ୍ରତି ୧୨ ବର୍ଷରେ ପାଳନ କରାଯାଉଥିବା ଏହି ଭବ୍ୟ ଉତ୍ସବରେ ବିଶ୍ୱର ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଜାନୁଆରୀ ୧୩ରୁ ଫେବୃଆରୀ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି କୁମ୍ଭମେଳାରେ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ସମେତ ପାଖାପାଖି ୪୦ରୁ ୪୫ କୋଟି ପର୍ଯ୍ୟଟକ ଯୋଗ ଦେବେ। ଏହି ଧାର୍ମିକ ଉତ୍ସବକୁ ଅନେକ ଭିଆଇପି, ଭିଭିଆଇପି ଓ କୋଟିପତି ମଧ୍ୟ ଆସିବେ ବୋଲି ଆଶା କରାଯାଉଛି।



ରାଜ୍ୟ ସରକାର ପୁଲିସ ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହଯୋଗରେ ତୀର୍ଥଯାତ୍ରୀଙ୍କ ପାଇଁ ସବୁ ସୁବିଧା କରୁଛନ୍ତି। ଚଳିତବର୍ଷ ଏଥିରେ ଏଆଇ ପରି ଆଧୁନିକ ପ୍ରଯୁକ୍ତିକୁ ବି ବ୍ୟବହାର କରାଯାଉଛି। ମହାକୁମ୍ଭ ମେଳା ପାଇଁ ଡିଜିଟାଲ ସେଣ୍ଟର, ସିସିଟିଭି, ଏଲ୍ଇଡି ଡିସପ୍ଲେ, ଅତ୍ୟାଧୁନିକ ଏଆଇ ଚାଳିତ ଡାଟା ଆନାଲିଟିକ୍ସ ସଲ୍ୟୁସନ୍ ସିଷ୍ଟମ ସମେତ ଅନେକ ବୈଷୟିକ ବ୍ୟବସ୍ଥା କରାଯାଇଛି। ଏଥର ହଜିଲା ଲୋକଙ୍କୁ ଖୋଜିବା ପାଇଁ ତିଆରି ହୋଇଛି ଏକ ନିଆରା କେନ୍ଦ୍ର। ଏହାର ନାଁ ରଖାଯାଇଛି 'ଭୁଲେ-ଭଟକେ କେନ୍ଦ୍ର'।

## ବିନା ଶାର୍ଟରେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଘରକୁ ପଠାଇଲେ ପ୍ରିନ୍ସିପାଲ

**ରାଞ୍ଚି, ୧୨।୧:** ଦଶମ ଶ୍ରେଣୀ ପରୀକ୍ଷା ସରିଲା ବୋଲି ଖୁସିରେ ସେଲିବ୍ରେସନ କରୁଥିଲେ ଛାତ୍ରୀ। ଜଣେ ଜଣକ ଶାର୍ଟରେ ଲେଖୁଥିଲେ ଶୁଭେଚ୍ଛାର ବାର୍ତ୍ତା। ଏଭଳି ସେଲିବ୍ରେସନରେ ରାଗିଯାଇ ଛାତ୍ରୀମାନଙ୍କୁ ଶାର୍ଟ ଖୋଲିବାକୁ ବାଧ୍ୟ କରି ଘରକୁ ପଠାଇ ଦେଇଥିଲେ ସ୍କୁଲର ପ୍ରିନ୍ସିପାଲ। ଏଭଳି ଅଭାବନୀୟ ଘଟଣା ଝାଡ଼ଖଣ୍ଡ ଧାନବାଦର ଏକ ପ୍ରତିଷ୍ଠିତ ଘରୋଇ ସ୍କୁଲରେ ଘଟିଛି। ସୂଚନା ଅନୁସାରେ ଦଶମ ପରୀକ୍ଷା ସରୁଥିବାରୁ ସେହିଦିନକୁ ଛାତ୍ରୀମାନେ 'ପେନ୍ ଡେ' ଭାବେ ସେଲିବ୍ରେସନ କରିଥିଲେ। ସମସ୍ତେ ନିଜ ନିଜ ସାଙ୍ଗକୁ ଶୁଭେଚ୍ଛା ଜଣାଇବାକୁ ଯାଇ ସେମାନଙ୍କ ଶାର୍ଟରେ ଶୁଭେଚ୍ଛା ବାର୍ତ୍ତା ଲେଖିଥିଲେ। ପ୍ରାୟ ଶହେ ଛାତ୍ରୀ ଏହି ସେଲିବ୍ରେସନରେ ଭାଗ ନେଇଥିଲେ। ହେଲେ ଏଭଳି ସେଲିବ୍ରେସନ ସ୍କୁଲର ପ୍ରିନ୍ସିପାଲଙ୍କୁ ପସନ୍ଦ ଆସିନଥିଲା। ସେ ଏଥିରେ ରାଗିଯାଇ ଛାତ୍ରୀମାନଙ୍କୁ ଗାଳି ଦେଇଥିଲେ। ଏତିକି ନୁହେଁ, ସମସ୍ତଙ୍କୁ ନିଜ ନିଜ ଶାର୍ଟ ଖୋଲିବାକୁ ମଧ୍ୟ ବାଧ୍ୟ କରିଥିଲେ। ଦଶମ ଶ୍ରେଣୀ ଛାତ୍ରୀମାନଙ୍କୁ କେବଳ ବ୍ଲେଜର୍ସ ପିନ୍ଧି ଘରକୁ ଯିବାକୁ ମିଳିଥିଲା ଅନୁମତି। ଏଭଳି ଅବସ୍ଥାରେ ଘରକୁ ଛାତ୍ରୀମାନେ ଯାଇ ବାପା ମାଆଙ୍କ ନିକଟରେ କାନ୍ଦିଥିଲେ। ଜଣେ ଛାତ୍ରୀଙ୍କର ଭିଡିଓ ସୋଶାଲ ମିଡିଆରେ ମଧ୍ୟ ଖୁବ ଭାଇରାଲ ହେଉଛି। ଯେଉଁଥିରେ ସେଦିନ ତାଙ୍କ ସହ ହୋଇଥିବା ବ୍ୟବହାରକୁ କାନ୍ଦି କାନ୍ଦି ବଖାଣିଛନ୍ତି ଛାତ୍ରୀ ଜଣକ। ଏହି ଘଟଣା ପରେ ଅଭିଭାବକମାନେ ଡେପୁଟି କମିଶନରଙ୍କ ନିକଟକୁ ଯାଇ ଘରୋଇ ସ୍କୁଲର ପ୍ରିନ୍ସିପାଲଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ସୋରିଷ ତେଲ ପାଇଁ କଳି, ଛାଡ଼ପତ୍ର ଯାଏ ଗଲା କଥା

**ଲକ୍ଷ୍ନୌ, ୧୨।୧:** ସ୍ୱାମୀ-ସ୍ତ୍ରୀ ସମ୍ପର୍କ କେବେ ଖଟା ତ ଆଉ କେବେ ମିଠା। କେବେ ପ୍ରେମ ତ ଆଉ କେବେ କଥା କଥାରେ କଳି। ତେବେ ଏହି କଳି ବେଳେ ବେଳେ ନେଇଯାଏ ଉଗ୍ର ରୂପ। ଆଉ କଥା ଯାଇ ଛାଡ଼ପତ୍ରରେ ପହଞ୍ଚେ। ଏଭଳି ହିଁ ଘଟଣା ଏବେ ସାମ୍ନାକୁ ଆସିଛି ଉତ୍ତରପ୍ରଦେଶର ଆଗ୍ରାରୁ। ଏହି ଝଗଡ଼ାର କାରଣ ପାଲଟିଛି ସୋରିଷ ତେଲ। ଉଗ୍ର ରୂପ ନେଇ ଛାଡ଼ପତ୍ର ଯାଏ କଥା ପହଞ୍ଚିଛି। ଉତ୍ତର ପ୍ରଦେଶ ଆଗ୍ରା। ୨୦୨୦ରେ ଏଠାକର ଜଣେ ଯୁବକ ଓ ଯୁବତୀଙ୍କ ବିବାହ ବେଶ୍ ଧୁମ୍‌ଧାମରେ ହୋଇଥିଲା। ବିବାହ ପରେ ସବୁ କିଛି ସୁରୁଖୁରୁରେ ଚାଲିଥିଲା। ତେବ ୨୦୨୪ରେ ସ୍ତ୍ରୀଙ୍କ ହାତ ଖର୍ଚ୍ଚ ପାଇଁ ସ୍ୱାମୀଙ୍କୁ ଟଙ୍କା ମାଗୁଥିଲେ। ତେବେ ସ୍ୱାମୀ ସ୍ତ୍ରୀର କଥାକୁ ଅଣଦେଖା କରିଦେଉଥିଲେ। ଏହାପରେ ଏଥିରେ ବିରକ୍ତି ହୋଇ ସ୍ତ୍ରୀ ତାଙ୍କ ବାପ ଘରକୁ ଚାଲିଯାଉଥିଲେ। ସେଠାରେ ସେ ନିଜ ହାତ ଖର୍ଚ୍ଚ ବାହାର କରିବା ପାଇଁ ସୋରିଷ ତେଲ ବିକ୍ରି କରୁଥିଲେ। ଏହା ଜାଣିବା ପରେ ରାଗି ଯାଇଥିଲେ ସ୍ୱାମୀ। ଏହି ପ୍ରସଙ୍ଗକୁ ନେଇ ଉଭୟଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ଝଗଡ଼ା। ପରେ ଏହା ଉଗ୍ର ରୂପ ନେଇଥିଲା, ପରେ ଛାଡପତ୍ର ଯାଏ କଥା ଯାଇଥିଲା। ରାଗରେ ସ୍ତ୍ରୀ ସବୁଦିନ ପାଇଁ ତାଙ୍କ ବାପାମାଆଙ୍କ ଘରକୁ ଚାଲି ଯାଇଥିଲେ। ସେଠାକୁ ଆସିବା ପରେ, ସ୍ତ୍ରୀ ପୁଲିସରେ ଅଭିଯୋଗ କରିଥିଲେ।

# ଲିଭିବା ନାଁ ଧରୁନି ନିଆଁ: ନେଲାଣି ୧୬ ଜୀବନ



**ଲସ୍ ଏଞ୍ଜଲିସ୍, ୧୨।୧:** ହୁ ହୁ ହୋଇ ଜଳୁଛି ଜଙ୍ଗଲ। ନିଆଁ ଆଁରେ ପଶିଗଲାଣି ଜନବସତି। ଏହା ଥମିବାର ନାଁ ଧରୁନାହିଁ। ନିଆଁ ସହ ଚାରିଆଡେ ବ୍ୟାପିବାରେ ଲାଗିଛି ଧୂଆଁ। ଲସ୍ ଏଞ୍ଜଲିସ୍‌ରେ ଲାଗିଥିବା ନିଆଁ ବିକରାଳ ରୂପ ଧାରଣ କରି ଜନବସତି ଆଡକୁ ବଢ଼ି ଚାଲିଛି। ବର୍ତ୍ତମାନ ସୁଦ୍ଧା ଏହି ନିଆଁରେ ପୋଡି ୧୬ ଜଣଙ୍କ ଜୀବନ ଗଲାଣି। ସେହିପରି ୧୨ ହଜାରରୁ ଅଧିକ ଘର ଜଳି ପୋଡି ପାଉଁଶ ହୋଇଗଲାଣି।

ନିଆଁ ଲିଭାଇବା ପାଇଁ ସରକାର ଲାଗି ପଡିଛନ୍ତି। ତଥାପି ନିଆଁ ଆୟତ୍ତ ହେଉନାହିଁ। ଅଗ୍ନିଶମ ବାହିନୀ ନିଆଁ ଲିଭାଇବା ପାଇଁ ଝାଳ ବୁହା ପରିଶ୍ରମ ମଧ୍ୟ କରୁଛି। କିନ୍ତୁ ପ୍ରବଳ ପବନ ଯୋଗୁ ଏହା ଲିଭିବା ବଦଳରେ ବଢ଼ି ଚାଲିଛି। ପାଣିପାଗ ବିଭାଗର କହିବା ମୁତାବକ, ଆଜି ରାତି ଓ ସୋମବାର ଆହୁରି ଅଧିକ ପବନ ବହିବା ସମ୍ଭାବନା ରହିଛି। ତେଣୁ ନିଆଁ ଆହୁରି ବଢ଼ିବ ବୋଲି ଅଶଙ୍କା କରାଯାଇଛି। ଲସ୍ ଏଞ୍ଜଲିସ୍ କାଉଣ୍ଟିର ଚାରି ଅଞ୍ଚଳରେ ନିଆଁ ବ୍ୟାପି ତାଣ୍ଡବ ରଚିଛି। ଏଥିରେ ପେସିଫିକ୍ ପେଲିସେଡସ୍ ଅଞ୍ଚଳ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଏଠାରେ ପ୍ରାୟ ୧୦୦୦ ଏକର ଯାଏଁ ନିଆଁ ବ୍ୟାପିଛି, ଯେଉଁଥିରେ ହଜାର ହଜର ଘର ଜଳି ପୋଡି ପାଉଁଶ ହୋଇଯାଇଛି। ଫଳରେ ଏଠାର ଲୋକ ଘର ଛାଡି ସୁରକ୍ଷିତ ସ୍ଥାନକୁ ଯିବାକୁ ବାଧ୍ୟ ହୋଇଛନ୍ତି। ଇଟନ୍ ଓ ଅନ୍ୟ ଅଞ୍ଚଳର ମଧ୍ୟ ନିଆଁର ପ୍ରକୋପ ଜାରି ରହିଛି। ଲସ୍ ଏଞ୍ଜଲିସ୍ କାଉଣ୍ଟିରେ ୧୦୦,୦୦୦ରୁ ଅଧିକ ବାସିନ୍ଦା ବିସ୍ଥାପିତ ହୋଇଯାଇଛନ୍ତି। ସେହିପରି ନିଆଁ ଲାଗି ଅନେକ ହଲିଉଡ ଷ୍ଟାର୍ ମଧ୍ୟ ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ବେଶ୍ ଦାମୀ ଘରଗୁଡିକ ମଧ୍ୟ ପୋଡି ପାଉଁଶ ହୋଇଯାଇଛି। ଲସ୍ ଏଞ୍ଜଲିସ କାଉଣ୍ଟି ପୁଲିସ ବିଭାଗ କହିଛି ବର୍ତ୍ତମାନ ସୁଦ୍ଧା ନିଆଁରେ ପୋଡି ୧୬ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୧୩ ଜଣ ଏବେବି ନିଖୋଜ ଅଛନ୍ତି। ପୀଡିତଙ୍କୁ ଉଦ୍ଧାର କରିବା ପାଇଁ ସନ୍ଧାନୀ କୁକୁର ସ୍କ୍ୱାଡ୍ ସହାୟତାରେ ଅଗ୍ନି ପ୍ରଭାବିତ ଅଞ୍ଚଳରେ ଥିବା ଘର ଏବଂ ଅନ୍ୟାନ୍ୟ ଅଟ୍ଟାଳିକାରେ ସର୍ଚ୍ଚ ଅପରେସନ ଚାଲିଛି।

ସୂଚନା ମୁତାବକ, କାଲିଫର୍ଣ୍ଣିଆ ଜଙ୍ଗଲରେ ନିଆଁ ଜାନୁଆରୀ ୭ ତାରିଖରେ ଲାଗିଥିଲା, ଯାହା ଏକ ସପ୍ତାହ ପରେ ମଧ୍ୟ ଥମିବାର ନାଁ ଧରୁନି। ନିଆଁ ଲିଭାଇବା ପାଇଁ ଆକାଶ ମାର୍ଗରୁ ପାଣି ସିଞ୍ଚନ ଚାଲିଛି ତଥାପି ନିଆଁ ଆୟତ୍ତ ହେଉନାହିଁ।

# ଦେବଜିତ୍ ସାଇକିଆ ବିସିସିଆଇ ନୂଆ ସମ୍ପାଦକ

**ମୁମ୍ବାଇ,୧୨।୧:** ବିସିସିଆଇକୁ ମିଳିଲେ ନୂଆ ସମ୍ପାଦକ। ଦେବଜିତ୍ ସାଇକିଆ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ନୂଆ ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ଆସାମର ପୂର୍ବତନ କ୍ରିକେଟର ଦେବଜିତ୍ ସାଇକିଆଙ୍କୁ ବିସିଆଇର ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ଜୟ ଶାହ ଆଇସିସି ଅଧ୍ୟକ୍ଷ ହେବା ପରେ ଦେବଜିତ ସାଇକିଆଙ୍କୁ ଏହି ଦାୟିତ୍ୱ ମିଳିଛି। ଏବେ ଜୟ ଶାହଙ୍କ ଜାଗା ନେଇ ଦେବଜିତ୍ ସାଇକିଆ।

ବିସିସିଆଇ ଅଧ୍ୟକ୍ଷ ରୋଜର ବିନି ପୂର୍ବତନ କ୍ରିକେଟର ଦେବଜିତ ସାଇକିଆଙ୍କୁ କାର୍ଯ୍ୟକାରୀ ସମ୍ପାଦକ ଭାବେ ନିଯୁକ୍ତ କରିଛନ୍ତି। ପୂର୍ବତନ ୱିକେଟ କିପର ବ୍ୟାଟ୍ସମ୍ୟାନ ଦେବଜିତ ସାଇକିଆ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ତଥା ବିସିସିଆଇର ନୂଆ ସମ୍ପାଦକ ହୋଇଛନ୍ତି। ଆଇସିସି ଅଧ୍ୟକ୍ଷ ଜୟ ଶାହଙ୍କ ସ୍ଥାନରେ ଦେବଜିତ ଏହି ପଦ ଗ୍ରହଣ କରିବେ। ଏହି ପଦ ପାଇଁ ଦେବଜିତ ଏକମାତ୍ର ପ୍ରାର୍ଥୀ ଥିଲେ। ଜୟ ଶାହ ଆଇସିସି ଅଧ୍ୟକ୍ଷ ହେବା ପରେ ସାଇକିଆ ମଧ୍ୟବର୍ତ୍ତୀକାଳୀନ ସମ୍ପାଦକ ଭାବରେ କାର୍ଯ୍ୟ କରୁଥିଲେ।

ବିସିସିଆଇ ସମ୍ବିଧାନ ଅନୁଯାୟୀ କୌଣସି ଖାଲି ପଦବୀକୁ ୪୫ ଦିନ ମଧ୍ୟରେ ପୂରଣ କରିବାର ନିୟମ ରହିଛି। ଜୟ ଶାହ ୨୦୨୪ ଡିସେମ୍ବର ୧ ତାରିଖରେ ଆଇସିସି ଅଧ୍ୟକ୍ଷ ରୂପେ ଦାୟିତ୍ୱ ଗ୍ରହଣ କରିଥିଲେ।



ଏହାପରେ ସମ୍ପାଦକ ପଦ ଖାଲି ପଡିଥିଲା। ବିସିସିଆଇ ଏକ ସାଧାରଣ ସଭା ଡାକି ଏହି ପଦବୀ ନେଇ ଦେବଜିତ ସାଇକିଆଙ୍କୁ ସମ୍ପାଦକ ନିଯୁକ୍ତି କରିଛି। କିଏ ଦେବଜିତ୍ ସାଇକିଆ- ୧୯୬୯ରେ ଆସାମ ରାଜଧାନୀ ଗୌହାଟୀରେ ଦେବଜିତ ସାଇକିଆ ଜନ୍ମଗ୍ରହଣ କରିଥିଲେ। ଆସାମ ଟିମ୍ ପକ୍ଷରୁ ଫାଷ୍ଟ କ୍ଲାସ କ୍ରିକେଟ ଖେଳିଥିଲେ। ୧୯୮୪ରେ ଖେଳିବାକୁ ସୁଯୋଗ ପାଇଥିଲେ। ଆସାମ ଅଣ୍ଡର-୧୯ ଟିମରେ ୧୯୮୯ରେ ଖେଳିଥିଲେ। ସେ ପ୍ରଥମ ଶ୍ରେଣୀର ପୂର୍ବତନ କ୍ରିକେଟର। ସେ ୧୯୯୦ରୁ ୧୯୯୧ ଯାଏ ୪ଟି ମ୍ୟାଚ ଖେଳିଥିଲେ। ତାଙ୍କ କ୍ରିକେଟ କ୍ୟାରିୟର ବହୁତ ଛୋଟ ରହିଛି। ସେ ୫୩ ରନ୍ କରି ୯ଟି ୱିକେଟ ନେଇଛନ୍ତି। ଇଷ୍ଟ ଜୋନ ପକ୍ଷରୁ ସୌରଭ ଗାଙ୍ଗୁଲିଙ୍କ ସହ ଖେଳିଛନ୍ତି ଦେବଜିତ୍। ୨୦୨୨ରେ ସାଇକିଆଙ୍କୁ ବିସିସିଆଇ ଯୁଗ୍ମ ସଚିବ ନିଯୁକ୍ତ କରିଥିଲା। ସେବେ ସୌରଭ ଗାଙ୍ଗୁଲି ବିସିସିଆଇ ସଭାପତି ଥିଲେ। ୧୯୯୧ରେ ୱିକେଟକିପର ବ୍ୟାଟ୍ସମ୍ୟାନ ହିସାବରେ ଆସାମ ପାଇଁ ରଣଜୀ ଟ୍ରଫି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ୨୧ ବର୍ଷ ବୟସରେ କ୍ରିକେଟ କ୍ୟାରିୟର ଛାଡି ପାଠ ପଢାରେ ଫୋକସ କରିଥିଲେ। ଅର୍ଥନୀତିରେ ମାଷ୍ଟର ଡିଗ୍ରୀ ହାସଲ କରି ଆଇନରେ ଡିଗ୍ରୀ ଏବଂ ଓକିଲାତି ପ୍ରାକ୍ଟିସ କରିଥିଲେ। ଗୌହାଟୀ ହାଇକୋର୍ଟରେ ଓକିଲ ହୋଇଥିଲେ। କ୍ରୀଡା କୋର୍ଟ ଅନୁଯାୟୀ ଆରିବିଆଇ ଓ ଉତ୍ତର ରେଲୱେରେ ଚାକିରି ପାଇଥିଲେ।

## ଆଇପିଏଲ୍-୧୮

# ଶ୍ରେୟସ୍ ପଞ୍ଜାବ କିଙ୍ଗସ ଅଧିନାୟକ




**ମୁମ୍ବାଇ,୧୨।୧:** ଆସନ୍ତା ମାର୍ଚ୍ଚ ୨୧ରୁ ମେ' ୨୫ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଆଇପିଏଲ୍‌ର ଅଷ୍ଟାଦଶ ସଂସ୍କରଣ ସକାଶେ ଅନ୍ୟତମ ଫ୍ରାଞ୍ଚାଇଜି ପଞ୍ଜାବ କିଙ୍ଗ୍‌ସ ପକ୍ଷରୁ ରବିବାର ଅଧିନାୟକଙ୍କ ନାମ ଘୋଷଣା କରାଯାଇଛି। ଏକ ଭିନ୍ନ ପରିବେଶରେ ଆଜି ଏହି ଘୋଷଣା ହୋଇଛି। ଟେଲିଭିଜନ ରିଆଲିଟି ଶୋ' 'ବିଗ୍ ବସ୍' ମଞ୍ଚରେ ବଲିଉଡ୍ ଅଭିନେତା ତଥା ଉପସ୍ଥାପକ ସଲମାନ୍ ଖାନ୍ ଏହି ଘୋଷଣା କରିଛନ୍ତି। ବିଗ୍ ବସ୍ ମଞ୍ଚରେ ଶ୍ରେୟସ୍‌ଙ୍କ ସହ ଯୁଜବେନ୍ଦ୍ରଚହଲ୍ ଅତିଥି ଭାବେ ଯୋଗଦେଇଥିଲେ। ଗତ ସଂସ୍କରଣରେ ଶ୍ରେୟସ୍ କୋଲ୍‌କାତା ନାଇଟ୍ ରାଇଡର୍ସକୁ ଚାମ୍ପିଅନ୍ କରାଇଥିଲେ ହେଁ ତାଙ୍କୁ ଟିମ୍ କାଏମ ରଖି ନଥିଲା। ଅନ୍ୟପକ୍ଷରେ ପଞ୍ଜାବ କିଙ୍ଗ୍‌ସ ତାଙ୍କୁ ଗତ ଅକ୍ସନ୍‌ରେ ଦ୍ୱିତୀୟ ସର୍ବାଧିକ ୨୬.୭୫ କୋଟି ଟଙ୍କାରେ ଖରିଦ୍ କରିଥିଲା। ଅଧିନାୟକ ଭାବେ ନିଯୁକ୍ତି ହେବା ପରେ ଶ୍ରେୟସ୍ ସନ୍ତୋଷ ପ୍ରକାଶ କରିବା ସହ ଆଗାମୀ ସିଜନ୍‌ରେ ପୁଣିଥରେ କୋଚ୍ ଭାବେ ରିକି ପଣ୍ଟିଂଙ୍କ ସହ କାର୍ଯ୍ୟ କରିବାକୁ ଅପେକ୍ଷା କରିଥିବା କହିଛନ୍ତି। ତେବେ ପଞ୍ଜାବ କିଙ୍ଗ୍‌ସ ମ୍ୟାନେଜ୍‌ମେଣ୍ଟ୍ ତାଙ୍କ ଉପରେ କରିଥିବା ଭରସାକୁ ସେ ନିଶ୍ଚିତ ଭାବେ ସଠିକ୍ ସାବ୍ୟସ୍ତ କରିବେ ବୋଲି ଶ୍ରେୟସ୍ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ପଞ୍ଜାବ ଅଦ୍ୟାବଧି ଥରେ ଫାଇନାଲ୍‌କୁ ଯାଇଥିଲେ ମଧ୍ୟ ଟ୍ରଫି ହାତେଇବାର ସଫଳତାଠାରୁ ଦୂରରେ ରହିଛି। ଆଗାମୀ ସିଜନ୍‌ରେ ଶ୍ରେୟସ୍ ଦଳୀୟ ସଫଳତାକୁ ଆଉ ପାଦେ ଆଗେଇନେବେ ବୋଲି ଟିମ୍ ମ୍ୟାନେଜ୍‌ମେଣ୍ଟ୍ ଆଶା ପ୍ରକାଶ କରିଛି।




ସୋମବାରଠାରୁ ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଇନ୍‌ଡୋର୍ ଷ୍ଟାଡିୟମ୍‌ଠାରେ ୨୩ଟି ଦେଶକୁ ନେଇ ଖୋ ଖୋ ବିଶ୍ୱକପ୍ ଆରମ୍ଭ ହେବ। ଏହା ପୂର୍ବରୁ ରବିବାର ଆୟୋଜିତ ସ୍ୱାଗତ ସମାରୋହରେ ଭାରତୀୟ ଖୋ ଖୋ ମହାସଂଘ ସଭାପତି ସୁଧାଂଶୁ ମିତ୍ତଲ ଓ ଅନ୍ୟମାନେ।

## ଜାତୀୟ ମହିଳା ଭାରୋତ୍ତୋଳନ

# ଓଡ଼ିଶାକୁ ଆଉ ୮ ପଦକ
# ମୀନା, ରୀମା, ବିଦୁସ୍ମିତାଙ୍କୁ ସ୍ୱର୍ଣ୍ଣ




**ବ୍ରହ୍ମପୁର,୧୨।୧(ସଂଚାର ବ୍ୟୁରୋ):** ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡ଼ିୟମ୍‌ରେ ଚାଲିଥିବା ଜାତୀୟ ମହିଳା ଭାରୋତ୍ତୋଳନ ପ୍ରତିଯୋଗିତାର ତୃତୀୟ ଦିନରେ ପଦକର ବର୍ଷା କରିଛନ୍ତି ଓଡ଼ିଶାର ଭାରୋତ୍ତୋଳକ। ତୃତୀୟ ଦିନରେ ତିନିଟି ବର୍ଗ ଯଥା ୫୯ କିଲୋ, ୬୪ କିଲୋ, ୭୧ କିଲୋ ବର୍ଗରେ ପ୍ରତିଯୋଗିତା ହୋଇଥିଲା। ସେଥିରୁ ଓଡ଼ିଶା ତିନିଟି ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଓ ତିନିଟି କାଂସ୍ୟ ପଦକ ହାସଲ କରିଛି। ଶନିବାରର ପଦକକୁ ମିଶାଇ ଆୟୋଜକ ଓଡ଼ିଶାର ମୋଟ ପଦକ ସଂଖ୍ୟା ୧୪ (୭ ସ୍ୱର୍ଣ୍ଣ, ୪ ରୌପ୍ୟ, ୩ କାଂସ୍ୟ)କୁ ବଢ଼ିଛି। ୫୯ କିଲୋ କନିଷ୍ଠ ବର୍ଗରେ ଓଡ଼ିଶାର ବିଦୁସ୍ମିତା ଭୋଇଙ୍କ ମୋଟ ୧୮୯ ( ସ୍ନାଚ୍‌ରେ ୮୪ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୦୫) ସ୍ୱର୍ଣ୍ଣ, ପଶ୍ଚିମବଙ୍ଗର ରାଜ୍ୟଶ୍ରୀ ବିଶ୍ୱାସ ମୋଟ ୧୮୮ ( ସ୍ନାଚ୍‌ରେ ୮୫ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୦୩) ରୌପ୍ୟ ଓ ଓଡ଼ିଶାର ମୀନା ସାନ୍ତା (ବି) ମୋଟ ୧୫୭ ( ସ୍ନାଚ୍‌ରେ ୭୦ ଓ କ୍ଲିନ ଆଣ୍ଡ ଜର୍କରେ ୮୭) ଭାର ଉଠାଇ କାଂସ୍ୟ ପଦକ ହାସଲ କରିଛନ୍ତି। ଯୁବବର୍ଗରେ ମୀନା ସାନ୍ତା (ବି) ମୋଟ ୧୫୭ ( ସ୍ନାଚ୍‌ରେ ୭୦ ଓ କ୍ଲିନ୍ ଆଣ୍ଡ୍ ଜର୍କରେ ୮୭)ଙ୍କୁ ସ୍ୱର୍ଣ୍ଣ, ଝାଡ଼ଖଣ୍ଡର ସୀମା ମାରାଣ୍ଡି ମୋଟ ୧୪୭ ( ସ୍ନାଚ୍‌ରେ ୬୬ ଓ କ୍ଲିନ୍ ଆଣ୍ଡ୍ ଜର୍କରେ ୮୧)ଙ୍କୁ ରୌପ୍ୟ, ହରିୟାଣାର ଆରତିଙ୍କୁ ମୋଟ ୧୪୬ (ସ୍ନାଚ୍‌ରେ ୬୬ ଓ କ୍ଲିନ୍ ଆଣ୍ଡ୍ ଜର୍କରେ ୮୦) ବ୍ରୋଞ୍ଜପଦକ ହାସଲ କରିଛନ୍ତି। ବରିଷ୍ଠରେ ଓଡ଼ିଶାର ରୀମା ଭୋଇ ମୋଟ ୧୯୨ ( ସ୍ନାଚ୍‌ରେ ୮୨ ଓ କ୍ଲିନ ଆଣ୍ଡ ଜର୍କରେ ୧୧୦) ସ୍ୱର୍ଣ୍ଣ, ପଶ୍ଚିମବଙ୍ଗର ରାଜ୍ୟଶ୍ରୀ ବିଶ୍ୱାସ ମୋଟ ୧୮୮ (ସ୍ନାଚ୍‌ରେ ୮୫ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୦୩) ଙ୍କୁ ରୌପ୍ୟ ଓ ମୀନା ସାନ୍ତା ମୋଟ ୧୫୭ (ସ୍ନାଚ୍‌ରେ ୭୦ ଓ କ୍ଲିନ ଆଣ୍ଡ ଜର୍କରେ ୮୭)ରେ ବ୍ରୋଞ୍ଜପଦକ ହାସଲ କରିଛନ୍ତି। ସେହିପରି ୬୪ କିଲୋ ବର୍ଗର ବରିଷ୍ଠରେ ଛତିଶଗଡ଼ର ସୋନାଲି ଯାଦବ ମୋଟ ୧୮୩ (ସ୍ନାଚ୍‌ରେ ୮୧ ଓ କ୍ଲିନ ଆଣ୍ଡ ଜର୍କରେ ୧୦୨)ଙ୍କୁ ସ୍ୱର୍ଣ୍ଣ, ଗୋଆର ହିମାଲି କାମ୍ବଲେ ମୋଟ ୧୮୦ କିଲୋ ( ସ୍ନାଚ୍‌ରେ ୭୫ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୦୫)ରୌପ୍ୟ, ଓଡ଼ିଶାର ଅପରାଜିତା ଭୂୟାଁ ମୋଟ ୧୭୨ (ସ୍ନାଚ୍‌ରେ ୭୬ ଓ କ୍ଲିନ୍ ଆଣ୍ଡ ଜର୍କରେ ୯୬)ଙ୍କୁ ବ୍ରୋଞ୍ଜପଦକ ମିଳିଛି। କନିଷ୍ଠ ବର୍ଗରେ ମହାରାଷ୍ଟ୍ରର ମାହି ମହେନ୍ଦ୍ର ଭାବୁଲକର ମୋଟ ୧୬୧ ( ସ୍ନାଚ୍‌ରେ ୭୫ ଓ କ୍ଲିନ ଆଣ୍ଡ ଜର୍କରେ ୮୬), ଓଡ଼ିଶାର ଟିକି ମୋହିନି ମଲ୍ଲିକ ମୋଟ ୧୫୬ (ସ୍ନାଚ୍‌ରେ ୭୧ ଓ କ୍ଲିନ ଆଣ୍ଡ ଜର୍କରେ ୮୫) ଓ ତାମିଲନାଡୁର ଭରଣୀ ପ୍ରିୟା ମୋଟ ୧୪୭ (ସ୍ନାଚ୍‌ରେ ୬୫ ଓ କ୍ଲିନ୍ ଆଣ୍ଡ ଜର୍କରେ ୮୨) କିଲୋଗ୍ରାମ ଭାର ଉଠାଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଯୁବ ବର୍ଗରେ ମହାରାଷ୍ଟ୍ରର ରତିକା ଚିଞ୍ଚୱାଡ଼େ ମୋଟ ୧୫୮ ( ସ୍ନାଚ୍‌ରେ ୭୨ ଓ କ୍ଲିନ୍ ଆଣ୍ଡ ଜର୍କରେ ୮୬) ଭାର ଉଠାଇ ସ୍ୱର୍ଣ୍ଣ, ଓଡ଼ିଶାର ଟିକିମୋହନ ମଲ୍ଲିକ ମୋଟ ୧୫୬ (ସ୍ନାଚ୍‌ରେ ୭୧ ଓ କ୍ଲିନ୍ ଆଣ୍ଡ ଜର୍କରେ ୮୫)ରେ ରୌପ୍ୟ, ରୋମାଲି ପ୍ରଧାନ ୧୪୫ (ସ୍ନାଚ୍‌ରେ ୬୩ ଓ କ୍ଲିନ୍ ଆଣ୍ଡ

# ଟାଟା ଷ୍ଟିଲ୍ କପିଳାସ ହାଫ୍ ମାରାଥନ୍: ଶୁଭମ୍, ଭାରତୀ ବିଜେତା

**ଭୁବନେଶ୍ୱର,୧୨।୧(ସଂଚାର ବ୍ୟୁରୋ):** ଟାଟା ଷ୍ଟିଲ୍ ପକ୍ଷରୁ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ଆଥ୍‌ଲେଟିକ୍ ଆସୋସିଏସନ୍ ସହଯୋଗରେ କପିଳାସଠାରେ ଅନୁଷ୍ଠିତ ଟାଟା ଷ୍ଟିଲ୍ ହାଫ୍ ମାରାଥନ୍‌ର ଦ୍ୱିତୀୟ ସଂସ୍କରଣର ପୁରୁଷ ବର୍ଗରେ ହରିୟାଣାର ଶୁଭମ ସିନ୍ଧୁ ଏବଂ ମହିଳାରେ ଭାରତୀ ପ୍ରଥମ ସ୍ଥାନ ଅଧିକାର କରି ବିଜେତା ହୋଇଛନ୍ତି। ବନ୍ୟଜନ୍ତୁଙ୍କ ସୁରକ୍ଷା ବାର୍ତ୍ତା ନେଇ ଆୟୋଜିତ ଏହି ପ୍ରତିଯୋଗିତାରେ ମୋଟ ୪୬୦୦ ଦୌଡ଼ ପ୍ରେମୀ ଅଂଶଗ୍ରହଣ କରିଥିଲେ। କେନ୍ଦ୍ର ଶିକ୍ଷା, ଦକ୍ଷତା ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ରୁଦ୍ର ନାରାୟଣ ପାଣି, ପର୍ଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗରର ବିଧାୟକ ଶତ୍ରୁଘ୍ନ ଜେନା ଓ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସ୍‌ପି ଅଭିନବ ସୋନକର ଓ ବନଖଣ୍ଡ ଅଧିକାରୀ ସୁମିତ କର ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ଟାଟା ଷ୍ଟିଲ୍ ଉପସଭାପତି (ର-ମ୍ୟାଟେରିଆଲ୍‌ସ) ଡି ବି ସୁନ୍ଦର ରମଣ, ଟାଟା ଷ୍ଟିଲ୍ ମେରାମଣ୍ଡଳୀର ଉପସଭାପତି (ଅପରେସନ୍ସ) ଉତ୍ତମ ସିଂହ, ସନ୍ଦୀପ ଧୀର, ଟାଟା ଷ୍ଟିଲ୍ ଟେକ୍ନିକାଲ୍ ସର୍ଭିସେସ୍ ସିଇଓ ପ୍ରମୁଖ ଉପସ୍ଥିତ ଥିଲେ। ୨୧




କି.ମି ବା ମୁଖ୍ୟ ପ୍ରତିଯୋଗିତାର ମହିଳା ବର୍ଗରେ ହରିୟାଣାର ଭାରତୀ ପ୍ରଥମ, ଭୋପାଳର ଫୁଲନ ପାଲ ଦ୍ୱିତୀୟ, ପଶ୍ଚିମବଙ୍ଗର ଶ୍ୟାମଳୀ ସିଂ ତୃତୀୟ, ଖୋର୍ଦ୍ଧାର ସନ୍ଧ୍ୟା ମୁର୍ମୁ ଚତୁର୍ଥ ଓ ମାମିନା ମୁର୍ମୁ ପଞ୍ଚମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ପୁରୁଷ ବର୍ଗରେ ହରିୟାଣାର ଶୁଭମ୍ ସିନ୍ଧୁ ପ୍ରଥମ, ଭୋପାଳର ଉପେନ୍ଦ୍ର ପାଲ ଦ୍ୱିତୀୟ, ଖୋର୍ଦ୍ଧାର ଶରତ କୁମାର ଦୋରା ତୃତୀୟ, ବାରିପଦାର ଶିବ ସିଂ ଚତୁର୍ଥ ଓ ଖୋର୍ଦ୍ଧାର ଆଲୋକ କୁମାର ସାହୁ ପଞ୍ଚମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ୧୦ କି.ମି ମହିଳା ବର୍ଗରେ ସୁସ୍ମିତା ଟିଗା ପ୍ରଥମ, ସୁନିତା ଦ୍ୱିତୀୟ, ଖୋର୍ଦ୍ଧାର ଦିନମତି ସବାର ତୃତୀୟ, ସ୍ୱର୍ଣ୍ଣଲତା ଶର୍ମା ଚତୁର୍ଥ, ପଞ୍ଚମୀ ମଲ୍ଲିକ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ପୁରୁଷ ବର୍ଗରେ ଉତ୍ତର ପ୍ରଦେଶର ଅଜୟ କୁମାର ବିନ୍ଦ, ଅନୁଗୁଳର ଅଶୋକ ଦଣ୍ଡସେନା ଦ୍ୱିତୀୟ, ବାରଣାସୀର ରାହୁଳ କୁମାର ରାଜଭର ତୃତୀୟ, ବିଳାସପୁରର ଅନିଶ ଚାଣ୍ଡେଲ ଚତୁର୍ଥ ଓ ଗୋରଖପୁରର ପିଣ୍ଟୁ କୁମାର ପଞ୍ଚମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ୫ କି.ମି ମହିଳା ବର୍ଗରେ ଖୋର୍ଦ୍ଧାର ସାଗରିକା ନାୟକ ପ୍ରଥମ, ସୁନ୍ଦରଗଡ଼ର ପୂର୍ଣ୍ଣିମା ସାଣ୍ଡିଲ ଦ୍ୱିତୀୟ, ଖୋର୍ଦ୍ଧାର ନମସୀ ସାମଦ ତୃତୀୟ, କଟକର ମେହେକ ବେଗମ ଚତୁର୍ଥ, ଖୋର୍ଦ୍ଧାର ଶୁଭଲକ୍ଷ୍ମୀ ନାଥଶର୍ମା ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ପୁରୁଷ ବର୍ଗରେ ଦୋଳମଣି ଚିରଗୁନ୍ ପ୍ରଥମ, ଖୋର୍ଦ୍ଧାର ଶୁଭମ ବେହେରା ଦ୍ୱିତୀୟ, ବାଘରାଇ ମୁର୍ମୁ ତୃତୀୟ, ଉନିତ ସବାର ଚତୁର୍ଥ ଓ ଢେଙ୍କାନାଳର ପ୍ରିୟାଂଶୁ ପରିଡ଼ା ପଞ୍ଚମ ସ୍ଥାନ ଅଧିକାର କରି ନଗଦ ଅର୍ଥରାଶି ସହ ପୁରସ୍କୃତ ହୋଇଛନ୍ତି। ୨୧ କି.ମି ବର୍ଗ ବିଜେତାଙ୍କୁ ୧ ଲକ୍ଷ, ଦ୍ୱିତୀୟ ସ୍ଥାନ ପାଇଁ ୭୧ ହଜାର, ତୃତୀୟ ସ୍ଥାନ ପାଇଁ ୪୧ ହଜାର, ଚତୁର୍ଥ ସ୍ଥାନ ପାଇଁ ୩୧ ହଜାର ଓ ପଞ୍ଚମ ସ୍ଥାନ ପାଇଁ ୨୧ ହଜାର ଟଙ୍କାର ନଗଦ ଅର୍ଥରାଶି ପ୍ରଦାନ କରାଯାଇଛି। ୧୦ କି.ମି ବିଜେତାଙ୍କୁ ୬୧ ହଜାର, ଦ୍ୱିତୀୟ ସ୍ଥାନ ପାଇଁ ୪୧ ହଜାର, ତୃତୀୟ ୩୧ ହଜାର , ଚତୁର୍ଥ ସ୍ଥାନ ପାଇଁ ୨୧ ହଜାର ଓ ପଞ୍ଚମ ସ୍ଥାନ ପାଇଁ ୧୧ ହଜାର ଟଙ୍କା ପ୍ରଦାନ କରାଯାଇଛି। ସେହିପରି ୫ କି.ମି ବର୍ଗର ପ୍ରଥମ ସ୍ଥାନ ପାଇଁ ୧୫ ହଜାର, ଦ୍ୱିତୀୟ ସ୍ଥାନ ପାଇଁ ୧୦ ହଜାର, ତୃତୀୟ ସ୍ଥାନ ପାଇଁ ୮ ହଜାର , ଚତୁର୍ଥ ସ୍ଥାନ ପାଇଁ ୬ ହଜାର ଓ ପଞ୍ଚମ ସ୍ଥାନ ପାଇଁ ୫ ହଜାର

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବରଗଡ଼ରେ...

କରିବ," ସେ କହିଛନ୍ତି।

ବାର୍ଷିକ ମହୋତ୍ସବକୁ ଅଧିକ ଦର୍ଶକ ଏବଂ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ, ସରକାର ବରଗଡ଼ କେନାଲର ଉନ୍ନତିକରଣ ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ୩୦ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହା ବ୍ୟତୀତ, ଜୀରା ନଦୀ ଉପରେ ୮୦ କୋଟି ଟଙ୍କା ବଜେଟ୍ ସହିତ ଏକ ଆନିକଟ୍ ନିର୍ମାଣ କରାଯିବ, ବୋଲି ସେ କହିଛନ୍ତି।

ମହୋତ୍ସବ ଆରମ୍ଭ ହେବା ପୂର୍ବରୁ, ମୁଖ୍ୟମନ୍ତ୍ରୀ ଧନୁ ଯାତ୍ରା ପାଇଁ ସରକାରୀ ସହାୟତା ୧୦ ଲକ୍ଷ ଟଙ୍କାରୁ ୧ କୋଟି ଟଙ୍କାକୁ ବୃଦ୍ଧି କରିବାକୁ ଘୋଷଣା କରିଥିଲେ ଏବଂ ପୌରାଣିକ ନାଟକରେ ଅଂଶଗ୍ରହଣ କରୁଥିବା ୧୭୦ ଜଣ କଳାକାରଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ସମ୍ମାନ ରାଶି ପ୍ରଦାନ କରିବାକୁ ଘୋଷଣା କରିଥିଲେ। ୧୧ ଦିନିଆ ଯାତ୍ରା ସୋମବାର ଶେଷ ହେବ।

ଧନୁ ଯାତ୍ରା କୃଷ୍ଣ ଲୀଳା ଉପରେ ଆଧାରିତ ଏବଂ କୃଷ୍ଣ ଏବଂ ତାଙ୍କ ମାମୁଁ କଂସଙ୍କ ପୌରାଣିକ କାହାଣୀକୁ ପ୍ରଦର୍ଶିତ କରେ। ଯାତ୍ରା ସମୟରେ, ବରଗଡ଼ ସହର ମଥୁରାରେ ପରିଣତ ହୁଏ। ଜୀରା ନଦୀ ପ୍ରତୀକାତ୍ମକ ଭାବରେ ଯମୁନା ନଦୀକୁ ପ୍ରତିନିଧିତ୍ୱ କରେ ଏବଂ ଜୀରା ନଦୀର ଅନ୍ୟ ପାର୍ଶ୍ୱରେ ଅବସ୍ଥିତ ଅମ୍ବାପାଲି ଗୋପପୁରରେ ପରିଣତ ହୁଏ।

### ଭୁବନେଶ୍ୱର...

'ଟ୍ରିପିଲ୍ ସିଟି' ପାଇଁ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ଶ୍ରୀକ୍ଷେତ୍ର ପୁରୀକୁ ଛାଡିଲେ ଏହି ପରିକଳ୍ପନା ସମ୍ଭବ ନୁହେଁ। ପୁରୀରେ ଅପାର ସମ୍ଭାବନା ରହିଛି। ପୁରୀ, ଭୁବନେଶ୍ୱର ଓ କଟକକୁ ନେଇ ରାଜ୍ୟ ସରକାର 'ଟ୍ରାଇସିଟି' କରିବେ । ତିନି ସହର ମଧ୍ୟରେ ଗମନାଗମନ ଓ ବିକାଶକୁ ଗୁରୁତ୍ୱ ଦେଇ ଏହି 'ଟ୍ରାଇସିଟି'କୁ ପ୍ଲାନକୁ ଡେଭଲପ୍ କରିବେ ରାଜ୍ୟ ସରକାର। ପୁରୀକୁ ବିଶ୍ୱସ୍ତରୀୟ କରିବାକୁ ପ୍ଲାନ୍ ଅଛି । 'ଟ୍ରାଇସିଟି'ରେ ସର୍ବୋତ୍ତମ ଗମନାଗମନ ସୁବିଧା ସହିତ ଆଧୁନିକ ସହର ଗୁଡିକରେ ଉପଲବ୍ଧ ହେଉଥିବା ସବୁ ଆବଶ୍ୟକତା ପୂରଣ କରାଯିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

ଟାଉନ୍ ପ୍ଲାନିଂ ସ୍କିମ୍‌କୁ ଗୁରୁତ୍ୱ ଦିଆଯାଉଛି ବୋଲି ମନ୍ତ୍ରୀ କହିବା ସହ ଭୁବନେଶ୍ୱର ଏକ ପ୍ଲାନ୍‌ଡ ସିଟି ହୋଇଥିବାରୁ ଏଠାରେ କୌଣସି ଅନପ୍ଲାନ୍‌ଡ କାର୍ଯ୍ୟ କରାଯିବ ନାହିଁ ବୋଲି କହିଛନ୍ତି। ସେ କହିଛନ୍ତି ଯେ ନୀତି ନିୟମ ଭିତରେ ସହରର କଳେବର ବୃଦ୍ଧି ପାଇଁ ଯୋଜନା କରାଯାଉଛି। କେବଳ ଭୁବନେଶ୍ୱର ନୁହେଁ, ରାଜ୍ୟର ସମସ୍ତ ସହରାଞ୍ଚଳରେ ଟାଉନ ପ୍ଲାନିଂ ସ୍କିମ କାର୍ଯ୍ୟକାରୀ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଅଧିକ କାର୍ଯ୍ୟାଳୟ ଓ ମାନବ ସମ୍ବଳର ବ୍ୟବସ୍ଥା ମଧ୍ୟ ହେବ। ପ୍ଲାନିଂ ପାଇଁ ସ୍ୱତନ୍ତ୍ର କାର୍ଯ୍ୟାଳୟ ମଧ୍ୟ ଖୋଲାଯିବ। କଟକ, ବ୍ରହ୍ମପୁର, ରାଉରକେଲାରେ ଅନେକ ଟାଉନ ପ୍ଲାନିଂ ସ୍କିମ ରାଜ୍ୟ ସରକାର କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି ବୋଲି ଏହି ଅବସରରେ ମନ୍ତ୍ରୀ ସୂଚନା ଦେଇଛନ୍ତି।

### ହଂସୀତାଙ୍କ...

ଠକଙ୍କ ସମ୍ପତ୍ତି ବର୍ତ୍ତମାନ ସୁଧା ୫୮ କୋଟି ପାର ହୋଇଗଲାଣି ବୋଲି ଆୟକର ବିଭାଗ ଆକଳନ କରିଛି। ଏମାନଙ୍କ ଆକାଉଣ୍ଟରୁ ଆକାଉଣ୍ଟ ଟ୍ରାଞ୍ଜାକସନ୍ ବାବଦରେ ବହୁ ତଥ୍ୟ ବି ହାସଲ କରାଯାଇଛି। ଖାଲି ସେତିକି ନୁହେଁ ଦୁବାଇରେ ପୁଞ୍ଜି ନିବେଶ ନେଇ ମଧ୍ୟ ଖୁବଶୀଘ୍ର ବଡ ଖୁଲାସା କରିବ ଆୟକର ବିଭାଗ। ଆଗାମି ଦିନରେ ଏକାଧିକ ହେଭିୱେଟଙ୍କୁ ଡାକି ଝାଳବୁହା ଜେରା ହୋଇପାରେ ବୋଲି ଖବର ମିଳିଛି। ଠକେଇ ଟଙ୍କା ଦୁବାଇ ଓ ମରିସସ ର ବିଭିନ୍ନ କମ୍ପାନୀ ରେ ଲାଗିଥିବା ମଧ୍ୟ ଜାଣିବାକୁ ମିଳିଛି । ସେପଟେ ସାମ୍ନାକୁ ଆସିଛି ହଂସୀତାଙ୍କ ବିବାହ ପୂର୍ବର ଫଟୋ । କନ୍ଧମାଳରୁ ୨୦୧୯ ରେ କଂଗ୍ରେସ ସାଂସଦ ପ୍ରାର୍ଥୀ ହୋଇଥିବା ମନୋଜ ଆଚାର୍ଯ୍ୟଙ୍କ ସହ ହଂସୀତାଙ୍କ ଫଟୋ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି ।

### ଆଜି...

ହିତାଧିକାରୀମାନେ ଡାକ୍ତରଖାନାରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସେବା ପାଇପାରିବେ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜିଜେଏୱାଇ) ଅଧୀନରେ ରାଜ୍ୟ ସରକାର ପୂର୍ବର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ବଦଳାଇ ଦେଇଛନ୍ତି ଗ୍ରାମାଞ୍ଚଳରେ ହିତାଧିକାରୀଙ୍କୁ ୫ ଲକ୍ଷ ଟଙ୍କା ଏବଂ ସହରାଞ୍ଚଳରେ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବେ।

ଇନ୍‌ସ୍ୟୁରାନ୍ସ ନୁହେଁ ଆସ୍ୟୁରାନ୍ସ ମୋଡ଼ରେ ହେବ ଆୟୁଷ୍ମାନ ଓ ଗୋପବନ୍ଧୁ କାର୍ଡ଼ ଚିକିତ୍ସା । ରାଜ୍ୟରେ ଏକାଥରେ ୩ କୋଟିରୁ ଅଧିକ ଲୋକଙ୍କୁ କାର୍ଡ଼ ଦେବେ ସରକାର । ମିଶନ ମୋଡ୍‌ରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଆଗକୁ ନେବାକୁ ରାଜ୍ୟ ସରକାର ଏହି ଯୋଜନା କରିଛନ୍ତି। ଆୟୁଷ୍ମାନ ଭାରତ, ଗୋପବନ୍ଧୁ ଆରୋଗ୍ୟ ଯୋଜନାର ଖର୍ଚ୍ଚ ଆରମ୍ଭ ହୋଇଯାଇଛି କେବଳ କାର୍ଡ଼ ଆଗକୁ ଦିଆଯିବ । ଗତ କାର୍ଡ଼ରେ ମାତ୍ର ୯୫୬ ହସ୍ପିଟାଲରେ ଚିକିତ୍ସା ହେଉଥିଲା ମାତ୍ର ଏବେ ପୁରା ଭାରତ ବର୍ଷରେ ୨୭ ହଜାର ହସ୍ପିଟାଲରେ ଚିକିତ୍ସା ପାଇପାରିବେ । ଓଡିଶା ସମେତ ସାରା ଦେଶରେ ୭୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯିବ । ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସମସ୍ତଙ୍କୁ ଏହି କାର୍ଡ ପ୍ରଦାନ କରିଦେବୁ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ରାଜ୍ୟରେ କେନ୍ଦ୍ରର ଆୟୁଷ୍ମାନ ଭାରତ ଏବଂ ରାଜ୍ୟର ନିଜସ୍ୱ ଗୋପବନ୍ଧୁ ଆରୋଗ୍ୟ ଯୋଜନାରେ ଗୋଟିଏ କାର୍ଡ ମିଳିବ।

### କୁମ୍ଭମେଳାକୁ...

ଯାତ୍ରୀମାନଙ୍କ ଆରାମଦାୟକ ଯାତ୍ରା ପାଇଁ ସମସ୍ତ ପ୍ରକାର ସୁବିଧା କରାଯାଇଛି। ଏଥିସହ ମହାକୁମ୍ଭ ମେଳା ଯାତ୍ରୀମାନଙ୍କ ସୁବିଧା ପାଇଁ ୨୪ ଘଣ୍ଟିଆ ହେଲ୍ପ ଡେସ୍କ ମଧ୍ୟ ଖୋଲାଯାଇଛି। ଯାତ୍ରୀମାନେ ୧୮୦୦୩୪୫୧୧୨୨କୁ କଲ୍ କରିବା ସହ ୭୮୪୯୦୫୨୨୦୫ ନମ୍ବରରେ ହ୍ୱାଟସଆପ୍ ମାଧ୍ୟମରେ ଏହି ସୁବିଧାର ଫାଇଦା ନେଇପାରିବେ। ପ୍ରୟାଗରାଜରେ ମଧ୍ୟ ଯାତ୍ରୀମାନଙ୍କୁ ସହାୟତା ପ୍ରଦାନ ସକାଶେ ଓଏସ୍‌ଆରଟିସି କର୍ମଚାରୀମାନଙ୍କୁ ଅବସ୍ଥାପିତ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ବ୍ରହ୍ମପୁରରେ ଉପସ୍ଥିତ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯାତ୍ରୀମାନଙ୍କୁ ଶୁଭକାମନା ଜଣାଇ ସଡକ ପରିବହନ କ୍ଷେତ୍ରରେ ଅଧିକ ସୁରକ୍ଷା ପାଇଁ ରାଜ୍ୟ ସରକାର ମାସେ ବ୍ୟାପୀ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଆୟୋଜିତ କରୁଥିବା ବେଳେ ଯାନବାହନ ଚଳାଚଳ ସମୟରେ ସମସ୍ତେ ନିୟମ ମାନି ସୁରକ୍ଷିତ ରହିବାକୁ ପରାମର୍ଶ ଦେଇଥିଲେ। ସେହିପରି ଭବାନୀପାଟଣାରେ ସାଂସଦ ମାଳବିକା ଦେବୀ, ସମ୍ବଲପୁରରେ ବିଧାୟକ ଜୟନାରାୟଣ ମିଶ୍ର, ପୁରୀରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଓ ଲୋକସେବା ଭବନରେ ଏକାମ୍ର ବିଧାୟକ ବାବୁ ସିଂ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢୀ, ପରିବହନ କମିଶନର ଅମିତାଭ ଠାକୁର ଏବଂ ଓଏସ୍‌ଆରଟିସି ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଦୀପ୍ତେଶ ପଟ୍ଟନାୟକ ଉପସ୍ଥିତ ଥିଲେ।

### ହାଇକୋର୍ଟଙ୍କ...

ସାରିବାପାଇଁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି ।

ଅଦାଲତରେ ମାମଲା ଥିବା ମଧ୍ୟରେ ବିଦ୍ୟାଳୟରେ ପାଚେରୀ ନିର୍ମାଣ ହୋଇଛି। ତେବେ ସ୍କୁଲର ଯେତିକି ଜମି ଜବରଦଖଲ ହୋଇଛି ପାଚେରୀ ବୁଲିଲାବେଳେ ତାହାକୁ ବାଦ୍ ଦିଆଯାଇଛି। ସେହିଭଳି ବିଦ୍ୟାଳୟ ଖେଳପଡିଆ ବିକାଶ ଯୋଜନାରେ ବଡଗଡ ହାଇସ୍କୁଲକୁ ଚିହ୍ନଟ କରାଯିବା ସହିତ ସେଠାରେ ବିଡିଏ ସହାୟତାରେ ନିର୍ମାଣ କାର୍ଯ୍ୟ ଚଳାଇଛି ପୁଲିସ୍ ଗୃହ ନିର୍ମାଣ ନିଗମ। ଅଦାଲତରେ ମାମଲା ରୁଜୁ ଥିବା ଓ ଘରୋଇ ମାଲିକଙ୍କ ପାଇଁ ଜମି ଚିହ୍ନଟ ହୋଇଥିବା ସଂକ୍ରାନ୍ତରେ ଉଭୟ ବିଡିଏ ଓ ପୁଲିସ୍ ଗୃହ ନିର୍ମାଣ ନିଗମକୁ ଅବଗତ କରାଯାଇଥିଲେ ମଧ୍ୟ ୪କୋଟିର ଠିକା କାମରୁ ମୋଟା କମିଶନି ପାଇବାରେ ମସଗୁଲ ଥିବା ରାଜନେତାଙ୍କ ଚାପରେ ନିର୍ମାଣ ଚଳାଇଥିବା ସଂସ୍ଥା ଏବେ କାଠଗଡାରେ ଛିଡା ହେବା ଥୟ ହୋଇଛି ।

ତେବେ ଏତେସବୁ ଘଟଣା ପରେ ବି ସ୍ଥାନୀୟ ନେତା ଓ ପୂର୍ବତନ ବିଧାୟକମାନେ କିଛୁ ସ୍କୁଲ ଜମି ଦଖଲକାରୀଙ୍କ ସପକ୍ଷରେ ଥିବା କୁହାଯାଉଛି । ନେତାଙ୍କ ପ୍ରରୋଚାନରେ ହିଁ ଏହି ଜବରଦଖଲକାରୀମାନେ ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବିଭିନ୍ନ ସ୍ତରରେ ଚାପ ପକାଇ ସେଠାରେ ନିର୍ମାଣକାର୍ଯ୍ୟ ଚଳାଇଛନ୍ତି । ଏଥିପାଇଁ କେବଳ ଜବରଦଖଲକାରୀ ନୁହନ୍ତି ପୁଲିସ୍ ଗୃହନିର୍ମାଣ ନିଗମର ବାବୁମାନେ ମଧ୍ୟ ଖୁବ୍‌ଶୀଘ୍ର ଅଦାଲତକୁ ଟଣାହେବେ ବୋଲି ସୂଚନା ମିଳୁଛି ।

### ଏନକାଉଣ୍ଟର୍‌ରେ...

ଖଞ୍ଜିଥିବା 'ଆଇଇଡି' ବିସ୍ଫୋରଣରେ ୮ ଜଣ ଯବାନ ସହିଦ ହେବା ସହ ଜଣେ ଡ୍ରାଇଭରଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା। ଯବାନମାନେ ଏକ ଘରୋଇ ଭ୍ୟାନରେ ଅପରେସନରେ ଯାଉଥିବା ସମୟରେ ଜଙ୍ଗଲ ମଧ୍ୟରେ ନକ୍ସଲଙ୍କ ଦ୍ୱାରା ରାସ୍ତାରେ ଖଞ୍ଜାଯାଇଥିବା 'ଆଇଇଡି' ବିସ୍ଫୋରଣ ହୋଇଥିଲା । ଏଥିରେ ଉକ୍ତ ଗାଡିରେ ଥିବା ସମସ୍ତଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ବିସ୍ଫୋରଣ ପରେ ବରିଷ୍ଠ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ।

### ଶୁଭାଶିଷଙ୍କ...

ପ୍ରକ୍ରିୟା ଜୋରଦାର ହୋଇଥିବାବେଳେ ଦୌଡରେ ଶୁଭାଶିଷ ଆଗରେ ଥିବାରୁ ତାଙ୍କ ମୁଣ୍ଡରେ ଶିରିପା ବନ୍ଧାଯିବାର ସମ୍ଭାବନା ଅଧିକ ରହିଥିବା ଦଳରେ ଆଲୋଚନା ଜୋର ଧରିଛି । ତେବେ ଚୂଡାନ୍ତ ନିଷ୍ପତ୍ତି ସନ୍ୟାସୀ ହିଁ ନେବେ ବୋଲି କର୍ମୀମାନେ କହୁଛନ୍ତି ।




# ଆମେଚର ବକ୍ସିଂ ଛାଡ଼ି ପେସାଦାର ବକ୍ସିଂକୁ ଆପଣେଇଲେ ନିଶାନ୍ତ

**ନୂଆଦିଲ୍ଲୀ,୧୨।୧:** ଅଲିମ୍ପିଆନ୍ ତଥା ବିଶ୍ୱ ଚାମ୍ପିଅନସିପ୍ ପଦକ ବିଜେତା ଭାରତର ନିଶାନ୍ତ ଦେବ ଆମେଚର ବକ୍ସିଂ ଛାଡ଼ି ପେସାଦାର ବକ୍ସିଂରେ କ୍ୟାରିୟର କରିବାକୁ ମନସ୍ଥ କରିଛନ୍ତି। ସେ ଇଡି ହର୍ନଙ୍କ ମ୍ୟାଚ୍‌ରୁମ୍ ବକ୍ସିଂ ସହ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଆସନ୍ତା ୨୫ ତାରିଖରେ ଲାସ୍ ଭେଗାସ ଠାରେ ନିଶାନ୍ତ ପଦାର୍ପଣ ଫାଇଟ୍ କରିବାକୁ ଯାଉଛନ୍ତି। ଏପର୍ଯ୍ୟନ୍ତ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଚୂଡ଼ାନ୍ତ ହୋଇନାହିଁ। ନିଶାନ୍ତ ଏବେ ପୂର୍ବତନ ପେସାଦାର ବକ୍ସର ରୋନାଲ୍ଡ ସିମ୍ସଙ୍କଠୁ ପ୍ରଶିକ୍ଷଣ ନେଉଛନ୍ତି। ଗତ ପ୍ୟାରିସ୍ ଅଲିମ୍ପିକ୍ସରେ ସେ କ୍ୱାର୍ଟର ଫାଇନାଲ୍‌ରେ ମେକ୍ସିକୋର ମାର୍କୋ ଭର୍ଡିଙ୍କ ନିକଟରୁ ହାରି ପଦକ ସ୍ୱପ୍ନ ଧୂଳିସାତ୍ କରିଥିଲେ। ନିଶାନ୍ତ କହିଛନ୍ତି, ମ୍ୟାଚ୍‌ରୁମ୍ ବକ୍ସିଂରେ ଯୋଗଦେଇ ବହୁତ ଖୁସି ଅଛି। ପେସାଦାର ବକ୍ସିଂରେ କ୍ୟାରିୟର କରିବାକୁ ଚାହୁଁଛି। ଭାରତର ପ୍ରଥମ ପେସାଦାର ବକ୍ସିଂ ବିଶ୍ୱ ଚାମ୍ପିଅନ୍ ହେବା ମୋର ଲକ୍ଷ୍ୟ। ଏବେ ପଦାର୍ପଣ ଫାଇଟ୍ ପାଇଁ ପ୍ରଶିକ୍ଷକ ରୋନାଲ୍ଡଙ୍କ ଅଧିନରେ କଠିନ ପରିଶ୍ରମ କରୁଛି।' ସୂଚନାଯୋଗ୍ୟ, ଭାରତର ଏକାଧିକ ବକ୍ସର ପେସାଦାର ବକ୍ସିଂରେ ସକ୍ରିୟ ରହିଛନ୍ତି। ଅଲିମ୍ପିକ ପଦକ ବିଜେତା ବିଜେନ୍ଦର ସିଂହ ଇତିମଧ୍ୟରେ ୧୪ଟି ଫାଇଟ୍ କରି ୧୩ଟି ଜିତିଥିବାବେଳେ ଗୋଟିଏରେ ପରାଜିତ ହୋଇଛନ୍ତି।

# ମହାକାଳପଡ଼ାରେ ମାତିଛନ୍ତି ମାଫିଆ



ମହାନଙ୍ଗଳାରେ ଚାଲିଛି ବେଆଇନ୍ ବାଲି ଖାଦାନ

ସନ୍ଦେହରେ ପୁଲିସ, ମାଇନିଙ୍ଗ ଅଫିସର

**କେନ୍ଦ୍ରାପଡ଼ା, ୧୨।୧ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ତହସିଲ ତଥା ମାର୍ଶାଘାଇ ଥାନା ଅନ୍ତର୍ଗତ ମହାନଙ୍ଗଳା ବାଲି ଘାଟ ଏବେ ମାଫିଆଙ୍କ କବଜାରେ । ରାତି ହେଲେ ମାତୁଛନ୍ତି ବାଲି ମାଫିଆ । ଟ୍ରାକ୍ଟର, ଜେସିବି ମେସିନ୍ ସାହାର୍ଯ୍ୟରେ ଖୋଳି ନେଉଛନ୍ତି ନଦୀ ବାଲି । ସୂଚନା ଅନୁଯାଇ, ସନ୍ଧ୍ୟା ହେଲେ ୧୦ରୁ ୨୦ ଟ୍ରାକ୍ଟର, ଜେସିବ୍ ମେସିନ୍ ସହିତ ଏକାଧିକ ଯୁବକଙ୍କ ଆରମ୍ଭ ହୋଇ ଯାଉଛି ମାଫିଆଗିରୀ । ଟାର୍ଗେଟରେ ମହାନଙ୍ଗଳା ଗ୍ରାମ ସନିକଟ ପାଇକା ନଦୀ ପଠା । ପ୍ରଶାସନ ପକ୍ଷରୁ ଏହି ବାଲି ଘାଟକୁ ନିଲାମ କରାଯାଇନି ସତ । କିନ୍ତୁ ପ୍ରତିଦିନ ଲକ୍ଷଲକ୍ଷ ଟଙ୍କାର ହଜାର ହଜାର ଟ୍ରିପ୍ର ବାଲି ଖୋଳା ଯାଉଛି । ଟ୍ରାକ୍ଟର ଯୋଗେ ବାଲିକୁ ନଦୀରୁ ମେସିନ୍ ସାହାଜ୍ୟରେ ମାଫିଆ ମାନେ ଖୋଳି ଆଣି ମହାନଙ୍ଗଳା-କଳାଗଡ ପୋଲ ନିକଟ ସରକାରୀ ଯାଗାରେ ପର୍ବତ ଭଳି ଗଦା କରି ରଖୁଛନ୍ତି । ପରେ ସେଠାରୁ ଚୋରା ବାଲିକୁ ହାଇୱା ଯୋଗେ ପାରାଦୀପ ଏବଂ ରାଜପଥ ନିର୍ମାଣ କାର୍ଯ୍ୟକୁ ଚୋରା ଚାଲାଣ କରାଯାଉଥିବା ଅଭିଯୋଗ ଉଠିଛି ।

କୋଟିପତି ହେଉଛନ୍ତି ବାଲି ମାଫିଆ । ବାଲି ଚୋରା ଚାଲାଣ ଫଳରେ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ସରକାର । ମହାନଙ୍ଗାଳ ଗ୍ରାମର ପାଇକାନଦୀ ପଠାରୁ ବ୍ୟାପକ ବାଲି ଚୋରା ଚାଲାଣ ଦ୍ୱାରା ନଦୀ ଆଗାମୀ ବର୍ଷଋତୁରେ ନଦୀରେ ବନ୍ୟାଜଳ ଆସିଲେ ଲୋକଙ୍କ ଚାଷ ଜମି ଓ ଗାଁ ଆଡକୁ କୂଳ ଲଙ୍ଘିବା ସମ୍ଭାବନା ରହିଛି । ଏହି ବେଆଇନ୍ ଚୋରା ଚାଲାଣ କାର୍ଯ୍ୟରେ ଯେଉଁ କେତୋଟି ନା ଚର୍ଚ୍ଚାକୁ ଆସିଛି ସେମାନେ ହେଲେ ହୁଣ୍ଡା, ଉଲାସ, ଲିଟୁ, ସିନୁଆ । ମାଫିଆଙ୍କ ମୁଖ୍ୟ କାର୍ପେଟଦାର ବାହାରେ ରହି ମାଫିଆ ରାଜକୁ ପରିଚାଳନ କରୁଥିବା କୁହାଯାଉଛି । ତେବେ ଯେଉଁ ନା ଚର୍ଚ୍ଚାକୁ ଆସିଛି ସେ ମାନେ କ'ଣ ବାଲି ଚୋରା ଚାଲାଣରେ ଲିପ୍ତ କି ? କେଉଁ ପ୍ରଶାସନୀକ ଅଧରକାରୀ ଏମାନଙ୍କ ସୁରକ୍ଷା ଦାତା ? ନା ରାଜନୈତିକ ବ୍ୟକ୍ତିଙ୍କ ସୁରକ୍ଷାରେ ବଢୁଛନ୍ତି ବାଲି ମାଫିଆ ତାହା ଏବେ ବଡ ପ୍ରଶ୍ନ ହୋଇଛି। କେନ୍ଦ୍ରାପଡା ଜିଲ୍ଲାପାଇଁ ପୂର୍ବରୁ ଲଘୁ ଖଣିଜ ଉତ୍ତୋଳନ କରିବାକୁ ଜାତୀୟ ସବୁଜ ପ୍ରାଧିକରଣ(ଏନ୍‌ଜିଟି)ଙ୍କ କଡା ନିର୍ଦ୍ଦେଶ ରହିଛି । ଆବଶକୀୟ ବୈଧାନୀକ ଅନୁମତି ବିନା ବାଲି,ମାଟି ଖୋଳା ଯାଇ ପାରିବ ନାହିଁ ବୋଲି ଏନଜିଟିଙ୍କ ନିର୍ଦ୍ଦେଶ ଥିବା ସତ୍ୱେ ମହାକାଳପଡା ତହସିଲ ଇଲାକାରେ ତହସିଲଦାର,ମାଇନିଙ୍ଗ ଅଫିସର,ପୁଲିସ ବିଭାଗ ଏହି ନିୟମ ପାଳନ କରୁ ନଥିବା ଅଭିଯୋଗ ହେଉଛି । ଚୋରା ଚାଲାଣକୁ ନେଇ ତହସିଲ ପ୍ରଶାସନ କହିବା କଥା, ବାଲି ମାଇନିଙ୍ଗ ବିଭାଗକୁ ହସ୍ତାନ୍ତର ହୋଇ ଯାଇଥିବାରୁ ସେସବୁ ଚୋରା କାରବାର ମାଇନିଙ୍ଗ ଅଫିସର କି ପୁଲିସ ରୋକିବା କଥା । କିନ୍ତୁ ମହାନଙ୍ଗାଳା ଗ୍ରାମର କିଛି ଲୋକଙ୍କ ଅଭିଯୋଗ, ମାଫିଆ ମାନେ ସ୍ଥାନୀୟ ପୁଲିସ ଓ ମାଇନିଙ୍ଗ ଅଫିସରଙ୍କୁ ହାତ କରି ଏହି ଚୋରା ଚାଲାଣ କରୁଛନ୍ତି । ବେଆଇନ୍ ମାରଣାସ୍ତ୍ର ଧରି ବାଲି ଖୋଳିବା କାର୍ଯ୍ୟକୁ ଆସୁଛନ୍ତି ମାଫିଆ । ଗ୍ରାମବାସୀଙ୍କୁ ସ୍ଥାନୀୟ ପୁଲିସର ନା ନେଇ ଧମକ ଦେଉଥିବାରୁ ସିଧାସଳଖ ସାମ୍ନାକୁ ଆସି ଲୋକେ ବିରୋଧ କରି ପାରୁନଥିବା ଅଭିଯୋଗ ଉଠିଛି ।

ତେବେ ବାଲି ହେଉ କି ମାଟି ଚୋରା ଚାଲାଣ ରୋକିବା, ଆବସକୀୟ କାଗଜାତ୍ ଯାଚଂ କରିବାକୁ ପୁଲିସ ବିଭାଗ, ତହସିଲଦାର, ମାଇନିଙ୍ଗ ଅଫିସରଙ୍କ ପାଇଁ ଆଇନ୍‌ରେ ପ୍ରାବଧାନ ରହିଛି । ଏଠି କିନ୍ତୁ ପ୍ରଶାସନ ମାଫିଆଙ୍କୁ ସୁରକ୍ଷା ଦେବାରେ ଲାଗିଥିବା କୁହାଯାଉଛି । ପ୍ରଶାନର ନିରବତା ପାଇଁ ସାଧାରଣରେ ସନ୍ଦେହ ଉଠିଲାଣୀ ।

### ଜଳସମ୍ପଦ ବିଭାଗର ରାସ୍ତା କାମରେ ଠିକାଦାରଙ୍କ ମନମାନୀ

# ରାସ୍ତା କଡ଼ରୁ ମାଟି ତାଡ଼ି କମାଉଛନ୍ତି ମୁନାଫା




ନଦୀବନ୍ଧର ସୁରକ୍ଷାକୁ ନେଇ ଆଶଙ୍କା

ସ୍ଥାନୀୟ ଯୁବକଙ୍କ ବିରୋଧ

**ମହାକାଳପଡ଼ା, ୧୨।୧ (ସଂଚାର ବ୍ୟୁରୋ) :** କମ୍ ଖର୍ଚ୍ଚରେ ଅଧିକ ଲାଭ ପାଇଁ ଚାଲିଛି ଯୋଜନା ଚାଲିଛି। ସୁପରଭାଇଜର ପାଖରୁ ବିଭାଗୀୟ ଅଧିକାରୀ ପର୍ଯ୍ୟନ୍ତ ଏ ଯୋଜନାରେ ସାମିଲ ଥିବା ଅଭିଯୋଗ ହୋଇଛି। ବାରମ୍ବାର କହିବା ପରେ ମଧ୍ୟ ବିଭାଗ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି କହିଛନ୍ତି କିଛି ଯୁବକ । ତେର ଗାଁ ଠାରୁ ଗଡରୋମିତ ପର୍ଯ୍ୟନ୍ତ ଲୁଣା ନଦୀ ବାମ ପାର୍ଶ୍ୱ ନଦୀବନ୍ଧ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଜଳସମ୍ପଦ ବିଭାଗ ତରଫରୁ କରାଯାଉଛି। ଗତ ୭ ମାର୍ଚ୍ଚ ୨୦୨୪ ରେ ଆରମ୍ଭ ହୋଇଥିବା ଏହି କାମ ୬ ମାର୍ଚ୍ଚ ୨୦୨୫ ରେ ଶେଷ ହେବ। ଯାହାର ଅଟକଳ ଅନୁଦାନ ରହିଛି ୬,୪୪,୫୫,୯୧୦ ଟଙ୍କା ଓ ଶିବପ୍ରସାଦ ପରିଡ଼ା ଙ୍କୁ ନିର୍ମାଣକାରୀ ସଂସ୍ଥା ଭାବରେ ଦାୟିତ୍ୱ ମିଳିଛି।

ସୂଚନା ଅନୁସାରେ ତେରଗାଁ ପାଖରେ ନଦୀ ବନ୍ଧ ରାସ୍ତା କାମ ଚାଲିଥିବା ବେଳେ ଅଞ୍ଚଳର ପିଣ୍ଟୁ ନାୟକ, ପ୍ରିୟରଞ୍ଜନ ନାୟକ ଓ ସୁଭେନ୍ଦୁ ଖଟୁଆ ଏହାକୁ ବିରୋଧ କରିଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରୁ ମେସିନ ସାହାଯ୍ୟରେ ମାଟି ତାଡ଼ି ରାସ୍ତାର ପରିସୀମା ବଢାଉଥିବା କାର୍ଯ୍ୟକୁ ବିରୋଧ କରି କାମ ବନ୍ଦ କରିବାକୁ କହିଛନ୍ତି। ଗତକାଲି ଏହି କାର୍ଯ୍ୟ ବନ୍ଦ କରାଯାଇଥିଲା। ହେଲେ ରାତିରୁ ପୁଣି ଏଇ କାମ ଆରମ୍ଭ କରିଥିବା ସେ ଅଭିଯୋଗ କରିଛନ୍ତି।

ଏଠି ପ୍ରଶ୍ନ ଉଠୁଛି ରାସ୍ତାର ଯେଉଁ ପାର୍ଶ୍ୱରେ ମାଟି ପଡ଼ିବ ସେଥିପାଇଁ ଅନ୍ୟ କୌଣସି ସ୍ଥାନରୁ ମାଟି ପରିବହନ ହୋଇ ଆସିବା କଥା ହେଲେ ରାସ୍ତାର ଉଭୟ ପାର୍ଶ୍ୱରୁ ମାଟି ତାଡି ରାସ୍ତାରେ ପକାଇବାକୁ ଅନୁମତି ଦେଲା କିଏ, ଯନ୍ତ୍ରୀ ନା ବିଭାଗୀୟ ଅଧିକାରୀ? ବନ୍ୟା ସମୟରେ ଏହି ନଦୀବନ୍ଧ ତଳିଆ ଅଞ୍ଚଳବାସୀଙ୍କୁ ସୁରକ୍ଷା ଦେଇଥାଏ। ନଦୀବନ୍ଧରୁ ମାଟି ତାଡିବା ଦ୍ୱାରା ନଦୀବନ୍ଧରେ ଫାଟ ସୃଷ୍ଟି ହେବ ବୋଲି ଆଶଙ୍କା ବଢିଛି। ଜେଇ ଓ ଠିକାଦାରଙ୍କ ମନମୁଖି କାମ ପାଇଁ ଅଞ୍ଚଳବାସୀଙ୍କ ପାଇଁ ବିପଦ ସୃଷ୍ଟି ହେଉଛି। ବିଭାଗୀୟ ଅଧିକାରୀ ଘଟଣାସ୍ଥଳକୁ ଆସି ଏହି କାର୍ଯ୍ୟକୁ ପରିଦର୍ଶନ କରିବା ସହ ସଠିକ୍ ଢଙ୍ଗରେ କାମ କରିବାକୁ ଦାବି ହେଉଛି।

# ବୋରିଗୁମ୍ମା ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ

## ସଫଳତାର ଶୀର୍ଷରେ ପହଞ୍ଚିବାକୁ ନିରନ୍ତର ଉଦ୍ୟମ ପାଇଁ ପରାମର୍ଶ ଦେଲେ ମନ୍ତ୍ରୀ



**ବୋରିଗୁମ୍ମା, ୧୨।୧ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ବୋରିଗୁମ୍ମା ସହରର ପ୍ରଜ୍ଞା ବିହାର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ୩୨ତମ ବାର୍ଷିକୋତ୍ସବ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫୁଲ୍ଲ କୁମାର ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍କୁଲ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସମ୍ମାନିତ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀ ପତି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ଼. ସଚିନ ମଲ୍ଲିକ, ମୁଖ୍ୟବକ୍ତା ଭାବେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ମନୋରଞ୍ଜନ ପ୍ରଧାନ, ସମ୍ପାଦକ ସୂର୍ଯ୍ୟ ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।

ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ଗଣ୍ଡ ନିଜ ଅଭିଭାଷଣରେ ଛାତ୍ରର ଦୃଢ ଇଚ୍ଛାଶକ୍ତି ଆଗରେ ଅସମ୍ଭବ କାର୍ଯ୍ୟବି ସମ୍ଭବ ହୋଇ ପାରିବ ଏବଂ ଏହି ବିଦ୍ୟାଳୟ ପ୍ରତି ଆମ ସମସ୍ତଙ୍କ ଦାୟିତ୍ୱବୋଧ ରହିବା ସହିତ ଏଥିପ୍ରତି ସଯତ୍ନବାନ ହୋଇପାରିଲେ ଗୋଟିଏ ସୁନ୍ଦର ସୁସ୍ଥ ସମାଜ ଗଠନ ହୋଇପାରିବ ଏବଂ ଉପସ୍ଥିତ ଅଭିଭାବକ ମାନଙ୍କୁ ଶିଶୁମାନଙ୍କୁ ସଠିକ ମାର୍ଗଦର୍ଶନ ଦେବାପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଶ୍ରୀ ବାହିନୀପତି ଶିଶୁମନ୍ଦିରରେ ଶିଶୁମାନଙ୍କୁ ସଂସ୍କାର ସହ ମାନବିକ ମୂଲ୍ୟବୋଧର ଶିକ୍ଷା ପ୍ରଦାନ କରାଯାଉଛି। ଆମ ସଂସ୍କୃତି ଓ ପରମ୍ପରାକୁ ଛାତ୍ରଛାତ୍ରୀମାନେ କିଭଳି ଭାବେ ବଜାୟ ରଖିବେ ଓ ପିତାମାତା, ବୟସ୍କ ଅଭିଭାବକ ଓ ଗୁରୁଜନଙ୍କୁ ସମ୍ମାନ ପ୍ରଦାନ କରିବେ ସେନେଇ ପରାମର୍ଶ ଦିଆଯାଇ ଦେଶର ଏକ ଉପଯୁକ୍ତ ବ୍ୟକ୍ତିତ୍ୱ ଭାବେ ଗଢ଼ାଯାଉଛି ବୋଲି କହିଥିଲେ।

ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାମୁହିକ ସଙ୍ଗୀତ ଗାନ କରାଯାଇ ଦ୍ୱୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା ।ପରେ ଅତିଥି ମାନଙ୍କ ଦ୍ୱାରା ବାର୍ଷିକଉତ୍ସବ ନିମନ୍ତେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡିଶୀ ନୃତ୍ୟ ଓ ନୃତ୍ୟ ପରିବେଷଣ କରାଯାଇଥିଲା।

### ଅସହାୟ ପରିବାରକୁ ସରକାରୀ ସହାୟତା ପାଇଁ ଅଣ୍ଟା ଭିଡିଲେ ସାମାଜିକ କର୍ମୀ

# ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ

**ମହାକାଳପଡ଼ା, ୧୨।୧ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ତିଖିରି ପଞ୍ଚାୟତ ବାଲିସୁଆଁ ଗ୍ରାମର ସତ୍ୟଭାମା ରାଉତ ଓ ତାଙ୍କ ମାନସିକ ବିକାରଗ୍ରସ୍ତ ଝିଅ ଲକ୍ଷ୍ମିପ୍ରିୟା ରାଉତ ଏକ ଭଙ୍ଗା ଦଦରା କୁଡ଼ିଆରେ ରହୁଛନ୍ତି। ଝିଅର ଆଜି ପର୍ଯ୍ୟନ୍ତ ଆଧାର କାର୍ଡ ନଥିବାରୁ ସେ ରାସନ୍ ଚାଉଳ ପାଇବାରୁ ବଞ୍ଚିତ ଅଛନ୍ତି। ଆବାସ ଯୋଜନାରେ ଘର ଖଣ୍ଡିଏ ମିଳି ପାରିନାହିଁ ଯାହା ଫଳରେ ସେ ଭଙ୍ଗା କୁଡ଼ିଆରେ ଜୀବନ କାଟୁଛନ୍ତି। ଏମିତି ଏକ ସମ୍ବେଦନଶୀଳ ଘଟଣା ଦୈନିକ ଖବରକାଗଜ ସଂଚାର ରେ ପ୍ରକାଶିତ ହେବା ପରେ ସମଗ୍ର ଜିଲ୍ଲାରେ ଚର୍ଚ୍ଚା ଜୋର୍ ଧରିଛି। କେବଳ ଚର୍ଚ୍ଚା ହେଉଛି ତାହା ନୁହେଁ ଏହି ଘଟଣାରେ ରାଜନୈତିକ ଆରୋପ ପ୍ରତ୍ୟାରୋପ ମଧ୍ୟ ଜାରି ରହିଛି। ଘଟଣା ସମ୍ପର୍କରେ ଜାଣିବା ପରେ ବିଭିନ୍ନ ବ୍ୟକ୍ତିବିଶେଷ, ସାମାଜିକ ସଙ୍ଗଠନ ମାନେ ସହଯୋଗର ହାତ ବଢ଼ାଉଛନ୍ତି।

ଏହି ଦୃଶ୍ୟ ଏବେ କେବଳ କେନ୍ଦ୍ରାପଡ଼ା ଜିଲ୍ଲା ନୁହେଁ ରାଜ୍ୟ ରାଜଧାନୀ ରେ ପହଞ୍ଚିଲାଣି। ସମସ୍ତେ ଏଥିପାଇଁ ସମବେଦନା ଜଣାଇବା ସହିତ ତୁରନ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ସାମାଜିକ କର୍ମୀ ସାଗର ଜେନା ଘଟଣାକୁ ଗୁରୁତର ସହ ନେଇ ସରକାରଙ୍କ ହସ୍ତକ୍ଷେପ ପାଇଁ ମାନବାଧିକାର କମିଶନଙ୍କ ଦ୍ୱାରସ୍ତ ହୋଇଛନ୍ତି। ଜଣେ ବ୍ୟକ୍ତି ର ଯଦି ଆଙ୍ଗୁଠି ଛାପ ନ ଦେଇ ହେଉଛି ତେବେ ଆଖି ଛାପରେ ମଧ୍ୟ ଆଧାର କାର୍ଡ କରିହୋଇ ପାରିଥାନ୍ତା। ଦୀର୍ଘ ୧୦ ବର୍ଷ ଧରି ଗୋଟିଏ ଅସହାୟ ପରିବାର ପାଖରେ ସରକାରୀ ସୁବିଧା ନମିଳିବା ମାନବାଧିକାର ର ଉଲ୍ଲଙ୍ଘନ ହୋଇଛି। ସରକାରୀ କର୍ମଚାରୀମାନଙ୍କ ଦାୟିତ୍ୱହୀନତା ପାଇଁ ଏମିତି ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ହୋଇ ପାରୁନି ବୋଲି ସେ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଯଥାଶୀଘ୍ର ସେ ପରିବାରକୁ ଆବାସ ଯୋଜନା ରେ ସାମିଲ କରାଇବା ସହିତ ଅନ୍ତୋଦୟ ଅନ୍ନ ଯୋଜନା ରେ ସାମିଲ କରାଇବାକୁ ମୁଖ୍ୟ ଶାସନସଚିବ, ଓଡ଼ିଶା ଙ୍କୁ ଅନୁରୋଧ କରିଛନ୍ତି ସାଗର। ତତ୍ ସହିତ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଏହି ଘଟଣାରେ ୪ ସପ୍ତାହ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ସେ ଉଲ୍ଲେଖ କରିଛନ୍ତି।

## ପୂର୍ବତନ ମନ୍ତ୍ରୀ ପ୍ରହଲ୍ଲାଦ ମଲିକଙ୍କ ଜୟନ୍ତୀ ପାଳନ

**କେନ୍ଦ୍ରାପଡା, ୧୨।୧ (ସଂଚାର ବ୍ୟୁରୋ) :** ଓଡିଶାର ଜନପ୍ରିୟ ନେତା ତଥା ପୂର୍ବତନ ମନ୍ତ୍ରୀ, ରାଜ୍ୟ ଯୋଜନା ବୋର୍ଡର ସଭାପତି ସ୍ୱର୍ଗତ ପ୍ରହଲ୍ଲାଦ ମଲିକଙ୍କର ୯୬ତମ ଜନ୍ମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ପୌରାଂଚଳ ଅନ୍ତର୍ଗତ କଜଳା ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ କରିଥିଲେ। ପୂର୍ବତନ ବିଧାୟିକା ତଥା ସ୍ୱର୍ଗତ ମଲିକଙ୍କର ଝିଅ ଡ଼ଃ ସିପ୍ରା ମଲିକଙ୍କ ତତ୍ୱାବଧାନ ରେ ଆୟୋଜିତ ଏହି ଜୟନ୍ତୀ ଉତ୍ସବରେ ପୂର୍ବତନ ବିଧାୟକ ଚିନ୍ମୟୀ ବେହୁରା, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ପ୍ରାକ୍ତନ ଅଧ୍ୟାପକ ଗିରିଶ ପାତ୍ର, ବରିଷ୍ଠ କଂଗ୍ରେସ ନେତା ଫକିର ଚରଣ ଖଟୁଆ, ପ୍ରଫୁଲ୍ଲ ଦାସ, ଯୁବ ନେତା ରାଜେଶ ପଣ୍ଡା, ଶିକ୍ଷକ ଶୁଭ୍ରାଂଶୁ ଦାସ, ରଶ୍ମି ରଞ୍ଜନ ଚୌଧୁରୀ, ମିର୍ ଜୁମା, ମିର୍ ମୁରସିଦ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମଲିକଙ୍କ ସ୍ମୃତି ଚାରଣ ସହ କେନ୍ଦ୍ରାପଡା ପ୍ରତି ତାଙ୍କ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ ।

# ବିଧାୟକଙ୍କ ଦ୍ୱାରା ଧାନ ମଣ୍ଡି ଉଦ୍‌ଘାଟିତ




**ବାଲିଅନ୍ତା, ୧୨।୧ (ସଂଚାର ବ୍ୟୁରୋ) :** ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ସରକଣା ସେବା ସମବାୟ ସମିତିର ୨୦୨୫ ଖରିଫ୍ ଧାନ ମଣ୍ଡି ଉଦ୍ ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଅଛି। ସମିତୀର ସଭାପତି ସୋମନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜୟଦେବ ନିର୍ବାଚନ ମଣ୍ଡଳୀର ବିଧାୟକ ନବକିଶୋର ମଲ୍ଲିକ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜଳନ କରିବା ସହିତ ନଡ଼ିଆ ବାଡ଼େଇବାପରେ ଧାନ କ୍ରୟ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ସରକାରଙ୍କ ନିୟମ ଅନୁଯାୟୀ ଏଫ୍‌ଏକ୍ୟୁ ମାନର ଧାନ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ସହିତ ୮୦୦ ଟଙ୍କା ଇନପୁଟ ସବ୍ ସିଡି ଚାଷିମାନଙ୍କୁ ପ୍ରଦାନ କରାଜିବ ଏବଂ ଚଳିତ ବର୍ଷର ଅଦିନିଆ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଚାଷିମାନେ କିଭଳି ସେମାନଙ୍କର ଉତ୍ପାଦିତ ଧାନ ଫସଲକୁ ଏହି ମଣ୍ଡି ମାଧ୍ୟମରେ ବିକ୍ରୀ କରି ପାରିବେ ସେ ସଂପର୍କରେ ଚାଷି,ମିଲର ଓ ସରକାରି ଅଧିକାରୀମାନଙ୍କ ସହଯୋଗ କାମନା କରିଥିଲେ। ଆଜି ୭ଜଣ ଚାଷିଙ୍କ ଠାରୁ ମୋଟ ୩୯୫ କ୍ୱିଣ୍ଟାଲ ୨୬ କିଗ୍ରା ଧାନ ସଂଗ୍ରହ ହୋଇଛି ବୋଲି ସଂପାଦକ ଭାଗ୍ୟଧର ମହାନ୍ତିଙ୍କ ଠାରୁ ପ୍ରକାଶ। ଏହି ମଣ୍ଡି ସପ୍ତାହରେ ତିନିଦିନ ଯଥା ରବିବାର, ସୋମବାର ଏବଂ ଶୁକ୍ରବାର ଅନୁଷ୍ଠିତ ହେବ ବୋଲି ନିର୍ଦ୍ଧାରଣ କରାଯାଇଅଛି।

# କଟନି ଛଟନିକୁ ନେଇ ବଢୁଛି ଅସନ୍ତୋଷ



**ଖୋର୍ଦ୍ଧା, ୧୨।୧ (ସଂଚାର ବ୍ୟୁରୋ) :** ଖୋର୍ଦ୍ଧା ଜିଲ୍ଲାର ଅନେକ ସ୍ଥାନରେ ଧାନ ମଣ୍ଡି ଖୋଲିଲାଣି ହେଲେ କଟନି ଛଟନି ନେଇ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ଚଳିତ ବର୍ଷ ଜିଲ୍ଲାରେ ଅଦିନିଆ ବର୍ଷା ଚାଷୀଙ୍କ ପେଟକୁ ଲାତ ମାରିଥିବା ବେଳେ ଜଙ୍ଗଲି ହାତୀ ହନ୍ତସନ୍ତରେ ଚାଷୀ ଭାଙ୍ଗି ପଡିଛି। ଏବେ ଯୋଗାଣ ବିଭାଗର କଟନୀ ଛଟନି ଚାଷୀ ଆଖରେ ଲୁହ ଭରି ଦେଇଛି। ସରକାର ଚାଷୀଙ୍କ ହିତରେ କଥା କହୁଥିବାବେଳେ ଚାଷୀ ଓ ଅସହାୟ ଗରିବର ପେଟ ଚିହ୍ନିବା ବେଳକୁ ସରକାର ନିଜର ଇସ୍ତାହାର ଭୁଲି ଯାଉଥିବା ଚାଷୀ ନେତାମାନେ ଅଭିଯୋଗ କରିଛନ୍ତି।

ଚାଷୀ ନେତାଙ୍କ କହିବା ଅନୁଯାୟୀ ଯଦି ସରକାର ଚାଷୀଙ୍କ ହିତରେ କାର୍ଯ୍ୟ କରୁଥିବା ସବୁ ସମୟରେ ପ୍ରକାଶ କରୁଛନ୍ତି। ଚଳିତ ବର୍ଷ ଅଦିନିଆ ଲଘୁଚାପ ବର୍ଷାରେ ଚାଷୀ ହତାଶ ହୋଇଥିବା ନିଜେ ସରକାର ଓ ତାଙ୍କର ଟିମ ବୁଲି ଅନୁଭବ କରିବା ସହିତ ଧାନ କିଣା ସମୟରେ ଚାଷୀର ଧାନର ମାନ ନଦେଖୁବା ଓ କଟନି ଛଟନି ବ୍ୟବସ୍ଥାରେ ରୋକ ଲଗାଇବାକୁ କହିଥିବାବେଳେ ଏହା କାର୍ଯ୍ୟରେ କରିବା ଭୁଲି ଯାଉଛନ୍ତି ଯାହାଫଳରେ ଜିଲ୍ଲାରେ ମଣ୍ଡି ଖୋଲୁଥିବା ସମୟରେ ପୂର୍ବରୁ ପଞ୍ଜିକୃତ କରିଥିବା ଚାଷୀ ଧାନ ନେଇ ମଣ୍ଡିକୁ ଯାଇ ଯଥାପୂର୍ବ ତଥା ପର ଭଳି ଦିନ ତମାମ ଅପେକ୍ଷା କରିବା ସହିତ ଶେଷରେ ଧାନ ନଦେଇ ପାରି ନିରାଶ ହୋଇ ଘରକୁ ଫେରୁଛି। କଟନି ଛଟନିର ଶିକାର ହେଉଥିବାରୁ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଅଦିନିଆ ବର୍ଷା ମୁହଁରୁ ଛଡାଇ ଆଣି ଖଳା ବାରିରେ ରଖୁଥିଲେ, ସେଥିରେ ପୁଣି ହାତୀ ପଶି ହଇରାଣ ହରକତ କରି ନଷ୍ଟ କରିଥିଲା। ତଥାପି ଚାଷୀ ନିଜର ବର୍ଷକର ଖାଦ୍ୟ ସଞ୍ଚୟ ଆଶାରେ ଅକ୍ଳାନ୍ତ ପରିଶ୍ରମ କରି ବିପଦକୁ ଭୟ ନକରି ହାତୀ ମୁହଁରୁ ଛଡାଇ ଯାହା ରଖୁଥୁଲା ସେଥିରୁ କିଛି ପରିମାଣ ବିକ୍ରିକରି ସାହୁକାର ଋଣ ପରିଶୋଧ କରିବା ଲାଗି ମଣ୍ଡିରେ ଧାନ ଦେବାକୁ ଯାଉଥିବାବେଳେ ସରକାରଙ୍କ କଟନି ଛଟନି ଆଘାତ ଚାଷୀର ମେରୁଦଣ୍ଡ ଦୃବଳ କରିଦେବା ଭଳି ମନେହେଉଛି।

# ବିଜୁ ଜନତା ଦଳ ପକ୍ଷରୁ ବନ୍ଧୁମିଳନ

## ବ୍ୟାନରରୁ ବାଦ୍ ପଡିଲେ ୧ନମ୍ବର ଜୋନର ଜିଲ୍ଲାପରିଷଦ ସଭ୍ୟା



**ନାଉଗାଁ, ୧୨।୧ (ସଂଚାର ବ୍ୟୁରୋ) :** ନାଉଗାଁ ବ୍ଲକ ଅନ୍ତର୍ଗତ ଗଳାଧାରୀ ପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପଞ୍ଚାୟତର ସରପଞ୍ଚ ଦିଲ୍ଲୀପ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଜଗତସିଂହପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ଉପସ୍ଥିତ କର୍ମୀ ମାନଙ୍କୁ ନବବର୍ଷର ଶୁଭକାମନା ଜଣାଇବା ସହିତ ଆଗାମୀ ଦିନରେ ଏହି ପଞ୍ଚାୟତରେ ବିଜୁଜନତା ଦଳ କିପରି ଅଧିକ ସୁଦୃଢ଼ ହୋଇପାରିବ ସେଥିପ୍ରତି ଆଲୋଚନା କରିଥିଲେ। ଅନ୍ୟପଟେ ଏହି ଉତ୍ସବରେ ବିଜୁଜନତା ଦଳର ଏକ ବ୍ୟାନର ଲଗାଯାଇଥିବା ବେଳେ ସେହି ବ୍ୟାନରରେ ଉକ୍ତ ପଞ୍ଚାୟତରୁ ବିଜୁଜନତା ଦଳରୁ ଜିତିଥିବା ୧ ନମ୍ବର ଜୋନର ଜିଲ୍ଲାପରିଷଦ ସଭ୍ୟା ଅମିତା ସ୍ୱାଇଁଙ୍କ ଫଟୋ ନଥିବା ଓ ଉତ୍ସବକୁ ତାଙ୍କୁ ନିମନ୍ତ୍ରଣ କରାଯାଇନଥିବାକୁ ନେଇ ବେଶ୍ ଚର୍ଚ୍ଚା ସୃଷ୍ଟି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦୁଇ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ମମତା ପରିଡ଼ା, ଦିଲ୍ଲୀପ କୁମାର ଲେଙ୍କା, ବସନ୍ତ କୁମାର ପାଢ଼ୀ, ନିମାଇ ଚରଣ ସ୍ୱାଇଁଙ୍କ ସମେତ ଏହି ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ, ସଭ୍ୟମାନେ ଯୋଗଦାନ କରିଥିଲେ।

## ଯୁବ ଭାରତ କୃଷକ ସଂଘ ପକ୍ଷରୁ ସମୀକ୍ଷା ବୈଠକ ଓ ସମ୍ବର୍ଦ୍ଧନା ସଭା

**କେନ୍ଦ୍ରାପଡା, ୧୨।୧ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ଗରାପୁର ସ୍ଥିତ ଶିବାନନ୍ଦ ଆଶ୍ରମ ଠାରେ ଯୁବ ଭାରତ କୃଷକ ସଙ୍ଘ ପକ୍ଷରୁ ରବିବାର ସମୀକ୍ଷା ବୈଠକ ଓ ସମ୍ବର୍ଦ୍ଧନା ସଭା ଜିଲ୍ଲା ସଭାପତି କିଶୋର ଚନ୍ଦ୍ର ମିଶ୍ର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭା ରେ ସଂଘ ର ରାଜ୍ୟ ସଭାପତି ପ୍ରଭାକର ନାୟକ ଯୋଗ ଦେଇ କୃଷକ ମାନଙ୍କ ସଚେତନତା ଉପରେ ଗୁରୁତ୍ୱ ଆରୋପ କରିଥିଲେ । କୃଷକର ସମସ୍ୟା ସମାଧାନ ପାଇଁ ରାଜନୀତି ବ୍ୟକ୍ତିଙ୍କ ଉପରେ ଗୁରୁତ୍ୱ ନ ଦେଇ ନିଜ ଜୁଆଳି ନିଜ କାନ୍ଧରେ ଜୋଟିବା ଦରକାର ସେଥିପାଇଁ କୃଷକ ସଙ୍ଘ ମଜବୁତ ହେବା ଜରୁରୀ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପଦେଷ୍ଟା ବନମାଳୀ ମିଶ୍ର ରାଜ୍ୟ କମିଟି ସଦସ୍ୟ ରଞ୍ଜନ କୁମାର ରାଉତ ଜିଲ୍ଲା ଉପସଭାପତି ରମେଶ ଚନ୍ଦ୍ର ସାହୁ ଓ ସରତ ଚନ୍ଦ୍ର ପାତ୍ର ସହ ସଂପାଦକ ପ୍ରଶାନ୍ତ ପାତ୍ର ଓ ସନ୍ତୋଷ ତରେଇ । ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ କୁମାର ମହାପାତ୍ର ରାଜନଗର ବ୍ଲକ ସଭାପତି ସୁମିତ୍ରା ରାଉତ ମହାକାଳପଡ଼ା ବ୍ଲକ ସଭାପତି କୈଳାଶ ଚନ୍ଦ୍ର ସାହୁ ପ୍ରମୁଖ ସଭାରେ ଉଦବୋଧନ ଦେଇଥିଲେ । ପ୍ରତି ପଂଚାୟତ ରେ କୃଷକ ସେବା କେନ୍ଦ୍ର ପ୍ରତିଷ୍ଠା ପାଇଁ ପ୍ରସ୍ତାବ ପାରିତ ହୋଇଥିଲା ।

## ସାଂସଦ ବୈଜୟନ୍ତ ପଣ୍ଡାଙ୍କ ୬୧ତମ ଜନ୍ମ ଦିବସ ପାଳିତ

**ପଟ୍ଟାମୁଣ୍ଡାଇ, ୧୨।୧ (ସଂଚାର ବ୍ୟୁରୋ) :** ବିଜେପି ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ୬୧ତମ ଜନ୍ମ ଦିବସ ସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସାଂସଦ ଶ୍ରୀପଣ୍ଡାଙ୍କ ଦୀର୍ଘ ଜୀବନ କାମନା କରି ପ୍ରଭୁ ହନୁମାନଜୀଉଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା । ଏଥିରେ ଆଡ଼ଭୋକେଟ ଭାରତ ଭୂଷଣ ଦାସ, ପ୍ରମୋଦ କୁମାର ସାହୁ, ସୁଶୀଲ ପରିଡା,ପଦ୍ମ ନାଭ ପଣ୍ଡା,ସୁନାକାର ପ୍ରଧାନ, ପରେଶ ସାହୁ, କାଉନସିଲର ବିଦ୍ୟାଧର ସେଠୀ,ରବୀନ୍ଦ୍ର ବିଶ୍ୱାଳ, ଚନ୍ଦନ ପାତ୍ର, ପିତାମ୍ବର କର, ଅଜୟ ଦାସ, ଗିରିଜାଶଙ୍କର ସାମଲ ପ୍ରମୁଖ ଯୋଗ ଦେଇଥିଲେ ।

# ବାଲି ସୁରକ୍ଷା ପ୍ରାଚୀରରେ ନାମକୁ ମାତ୍ର ରଙ୍ଗ ବୋଲି ହରିଲୁଟ ପାଇଁ ମସୁଧା



**କୋଣାର୍କ, ୧୨।୧ (ସଂଚାର ବ୍ୟୁରୋ) :** ପ୍ରବାସୀ ଭାରତୀୟ ମାନଙ୍କ କୋଣାର୍କ ଆଗମନ ପରିପ୍ରେକ୍ଷୀରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ସମ୍ମୁଖରୁ ଇକୋ ରିଟ୍ରିଟ ପର୍ଯ୍ୟନ୍ତ ଦୀର୍ଘ ୩କିମି ସାମୁଦ୍ରିକ ବାଲି ସୁରକ୍ଷା ପ୍ରାଚୀରରେ ନାମକୁ ମାତ୍ର ରଙ୍ଗ ବୋଲି ଲକ୍ଷାଧିକ ଟଙ୍କା ହରିଲୁଟ କରିବା ପାଇଁ ଜାତୀୟ ରାଜପଥ ପୁରୀ ସବଡିଭିଜନ ପକ୍ଷରୁ ଲକ୍ଷାଧିକ ଟଙ୍କା ହରିଲୁଟ ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ କାର୍ଯ୍ୟ ଦାୟିତ୍ୱରେ ଥିବା ଠିକାଦାରଙ୍କ ମଧ୍ୟରେ ମସୁଧା ଚାଲିଥିଲା କୋଣାର୍କ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଖବରରୁ ପ୍ରକାଶ ଯେ ପ୍ରବାସୀ ଭାରତୀୟଙ୍କ କୋଣାର୍କ ଆଗମନ ଦୃଷ୍ଟିରେ ରଖି କୋଣାର୍କ - ପୁରୀ ଜାତୀୟ ରାଜପଥ ରାସ୍ତାର ବାମପଟେ ନିର୍ମିତ ସୁରକ୍ଷା ପ୍ରାଚୀର ସୌନ୍ଦର୍ଯ୍ୟକରଣ ପାଇଁ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇ ଜାତୀୟ ରାଜପଥ ପୁରୀ ସବଡିଭିଜନ ପକ୍ଷରୁ ଠିକାଦାର ନିଯୁକ୍ତ କରାଯାଇ ନିମ୍ନମାନର ରଙ୍ଗ ବୋଳି ଲକ୍ଷାଧିକ ଟଙ୍କା ହରିଲୁଟ କରିବା ପାଇଁ ଷଡଯନ୍ତ୍ର ଚାଲିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ହେଲେ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ କାର୍ଯ୍ୟ କରିବା ପାଇଁ ସରକାରୀ ନିର୍ଦ୍ଦେଶନାମା ରହିଛି। ମାତ୍ର ଜାତୀୟ ରାଜପଥ କର୍ତ୍ତୃପକ୍ଷ ସରକାରୀ ନିୟମର ଖୋଲାଖୋଲି ଉଲ୍ଲଂଘନ କରି ବିନା ଟେଣ୍ଡରରେ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ରଙ୍ଗ କାର୍ଯ୍ୟ କାହା ସୁପାରିଶରେ ଅଥବା ବିଭାଗର କେଉଁ ଚିଠି ବଳରେ ପ୍ରଦାନ କରିଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ, ସଚେତନ ନାଗରିକ, ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ମାନଙ୍କ ପକ୍ଷରୁ ଦାବି ହେଉଛି। ଏହି ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ନିମ୍ନମାନର ରଙ୍ଗ, ପୁଟି, ଇଲା ବ୍ୟବହାର କରାଯାଇ ଲକ୍ଷାଧିକ ଟଙ୍କା ହାତେଇବା ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ଏକ ଅଘୋଷିତ ବୁଝାମଣା ହୋଇଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ଜୟୀରାମ ସାମଲ ପାଇବେ ବସନ୍ତ ନାୟକ ସମ୍ମାନ



**ଭୁବନେଶ୍ୱର, ୧୨।୧ (ସଂଚାର ବ୍ୟୁରୋ) :** ଓଡ଼ିଆ ଚଳଚ୍ଚିତ୍ର ଜଗତର ସ୍ୱପ୍ନର ସୌଦାଗର ବସନ୍ତ ନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଦାନ କରାଯାଉଥିବା ବସନ୍ତ ନାୟକ ସମ୍ମାନ ୨୦୨୫ ଚଳିତ ବର୍ଷ ପ୍ରଖ୍ୟାତ ହାସ୍ୟଭିନେତା ଜୟୀରାମ ସାମଲଙ୍କୁ ପ୍ରଦାନ କରାଯିବ। ସ୍ୱପ୍ନର ସୌଦାଗର ବସନ୍ତ ନାୟକଙ୍କ ପ୍ରଯୋଜିତ ଅଧିକାଂଶ ଚଳଚ୍ଚିତ୍ର ରେ ଜୟୀରାମ ସାମଲ ଅଭିନୟକରି ହାସ୍ୟରସର ଏକ ନବ ଦିଗନ୍ତ ସ୍ଥାପନ କରିଛନ୍ତି ଯଥା: ପକା କମ୍ବଳ ପୋତ ଛତା, ଲକ୍ଷେ ଶିବ ପୂଜି ପାଇଛି ମୁଁ ପୁଅ, ମନ ରହିଗଲା ତୁମରିଠାରେ, ପ୍ରେମୀ ନମ୍ବର ୱାନ୍, ପ୍ରେମ ଋତୁ ଆସିଲାରେ ଓ ମୁଁ ତତେ ଲଭ୍ କରୁଛି। ହାସ୍ୟାଭିନେତା ଜୟୀଙ୍କ ଅବଦାନ ଓ ଅଭିନୟକୁ ସ୍ୱୀକୃତି ଜଣାଇ ବସନ୍ତ ନାୟକଙ୍କ ୮୮ ତମ ଜନ୍ମଦିନରେ ଆଗାମୀ ଜାନୁଆରୀ ୧୬ ତାରିଖରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଏହି ପୁରସ୍କାର ପ୍ରଦାନ କରାଯିବ।

ସୂଚନାଯୋଗ୍ୟଯେ ବସନ୍ତ ନାୟକ ଫାଉଣ୍ଡେସନ ପକ୍ଷରୁ ବିଗତ ଦୁଇ ବର୍ଷ ହେଲା ବସନ୍ତ ନାୟକ ସମ୍ମାନ ତଥା ପୁରସ୍କାର ପ୍ରଦାନ କରାଯାଉଛି। ପ୍ରଥମ ବସନ୍ତ ନାୟକ ସମ୍ମାନ ଓଡ଼ିଆ ଚଳଚ୍ଚିତ୍ର 'ଯାଯାବର'ର ପ୍ରଯୋଜକ ବିଜୟ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଥିଲା। ଜାନୁଆରୀ ୧୬ ତାରିଖ ସ୍ୱପ୍ନର ସୌଦାଗର ବସନ୍ତ ନାୟକଙ୍କ ୮୮ତମ ଜନ୍ମଦିନ ସନ୍ଧ୍ୟାରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଆୟୋଜିତ ହେବାକୁ ଥିବା ଏହି ବର୍ଣ୍ଣାଢ୍ୟ ଉତ୍ସବରେ ଜୟୀରାମ ସାମଲଙ୍କୁ ବସନ୍ତ ନାୟକ ସମ୍ମାନ ୨୦୨୫ ପୁରସ୍କାର ପ୍ରଦାନ ସହ ବସନ୍ତ ନାୟକଙ୍କ ପ୍ରଯୋଜିତ ଚଳଚ୍ଚିତ୍ରର ସଂଗୀତ ଓ ନୃତ୍ୟ ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବସନ୍ତ ନାୟକ ଫାଉଣ୍ଡେସନ ପକ୍ଷରୁ ଉତ୍ତମ ମହାନ୍ତି, ସୂର୍ଯ୍ୟ ଦେଓ, ପ୍ରେମ୍ ଆନନ୍ଦ, ଅତିସ୍ ମହାନ୍ତି, ରବିନ୍ଦ୍ର ପଣ୍ଡା, ନିବେଦିତା ମହାନ୍ତି ଓ ସଞ୍ଜୟ କୁମାର ନାୟକ (ଟୁଟୁ) ଏକ ପ୍ରେସ ଇସ୍ତାହାରରେ ସୂଚନା ଦେଇଛନ୍ତି।

# ଇନ୍ଦ୍ରାବତୀରୁ ବିଦ୍ୟୁତ୍ ଉତ୍ପାଦନ ଆରମ୍ଭ

## ୩୭ ଦିନ ଧରି ବନ୍ଦ ଥିଲା



**ନବରଙ୍ଗପୁର, ୧୨।୧ (ସଂଚାର ବ୍ୟୁରୋ) :** ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପ ମୁଖିଗୁଡା ପାୱାର ହାଉସରୁ ଦୀର୍ଘ ୩୭ ଦିନ ପରେ ଆଜି ବିଦ୍ୟୁତ ଉତ୍ପାଦନ ଆରମ୍ଭ ହୋଇଛି। ଗତ ୬ ତାରିଖରୁ ପୁଣିଥରେ ବିଦ୍ୟୁତ୍ ଉତ୍ପାଦନ ଆରମ୍ଭ ହୋଇଥିବା ବିଭାଗୀୟ ନିୟନ୍ତ୍ରଣ କକ୍ଷରୁ ସୂଚନା ମିଳିଛି। ବିଭାଗୀୟ ସୂଚନା ଅନୁଯାୟୀ, ଆଜି ସକାଳ ୮ଟା ସୁଦ୍ଧା ପ୍ରକଳ୍ପର ୪ଟି ଟର୍‌ବାଇନ୍‌ରୁ ୧୪୬୫ ମେଗାୱାଟ୍ ବିଦ୍ୟୁତ ଉତ୍ପାଦନ ହୋଇଛି। ବର୍ତ୍ତମାନ ଇନ୍ଦ୍ରାବତୀ ଡ୍ୟାମର ଜଳସ୍ତର ୬୩୫.୦୯ ମିଟର ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୧୨.୯୩୬ କ୍ୟୁସେକ ଜଳ ପ୍ରବେଶ କରୁଛି । ସେହିପରି ୨୮.୬୩୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ବର୍ତ୍ତମାନ ବିଦ୍ୟୁତ ଉତ୍ପାଦନ ପରେ ଉଦବୃତ୍ତ ଜଳକୁ ହାତୀ ବ୍ୟାରେଜରେ ଗଚ୍ଛିତ ରଖିବା ପରେ କଳାହାଣ୍ଡି ଜିଲ୍ଲାର ୧ ଲକ୍ଷ ପାଇଁ ପାଣି ଛଡାଯାଇଛି।

ସୂଚନାଯୋଗ୍ୟ ୨୮ ହଜାର ହେକ୍ଟର ଜମିକୁ ରବିଫସଲ ଯେ, କଳାହାଣ୍ଡି ଜିଲ୍ଲାର ଚାଷୀଙ୍କ ଦାବିକୁ ଆଖି ଆଗରେ ରଖି ଗତ ଡିସେମ୍ବର ୧ରୁ ଜାନୁଆରୀ ୫ତାରିଖ ପର୍ଯ୍ୟନ୍ତ ବିଦ୍ୟୁତ ଉତ୍ପାଦନକୁ ବିଭାଗ ସ୍ଥଗିତ ରଖିଥିଲା। ଚଳିତବର୍ଷ ଇନ୍ଦ୍ରାବତୀ ଜଳଭଣ୍ଡାରରେ ୧୧ ପ୍ରତିଶତ ଜଳ କମ୍ ରହିଥିଲା। ବିଦ୍ୟୁତ ଉତ୍ପାଦନ ପରେ ଉଦ୍‌ବୃତ୍ତ ଜଳକୁ ଜଳସେଚନ ପାଇଁ ଛଡ଼ାଯାଉଥିଲା। ଚାଷୀଙ୍କ ରବି ଫସଲରେ ଜଳସଙ୍କଟ ଆଶଙ୍କା କରି ଗୋଟିଏ ମାସ ବିଦ୍ୟୁତ ଉତ୍ପାଦନ ବନ୍ଦ ରହିଥିଲା। ଜଳଭଣ୍ଡାରରେ ଜଳ ଗଚ୍ଛିତ ହେବା ପରେ ରବିଋତୁ ପହଞ୍ଚିଲା ବେଳକୁ ଚାଷ ପାଇଁ ଆବଶ୍ୟକ ଜଳ ଯୋଗାଣ ହୋଇପାରିବ । ପ୍ରାୟ ଗୋଟିଏ ମାସ ବିଦ୍ୟୁତ ଉତ୍ପାଦନ ସ୍ଥଗିତ ତେଣୁ ଚାଷୀଙ୍କ ଦାବିକୁ ଗୁରୁତ୍ୱ ଦେଇ ବିଭାଗ ରଖିଥିଲା ବୋଲି ବିଭାଗ ପକ୍ଷରୁ କୁହାଯାଇଛି।




## କଳାହାଣ୍ଡିର ନାରୀ ଶକ୍ତି



ପଛୁଆ ଅଞ୍ଚଳ ଭାବେ କୁଖ୍ୟାତି ଅର୍ଜନ କରିଥିବା କଳାହାଣ୍ଡି ଜିଲ୍ଲାର ନାରୀମାନେ କିନ୍ତୁ ବେଶ୍ ଆଗୁଆ। ଖାଲି ଆଗୁଆ ନୁହନ୍ତି, ସଶକ୍ତିକରଣ ବି। ରାଜଧାନୀରେ ଜଣଙ୍କ ପରେ ଜଣେ କଳାହାଣ୍ଡିର ନାରୀ ଶକ୍ତି ଯେଭଳି ବଡ ବଡିଆଙ୍କୁ ହଲାପଟା କରୁଛନ୍ତି ଓ ଫଁ ଦେଖାଉଛନ୍ତି ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଅଳ୍ପଦିନ ତଳେ ନାଗ ପ୍ରସଙ୍ଗରେ ରାଜଧାନୀ ଉଠିଥିଲା ପଡିଥିଲା। ନାଗ ନାଗୁଣୀ ବି ଜେଲ୍ ଯାଇଥିଲେ। ଏତେ ମିଳିଲା ସେତେ ମିଳିଲା ବୋଲି ଗଣମାଧ୍ୟମରେ ହୁରି ପଡିଲା। ହେଲେ ଜେଲ୍‌ରୁ ବାହାରିଲା ପରେ ନାଗୁଣୀଙ୍କ ଫଁ ଦେଖି ସମସ୍ତେ ତୁନି ପଡିଗଲେ। ସେହି ମାମଲା ଏବେ ଅତୀତ ହୋଇଯାଇଛି। ସମାଲୋଚନା କରୁଥିବା ଲୋକଙ୍କ ପାଟି ବନ୍ଦ। ଏବେ ଆଉଜଣେ କଳାହାଣ୍ଡି ନାରୀ ରାଜଧାନୀ ରାଜନୀତିକୁ ସରଗରମ କରିଛନ୍ତି। ସିଏ ହେଉଛନ୍ତି ହଂସିତା। ତାଙ୍କ ତାଲିକାର ବି ଏବେ ଜୋରଦାର ପ୍ରଚାର ଚାଲିଛି। କେଉଁଦିନ ଗାଡି ତାଲିକା ତ ଆଉ କେଉଁଦିନ ଘର ତାଲିକା। ତେବେ କଳାହାଣ୍ଡିରୁ ଆସି ରାଜଧାନୀରେ ଏଭଳି ସାମ୍ରାଜ୍ୟ ବିସ୍ତାର କରିଥିବା ମହିଳାଙ୍କୁ ସାବାସୀ ଦେବାକଥା ବୋଲି କିଛି ମତ ଦେଲେଣି। ନାଗଙ୍କ ଭଳି ହଂସ ବି ଜେଲରୁ ଫେରି ଆରାମରେ ରହିବେ ଓ ପୁଣିଥରେ ସେମାନଙ୍କ କଥା ଅତୀତ ହୋଇଯିବ। କଳାହାଣ୍ଡି ମାଟିରୁ ଏଭଳି ନାରୀ ଶକ୍ତି କିଭଳି ସୃଷ୍ଟି ହେଉଛନ୍ତି ତାହା ଉପରେ ବିଶେଷ ଗବେଷଣା ଆବଶ୍ୟକ ବୋଲି କିଛି ଲୋକ କହିଲେଣି।

## ଝାଡୁ ପାଲଟିଲା କୀଳା





ଝାଡୁକୁ ଆୟୁଧ କରି ରାଜନୀତି କରୁଥିଲେ। ରାଜଧାନୀରେ ଦୁଇ ଦିନ ଝାଡୁମାରିବା ବି ବନ୍ଦ କରାଇଦେଲେ। ଏବେ ସେହି ଝାଡୁ କୀଳା ହୋଇ ଗୋଡାଇବା ଆରମ୍ଭ କରିଛି। ଆଗକୁ କି ରୂପ ନେବ ତାହାକୁ ସମସ୍ତେ ଅନାଇ ବସିଛନ୍ତି। ଏହି କୀଳା ଗୋଡାଇଛି ରାଜଧାନୀରେ ମେୟରରୁ ବିଧାୟକ ହୋଇଥିବା ଅନନ୍ତ ନାରାୟଣ ଜେନା ଓରଫ ବୁନୁଙ୍କୁ। ରାଜଧାନୀରେ ଘଟିଥିବା ସହଦେବ ନାୟକଙ୍କ ଘଟଣାରେ ରାଜନୀତିର ରୁଟି ସେକି ଝାଡୁଦାରମାନଙ୍କୁ ଉସକାଇ ଦୁଇଦିନ ରାଜଧାନୀରୁ ଅଳିଆ ଉଠାଇବାକୁ ଦେଲେନାହିଁ। ପ୍ରବାସୀ ଭାରତୀୟ ଦିବସ ଚାଲିଥିବା ସମୟରେ ଏଭଳି କାଣ୍ଡ ସରକାରଙ୍କୁ ନାକେଦମ କରିଦେଲା। ତେବେ ବାବୁ ଜାଣିନଥିଲେ ଯେ ଏହି ଝାଡୁ କୀଳା ହୋଇ ଗୋଡାଇବ। ଏବେ ଆଠବର୍ଷ ତଳର ଋଷି ହତ୍ୟାକାଣ୍ଡ ଫାଇଲ ଖୋଲିବ ବୋଲି ବିଜେପି ନେତାଏ କହିଲେଣି। ଏହି ଫାଇଲଟି କୁଆଡେ ବୁନୁ ବାବୁଙ୍କ ପାଇଁ କୀଳା ଆଣିବ। ସେତେବେଳେ ଏହି ହତ୍ୟାକାଣ୍ଡରେ ବୁନୁ ବାବୁଙ୍କ ନାଁ ଯୋଡିହୋଇଥିଲା। ହେଲେ ସରକାରରେ ଥିବା ଯୋଗୁଁ ମାମଲା ଚପି ଯାଇଥିଲା। ଏବେ ଏହି ଫାଇଲ ଖୋଲିଲେ କ'ଣ ହେବ ତାହାକୁ ନେଇ ରାଜଧାନୀରେ ଆଲୋଚନା ଆରମ୍ଭ ହୋଇଯାଇଛି।

## ପୁଲିସକୁ ସାହା ହେଲେ ପ୍ରବାସୀ





କମିଶନରେଟ ପୁଲିସକୁ ଏବେ ପ୍ରବାସୀମାନେ ସାହା ହୋଇଛନ୍ତି। ସେମାନଙ୍କ ପାଇଁ ଉତ୍ସବ ଆୟୋଜିତ ହୋଇନଥିଲେ ଭୁବନେଶ୍ୱରିଆ ଗଣମାଧ୍ୟମ ପୂରା ପୁଲିସ୍‌କୁ ଧୋଇ ଦେଇଥାନ୍ତେ। ରାଜଧାନୀର ପୁଲିସ୍ ବାବୁମାନେ ଏହା କହୁଛନ୍ତି। ସେମାନଙ୍କ କହିବାକଥା ପ୍ରବାସୀ ଭାରତୀୟ ଦିବସ ସମୟରେ ଯେଭଳି ସହର ମଝିରେ ହତ୍ୟାକାଣ୍ଡ ଘଟିଲା ଓ ବିଦ୍ ରାସ୍ତାରେ ମୁଣ୍ଡଗଣ୍ଡି ଅଲଗା ହେଲା ଅତ୍ୟନ୍ତ ଭୟଙ୍କର ଥିଲା। ଏଭଳି ଖବର ଯଦିଓ ଗଣମାଧ୍ୟମରେ ପ୍ରକାଶିତ ହେଲା ହେଲେ ଖବର ତାଲିକାରେ ପଛକୁ ଠେଲିହୋଇ ଗଲା। ଯଦିଓ ପୁଲିସ୍ ତତ୍କାଳ କାର୍ଯ୍ୟାନୁଷ୍ଠାନ ନେଇ ଆସାମୀଙ୍କୁ ଧରିଲା, କିନ୍ତୁ ପ୍ରବାସୀ ଭାରତୀୟ ଉତ୍ସବ ଯୋଗୁଁ ଗଣମାଧ୍ୟମ ଏହି ଘଟଣାକୁ ଯେତିକି ରଙ୍ଗ ଦେବାକଥା ତାହା ଦେଇ ପାରିଲା ନାହିଁ। ଯଦି ପ୍ରବାସୀ ଦିବସ କାର୍ଯ୍ୟକ୍ରମଟି ନଥାନ୍ତା ତେବେ ଟିଭି ଠାରୁ ଆରମ୍ଭକରି ୱେବ ଓ ଖବରକାଗଜର ଏହା ଏକ ନମ୍ବର ଖବର ହୋଇଥାନ୍ତା ଓ ସମସ୍ତେ ମିଶି କମିଶନରେଟ ପୁଲିସ୍‌ର ବାଜା ବଜାଇ ଦେଇଥାନ୍ତେ। ତେଣୁ ପ୍ରବାସୀ ଦିବସରୁ କାହାକୁ କିଛି ସୁଫଳ ମିଳୁ କି ନମିଳୁ କମିଶନରେଟ ପୁଲିସ୍ କିନ୍ତୁ ଭଲ ସୁଫଳ ପାଇବାରେ ସକ୍ଷମ ହୋଇଛି। କିଛି ପୁଲିସ୍ ତ ଖୋଲାଖୋଲି ଭାବେ କହୁଛନ୍ତି ପ୍ରବାସୀ ଆମକୁ ସାହା ହେଲେ।

## କିଏ ଖାଇଗଲା ସଂସ୍କୃତି ବିଭାଗ ଖାଦ୍ୟ




ପ୍ରବାସୀ ଭାରତୀୟ ଦିବସ ଅବସରରେ ରାଜଧାନୀରେ ସଂସ୍କୃତି ବିଭାଗର ଗୋଟିଏ କାର୍ଯ୍ୟକ୍ରମ ଥିଲା। ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ଅନ୍ୟାନ୍ୟ ବଡବାବୁମାନେ ସେଠାକୁ ଯାଇଥିଲେ। ତେବେ କର୍ତ୍ତୃପକ୍ଷଙ୍କ ମୁଣ୍ଡକୁ ଜୁଟିଲା ଯେ ଖାଲି କାର୍ଯ୍ୟକ୍ରମ ହେଲେ ଚଳିବ ନାହିଁ, ଖାଦ୍ୟ ପେୟ ବ୍ୟବସ୍ଥା ହେଲେ ଜମାଣିଆ ହେବ। ସେହି ଅନୁଯାୟୀ ଖାଇବା ପିଇବା ବ୍ୟବସ୍ଥା ହେଲା। ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ବାବୁମାନେ ସ୍ନାକ୍ସରେ କାମ ଚଳାଇ ଫେରିବାପରେ ପଙ୍ଗତ ପଡିଲା। ହେଲେ ଶେଷକୁ ଦେଖିଲା ବେଳକୁ ଆହାରଧାରୀଙ୍କ ସଂଖ୍ୟା ୪ଶହ ଛୁଇଁଲାଣି। ଖାଦ୍ୟ ଯୋଗାଣ ସଂସ୍ଥା ତାଲିକା ଧରାଇବା ପରେ ସଂସ୍କୃତି ବାବୁମାନଙ୍କର ଅକଲ ଗୁଡୁମ। ଏତେ ଖାଦ୍ୟ କିଏ ଖାଇଲା ତାହାର ତର୍ଜମା ଚାଲିଛି। ଏଥିପାଇଁ ଅର୍ଥ କେଉଁଠି ଆସି କିଭଳି ଦିଆଯିବ ସେଥିପାଇଁ କିଛି ବାବୁ କସରତ କରୁଛନ୍ତି। ହେଲେ ଖାଇବା ପିଇବା ଆୟୋଜନ ବ୍ୟବସ୍ଥା କାହା ମୁଣ୍ଡକୁ ଜୁଟିଥିଲା ସେହି ବାବୁଙ୍କୁ ଏବେ ଅନେକ ଖୋଜୁଛନ୍ତି। ତେବେ ଯାହା ହେଲେ ବି ଅର୍ଥ ପଇଠ କରିବାକୁ ଥିବାରୁ ଆଉ ଅଧିକ ଆଲୋଚନା କରି ଅପସଂସ୍କୃତି ଅବସ୍ଥା ସୃଷ୍ଟି ନକରି ମାମଲାକୁ ତୁରନ୍ତ ରଫାଦଫା କରିବାପାଇଁ କିଛି ଅଧିକାରୀ ସୁଚିନ୍ତିତ ପରାମର୍ଶ ଦେଇଛନ୍ତି।

## ବସ୍ ବୁଦ୍ଧି କାହାର ?



ରାଜଧାନୀର ସାମ୍ବାଦିକମାନେ ବସ୍‌ରେ ଜୟଦେବଭବନରୁ ପ୍ରବାସୀ ଭାରତୀୟ ଦିବସ ଆୟୋଜନସ୍ଥଳୀ ଜନତା ମଇଦାନକୁ ଗଲେ। ଯିଏ ଗଲା ସିଏ ହଲାପଟା ହେଲା। କିଛି ସାମ୍ବାଦିକ କାମ ସାରି ଅଟରେ ଫେରିଥିବାବେଳେ ଆଉ କିଛି ବସ୍ ପାଇବାକୁ ଉହଳ ବିକଳ ହୋଇଥିଲେ। ତେବେ ମାତ୍ର ୨/୩ କିଲୋମିଟର ଦୂରକୁ ପାସ୍‌ଧାରୀ ସାମ୍ବାଦିକମାନଙ୍କୁ ବସ୍‌ରେ ନେବାପାଇଁ କାହା ମୁଣ୍ଡରୁ ଆଇଡିଆ ବାହାରିଲା ତାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ବସ୍‌ରେ ନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ବଦନାମ ମୁଣ୍ଡାଇଲା ବୋଲି କୁହାଯାଉଛି। ସଭାକାର୍ଯ୍ୟ ଦିନ ୧୦ଟାରେ ଥିବାବେଳେ ସାମ୍ବାଦିକମାନଙ୍କୁ ଭୋର ୬ଟାରୁ ଆସି ବସ୍ ଧରିବାକୁ କୁହାଗଲା। ସାମ୍ବାଦିକମାନେ ବି ଆସିଲେ। ହେଲେ ସେମାନଙ୍କୁ ସକାଳୁ ଯେଉଁ ଖାଦ୍ୟ ଦିଆଗଲା ତାହାର ଫଟୋ ସୋସିଆଲ ମିଡିଆରେ ଘୂରି ବୁଲିଲା। ଯିଏ ଦେଖିଲା ନାକ ଟେକିଲା। ସାମ୍ବାଦିକମାନେ ଯଦି ନିଜ ବ୍ୟବସ୍ଥାରେ ଯାଇଥାନ୍ତେ ଓ ସେମାନଙ୍କୁ ଭିତରକୁ ସୁରୁଖୁରୁରେ ନେବାପାଇଁ ଜଣେ ଦୁଇଜଣ ଅଧିକାରୀ ନିୟୋଜିତ ହୋଇଥାନ୍ତେ ତେବେ ଭଲ ହୋଇଥାନ୍ତା ବୋଲି କିଛି ବରିଷ୍ଠ ସାମ୍ବାଦିକ ମତ ଦେଇଛନ୍ତି। ହେଲେ ତାହା ନକରି ବସ୍‌ରେ ନେଇ କେବଳ ସାମ୍ବାଦିକଙ୍କୁ ହଲାପଟା କଲେନାହିଁ, ବିଭାଗକୁ ବି ସମାଲୋଚିତ କରିଦେଲେ ବୋଲି କୁହାଯାଉଛି।

# ସ୍ୱାମୀ ବିବେକାନନ୍ଦ ଏକ ଚିରଞ୍ଜୀବୀ ଚେତନା



**ଭୁବନେଶ୍ୱର,୧୨।୧(ସଂଚାର ବ୍ୟୁରୋ):** ସ୍ୱାମୀ ବିବେକାନନ୍ଦ ଏକ ବ୍ୟକ୍ତିସତ୍ତା ନୁହେଁ ବରଂ ଏକ ଚିରଞ୍ଜିବୀ ଚେତନା। ଏହି ନାମ ଏକ ଅତୁଳନୀୟ ଆଦର୍ଶ ଓ ଆଧ୍ୟାତ୍ମିକତା ମାଧ୍ୟମରେ ଜୀବନବୋଧକୁ ଉପଲବ୍ଧି କରିବାର ପବିତ୍ର ଓଁକାର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ଯୁବ ଦିବସ ପାଳନ ଅବସରରେ ମତ ପୋଷଣ କରିଛନ୍ତି। ସ୍ଥାନୀୟ ରାମକୃଷ୍ଣ ମିଶନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିବେକାନନ୍ଦଙ୍କ ଛବି ଆଜି ପର୍ଯ୍ୟନ୍ତ ଜଣେ ତେଜସ୍ୱୀ, ବାଗ୍ମୀ ଓ ମହାନ୍ ସଂଗ୍ରାମୀ ସନ୍ୟାସୀ ଭାବେ ଅମଳିନ ରହିଛି। ବିବେକାନନ୍ଦ ଥିଲେ ଜଣେ ଯୁବ ସନ୍ୟାସୀ ଯିଏକି ଭାରତର ଯୁବ ସମାଜକୁ ନିଜର ଅସ୍ମିତା ଉପରେ ଗର୍ବ କରିବାକୁ ଶିଖାଇଥିଲେ। ସେ ପୁଣି କହିଥିଲେ ଆଜି ଆମେ ବିବେକାନନ୍ଦଙ୍କ ଜନ୍ମ ଦିବସକୁ ଯୁବ ଦିବସ ଭାବେ ପାଳନ କରୁଛୁ । ଆମର ଯୁବ ସମାଜ ଯେତେ ଉନ୍ନତି କରୁ, ଯେତେ ସଫଳ ହେଉ ଜଣେ ଭାରତୀୟ ଭାବରେ ପ୍ରଥମେ ଗର୍ବ ଅନୁଭବ କରିବା ଏବଂ ଭାରତୀୟ ଭାଷା, ସାହିତ୍ୟ, ସଂସ୍କୃତି ଓ ଦର୍ଶନ ତତ୍ତ୍ୱକୁ ଜାଣିବା ଓ ଏହାର ପ୍ରଚାର ପ୍ରସାର କରିବା ଆବଶ୍ୟକ।

ମୁଖ୍ୟମନ୍ତ୍ରୀ କହିଥିଲେ ସ୍ୱାମୀ ବିବେକାନନ୍ଦଙ୍କର ଚିକାଗୋ ଧାର୍ମିକ ସଭାରେ ଅଭିଭାଷଣ ଏକ ନୂଆ ଇତିହାସ ସୃଷ୍ଟି କରିଥିଲା । ଏହା ମାଧ୍ୟମରେ ଭାରତର ଧାର୍ମିକ ଓ ଦର୍ଶନ ତତ୍ତ୍ୱ ସମ୍ପର୍କରେ ବିଶ୍ୱ ଦୃଷ୍ଟିକୋଣରେ ପରିବର୍ତ୍ତନ ଆସିଥିଲା ଏବଂ ଆମେ ଆମ ଧାର୍ମିକ ଓ ଦର୍ଶନ ତତ୍ତ୍ୱର ମହତ୍ତ୍ୱକୁ ବୁଝିଥିଲୁ । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡିଶା ଗଠନ ପାଇଁ ଆମର ଲକ୍ଷ୍ୟ ରହିଛି । ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଯୁବ ସମାଜର ରହିବ। ଯୁବ ସମାଜକୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଆମ ଦେଶ ତଥା ରାଜ୍ୟର ଅର୍ଥନୈତିକ ସମୃଦ୍ଧି ପାଇଁ ଉଦ୍ୟମ କରିବା ସହିତ ଆମ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଚିନ୍ତାଧାରାକୁ ବିଶ୍ୱ ସ୍ତରରେ ପ୍ରତିଷ୍ଠିତ କରିବା ପାଇଁ ଆସନ୍ତୁ ଏହି ଦିବସ ଅବସରରେ ସଂକଳ୍ପନେବା। ଅନ୍ୟତମ ଅତିଥି ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ କହିଥିଲେ ଯେ ସ୍ୱାମୀ ବିବେକାନନ୍ଦ ଭାରତୀୟ ଯୁବ ସମାଜ ପାଇଁ ଅଦ୍ୱିତୀୟ ପ୍ରେରଣା। ସ୍ୱାମୀ ବିବେକାନନ୍ଦ ଭାରତବର୍ଷର ଆତ୍ମାକୁ ଜାଗ୍ରତ କରିଥିଲେ। ଭାରତବର୍ଷକୁ ନେଇ ସ୍ୱାମୀଜୀଙ୍କ ଅଭିମାନ ଓ ସ୍ୱାଭିମାନ ଥିଲା ଅତୁଳନୀୟ। ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସ୍ୱାମୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କମ୍ ବୟସରୁ ନିଜର ଲକ୍ଷ୍ୟ ନିର୍ଦ୍ଧାରଣ କରିବା ପାଇଁ ପରାମର୍ଶ ଦେଇ ସେ କହିଥିଲେ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଯଦି ଆମେ ଅନୁପାଳନ କରିବା ତେବେ ଆମ ଜୀବନରେ ବହୁତ ବଡ ପରିବର୍ତ୍ତନ ଆସିବ । ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ କହିଛନ୍ତି ଯେ ସ୍ୱାମୀ ବିବେକାନନ୍ଦ ଥିଲେ ଭାରତୀୟ ଯୁବ ସମାଜର ପ୍ରତୀକ। ଚିକାଗୋରେ ସ୍ୱାମୀଜୀଙ୍କ ୩ ମିନିଟର ବକ୍ତବ୍ୟ ତାଙ୍କୁ ବିଶ୍ୱବିଖ୍ୟାତ କରିଦେଇଥିଲା। ଭାରତର ଯୁବ ନେତୃତ୍ୱକୁ ସେ ପ୍ରତିପାଦିତ କରିଥିଲେ ଚିକାଗୋରେ। ଆମ ଭାରତୀୟମାନଙ୍କ ଚିନ୍ତାଧାରା ହେଉଛି ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରୀୟସୀ। ଆଜିର ଦିବସ ହେଉଛି ଏ ଦେଶକୁ ବିଶ୍ୱ ମାନଚିତ୍ରରେ ଶ୍ରେଷ୍ଠ ଦେଶ କରିବା ପାଇଁ ସଂକଳ୍ପବଦ୍ଧ ହେବାର ଦିବସ। ମୋ ଦେଶ ବିଶ୍ୱର ସର୍ବଶ୍ରେଷ୍ଠ ରାଷ୍ଟ୍ର ହେବ ଏହି ଚିନ୍ତାଧାରା ନେଇ ଆମକୁ ଆଗକୁ ବଢିବାକୁ ପଡ଼ିବ ବୋଲି ସେ କହିଥିଲେ। ରାମକୃଷ୍ଣ ମିଶନର ସମ୍ପାଦକ ତଥା ଅଧ୍ୟକ୍ଷ ସ୍ୱାମୀ ଆତ୍ମା ପ୍ରଭାନନ୍ଦଜୀ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ବ୍ରଜ କିଶୋର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଦେବଯୁଗ ପରିବାରର ଉଦ୍‌ଘାଟନୀ ସମାରୋହ



**ଭୁବନେଶ୍ୱର,୧୨।୧(ସଂଚାର ବ୍ୟୁରୋ):** ସ୍ଥାନୀୟ ହୋଟେଲ୍ ଆଇଟିସି ଫର୍ଚ୍ଚୁନ୍‌ରେ ଆଜି ଦେବଯୁଗ ପରିବାରର ଉଦ୍‌ଘାଟନୀ ସମାରୋହ ଆରମ୍ଭ ହୋଇଥିବା ବେଳେ ଏଥିରେ ଦେବଯୁଗ ପରିବାର ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ନାୟକ ଓ ତାଙ୍କ ସହଯୋଗୀ ପରାମର୍ଶଦାତା ଡକ୍ଟର୍ ପୃଥ୍ୱୀରାଜ ଆଚାର୍ଯ୍ୟ ବେରୋଜଗାର ଯୁବଗୋଷ୍ଠୀ ଓ ବ୍ୟବସାୟ ଆଶା ରଖିଥିବା ବ୍ୟକ୍ତିମାନଙ୍କୁ ଜଣେ ଜଣେ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରିବା ଦିଗରେ ପରାମର୍ଶ ଦେବା ସହ ସେମାନଙ୍କ ମାର୍ଗଦର୍ଶନ କରାଇଛନ୍ତି। ସମାଜରେ ଏପରି ଅନେକ ବେରୋଜଗାର ଓ ବ୍ୟାବସାୟିକ ଉଚ୍ଚାଭିଳାଷୀ ବ୍ୟକ୍ତି ଅଛନ୍ତି ଯେଉଁମାନେ ନିଜ ସ୍ୱପ୍ନ ପୂରଣ ପାଇଁ ସଠିକ ପରିସର ବା ଉପଯୁକ୍ତ ପ୍ଲାଟଫର୍ମ ପାଇପାରୁନାହାନ୍ତି। ସେମାନଙ୍କୁ ଦିଗ୍‌ଦର୍ଶନ ଦେବା ସକାଶେ ଦେବଯୁଗ୍ ପରିବାର ଲିମିଟେଡ୍ କାମ କରୁଛି। ଏହି ସଂଗଠନ ଗଠନ ଦିଗରେ ବିଶିଷ୍ଟ ସମାଜସେବୀ ତଥା ପ୍ରତିଷ୍ଠାତା ଦେବବ୍ରତ ନାୟକଙ୍କ ସହ କେତେକ ବିକାଶଶୀଳ ଯୁବକଙ୍କ ପ୍ରମୁଖ ଭୂମିକା ରହିଛି। ଏହି ସଂଗଠନ କେତେକ ନିର୍ଦ୍ଦିଷ୍ଟ ମୌଳିକ ନୀତି ନିୟମ ଓ ନୈତିକ ମୂଲ୍ୟବୋଧ ଉପରେ ଆଧାରିତ। ଉତ୍ସାହୀ ଯୁବକମାନଙ୍କ ଅଂଶଗ୍ରହଣ, ବ୍ୟବସାୟ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ସମସ୍ତଙ୍କ ପାଇଁ ଏକ ଉପଯୁକ୍ତ ପ୍ଲାଟଫର୍ମ ଗଠନ କରି ସବିଶେଷ ତଥ୍ୟ ପ୍ରଦାନ ଓ ପୁଙ୍ଖାନୁପୁଙ୍ଖ ଆଲୋଚନା ମାଧ୍ୟମରେ ରୋଜଗାର ସୃଷ୍ଟି ଦିଗରେ ଦେବଯୁଗ କାର୍ଯ୍ୟ କରୁଛି। ଏକ କୋର୍ କମିଟି ମାଧ୍ୟମରେ ଦେବଯୁଗ ସହ ଜଡିତ ସମସ୍ତ ସଦସ୍ୟଙ୍କ ସଠିକ୍ ମାର୍ଗଦର୍ଶନ କରାଯିବା ସହ ଓ ବ୍ୟବସାୟ ବା ଉଦ୍ୟୋଗରେ ସମାନ ମାଲିକାନାର ଅଧିକାର ଦିଆଯିବ। ଦେବଯୁଗ ସହ ଜଡ଼ିତ ହେବା ସକାଶେ ସଦସ୍ୟମାନେ ସଫ୍ଟୱେୟାର୍ ମାଧ୍ୟମରେ ପଞ୍ଜିକରଣ କରିପାରିବେ। ଯୁବକମାନଙ୍କ ପାଇଁ ପ୍ରେରଣାର ମୂର୍ତ୍ତି ସ୍ୱାମୀ ବିବେକାନନ୍ଦଙ୍କୁ ସମ୍ମାନ ଜଣାଇ ତାଙ୍କର ଜନ୍ମଦିନରେ ଦେବଯୁଗ୍ ପରିବାର ତା'ର ପ୍ରତିଷ୍ଠା ଦିବସ ପାଳନ କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

## ଦୋକାନ ଉପରକୁ ମାଡ଼ିଗଲା କାର୍, ୧ ମୃତ

**ସାଲେପୁର,୧୨।୧(ସଂଚାର ବ୍ୟୁରୋ):** ଦୋକାନ ଉପରକୁ ଏକ କାର୍ ମାଡ଼ିଯିବା ଫଳରେ ଏଥିରେ ଜଣେ ମୃତ୍ୟୁବରଣ କରିଛନ୍ତି। ଏକ ଇଲେକ୍ଟ୍ରି ଖୁଣ୍ଟକୁ ଧକ୍କାଦେଇ ଉକ୍ତ କାର୍‌ଟି ଦୋକାନ ଉପରକୁ ମାଡ଼ିଯିବା ଫଳରେ ଆହୁରି ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ସେମାନଙ୍କୁ କଟକ ବଡ଼ ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି। ସାଲେପୁର ମାହାଙ୍ଗା ଭଦ୍ରେଶ୍ୱର ଥାନା ନାଳିଆପଡ଼ିଆ ନିକଟରେ ଏହି ଦୁର୍ଘଟଣା ଘଟିଛି। କାର୍‌ଟି ଦ୍ରୁତ ଗତିରେ ଆସୁଥିବା ବେଳେ ଅଚାନକ ଡ୍ରାଇଭର୍ ଜଣଙ୍କ ଭାରସାମ୍ୟ ହରାଇବାରୁ ତାହା ରାସ୍ତା କଡ଼ରେ ଥିବା ଏକ ଜଳଖିଆ ଦୋକାନ ଉପରକୁ ମାଡ଼ିଯାଇଥିଲାଫଳରେ ଦୋକାନରେ ଜଳଖିଆ ଖାଉଥିବା ଲୋକେ ମୃତାହତ ହୋଇଛନ୍ତି। ମୃତାହତଙ୍କ ପରିଚୟ ମିଳିପାରି ନଥିବା ବେଳେ କାର୍ ସହ ଡ୍ରାଇଭରଙ୍କୁ ଅଟକ ରଖି ଭଦ୍ରେଶ୍ୱର ପୁଲିସ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ଗହୀରମଥାରେ ଫୁଟିଲା ଗୁଳି
## ୮ ଜଣଙ୍କୁ ଛଡ଼ାଇନେଲେ ମାଛ ମାଫିଆ



**ରାଜନଗର,୧୨।୧(ସଂଚାର ବ୍ୟୁରୋ):** ରାଜନଗର ଗହୀରମଥା ଗଭୀର ସମୁଦ୍ରରେ ବନ ବିଭାଗ ପାଟ୍ରୋଲିଂ ଟିମ୍ ଉପରେ ମାଛ ମାଫିଆଙ୍କ ଆକ୍ରମଣ। ବେଆଇନ ଭାବେ ମାଛ ମାରୁଥିବା ତାରିଣୀ ୩ ଟ୍ରଲର ସହିତ ୯ ମତ୍ସ୍ୟଜୀବୀଙ୍କୁ ବନବିଭାଗ କାବୁ କରି ଆଣୁଥିବା ସମୟରେ ୬ଟି ଟ୍ରଲର ସଂଘବଦ୍ଧ ଭାବେ ଆକ୍ରମଣ କରିବା ସହ ଗୁଳି ଫୁଟାଇ ମାଛ ମାଫିଆମାନେ ୮ ଜଣ ମତ୍ସ୍ୟଜୀବୀଙ୍କୁ ଜୋର୍‌ଜବରଦସ୍ତି ବନ କର୍ମଚାରୀଙ୍କଠାରୁ ଛଡାଇ ନେଇଛନ୍ତି। ବନ ବିଭାଗର ଏକ ପାଟ୍ରୋଲିଂ ଟିମ୍ ଗହୀରମଥା ବାବୁବାଲିଠାରେ ବେଆଇନ ଭାବେ ମାଛ ମାରୁଥିବା ୯ ଜଣ ମତ୍ସ୍ୟଜୀବୀଙ୍କୁ କାବୁ କରି ଟ୍ରଲର ସହ କୂଳକୁ ଫେରୁଥିବା ସମୟରେ ୬ଟି ଟ୍ରଲର ଏକଜୁଟ ହୋଇ ଉକ୍ତ ଟିମ୍‌କୁ ଆକ୍ରମଣ କରିଥିଲା। ଉକ୍ତ ଟ୍ରଲର୍‌ରେ ଥିବା ମାଛ ମାଫିଆମାନେ ବନ ବିଭାଗ ଜବତ କରିଥିବା ୩ ଟ୍ରଲରକୁ ଜୋର୍ ଜବରଦସ୍ତି ଖସାଇନେବାକୁ ଉଦ୍ୟମ କରିଥିଲେ। ଫଳରେ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ। ଏଥିରେ ମାଛ ମାଫିଆମାନେ ଗୁଳି ଫୁଟାଇ ବନ ବିଭାଗ କର୍ମଚାରୀମାନଙ୍କୁ ଭୟଭୀତ କରାଇବା ସହ ଟ୍ରଲର ଛାଡ଼ି ୮ ମତ୍ସ୍ୟଜୀବୀଙ୍କୁ ଖସାଇ ନେବାରେ ସକ୍ଷମ ହୋଇଥିଲେ। ଏହି ଘଟଣାକୁ ବନ ବିଭାଗ ଗୁରୁତର ସହ ନେଇ ଉକ୍ତ ମାଫିଆମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ସୁରକ୍ଷାକୁ କଡାକଡି କରାଯିବ ବୋଲି ରାଜନଗର ବନଖଣ୍ଡ ଅଧିକାରୀ କହିଛନ୍ତି।

## ବିଚାରାଧୀନ କଏଦୀଙ୍କ ମୃତ୍ୟୁ



ହତ୍ୟା ଅଭିଯୋଗ ଆଣିଲା ପରିବାର

**ବାଲେଶ୍ୱର,୧୨।୧(ସଂଚାର ବ୍ୟୁରୋ):** ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଜନୈକ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ପରିବାର ପକ୍ଷରୁ ଏହାକୁ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରାଯାଇଛି। ମୃତ କଏଦୀ ଜଣଙ୍କ ବାଲେଶ୍ୱର ଜିଲ୍ଲା କାରାଗାରରେ ବନ୍ଦୀ ଜୀବନ ବିତାଉଥିଲେ। ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କ ଆଜି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତ କଏଦୀଙ୍କ ନାଁ ଶେଖ ଜମାଲ ଓ ତାଙ୍କ ଘର ସଦର ଥାନା ଅନ୍ତର୍ଗତ ଜୟଦେବ କସବା ଅଞ୍ଚଳରେ। ଏକ ଘରପୋଡ଼ି ମାମଲାରେ ଗତ ୪ ତାରିଖରେ ସଦର ଥାନା ପୁଲିସ ତାଙ୍କୁ ଗିରଫ କରିଥିଲା। ତେବେ ଗିରଫ ପୂର୍ବରୁ ସେ ଅସୁସ୍ଥ ଥିଲେ। ଗିରଫ ପରେ ମଧ୍ୟ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଦୁଇ ଦିନ ଚିକିତ୍ସିତ ହେବା ପରେ ପୁଲିସ ତାଙ୍କୁ ହସ୍ପିଟାଲରୁ ପୁଣି ଜେଲକୁ ନେଇଯାଇଥିଲା। ତେବେ ଜେଲରେ ଥିବା ବେଳେ ଆଜି ହଠାତ୍ ଜମାଲ୍ ପୁଣି ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ମଧ୍ୟାହ୍ନ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ଜମାଲ ପ୍ରାଣ ହରାଇଥିବା ନେଇ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା।

ଏହି ଘଟଣାରେ ଜେଲ୍ କର୍ତ୍ତୃପକ୍ଷ ଅସୁସ୍ଥତା କାରଣରୁ ଜମାଲ ପ୍ରାଣ ହରାଇଥିବା କହୁଥିଲେ ମଧ୍ୟ ପରିବାର ଲୋକେ ଏହାକୁ ସ୍ୱୀକାର କରିନାହାନ୍ତି। ବରଂ ଜେଲ୍‌ରେ ନିର୍ଯାତନା ଦିଆଯାଇଥିବାରୁ ଆଜି ତାଙ୍କ ବାପାଙ୍କ ମୃତ୍ୟୁ ଘଟିଛି ବୋଲି ପୁଅ ଶେଖ୍ ଜାଭେଦ୍ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ଗାଁରେ ଏକ ଝଗଡ଼ା ମାମଲାରେ ବାପାଙ୍କୁ ଫସାଇ ଗିରଫ କରାଯାଇଥିଲା। ସେ ଗାଁର ସର୍ଦ୍ଦାର ଥିବାରୁ ତାଙ୍କୁ ମିଛ କେସ୍‌ରେ ଫସାଇ ପୁଲିସ୍ ଜେଲ ପଠାଇଦେଇଥିଲା। ଜେଲରେ ଦୁଇ ଦିନ ରହିବା ପରେ ସେ ଅସୁସ୍ଥ ହୋଇଯାଇଥିଲେ। ଏହାପରେ ତାଙ୍କୁ ହସ୍ପିଟାଲ ଅଣାଯାଇଥିଲା। ହସ୍ପିଟାଲରେ ସେ ସାମାନ୍ୟ ସୁସ୍ଥ ହେବା ପରେ ଆମକୁ କିଛି ନ କହି ପୁଲିସ୍ ବାପାଙ୍କୁ ପୁଣି ଜେଲକୁ ନେଇଥିଲା। ଆଜି ମଧ୍ୟାହ୍ନରେ ମୋତେ ଫୋନ କରି ବାପାଙ୍କ ଦେହ ଭଲ ନଥିବା କହିଥିଲା। କିନ୍ତୁ ମୁଁ ପହଞ୍ଚିଲା ବେଳକୁ ବାପାଙ୍କ ମୃତ୍ୟୁ ହୋଇସାରିଥିଲା। ବାପାଙ୍କ ନାକ ଫାଟିବା ସହ ମୁହଁ ମଧ୍ୟ ଫୁଲିଯାଇଥିଲା। ତେଣୁ ତାଙ୍କୁ ଜେଲରେ ନିର୍ଯାତନା ଦିଆଯିବା ସହ ମାଡ଼ ମରାଯାଇଛି। ସମ୍ଭବତଃ ଜେଲରେ ହିଁ ମାଡ଼ ଭୟରେ ତାଙ୍କର ହୃଦ୍‌ଘାତ ହୋଇଥିବା ଜାଭେଦ୍ ସନ୍ଦେହ କରିବା ସହ ପୁଲିସ୍ ନାଟକ କରି ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିବା କହିଛନ୍ତି।

# ପଥ ଉତ୍ସବ: ଦୁଲୁକିଲା ଜାଗମରା ନିୟୁ ରୋଡ୍

**ଭୁବନେଶ୍ୱର,୧୨।୧(ସଂଚାର ବ୍ୟୁରୋ):** ଚଳିତବର୍ଷର ଦ୍ୱିତୀୟ ପଥ ଉତ୍ସବ ଆଜି ଆୟୋଜିତ ହୋଇଛି। ନୃତ୍ୟ ଗୀତରେ ଦୁଲୁକିଲା ଜାଗମରା ନିୟୁ ରୋଡ୍ ରାସ୍ତା। ଶୀତୁଆ ସକାଳରେ ମତୁଆଲା ହୋଇଥିଲେ ଭୁବନେଶ୍ୱରବାସୀ। ଖ୍ୟାତନାମା କଣ୍ଠଶିଳ୍ପୀ ସତ୍ୟଜିତଙ୍କ ଗୀତରେ ବିଭୋର ହୋଇଯାଇଥିଲେ ଉପସ୍ଥିତ ଦର୍ଶକ। ଏହାଛଡ଼ା ଦର୍ଶକମାନେ ଅସୀମା ପଣ୍ଡା ଗୀତର ତାଳେ ତାଳେ ଝୁମିଥିଲେ। ସମ୍ବଲପୁରୀ ଓ ଓଡିଶୀ ନୃତ୍ୟର ଛନ୍ଦ ଦେଖିବାକୁ ମିଳିଥିଲା। ଖାଲି ସେତିକି ନୁହେଁ, କମେଡି, ଯୋଗ, ତୀରଚାଳନା, ବାସ୍କେଟବଲ୍, ବ୍ୟାଡ୍‌ମିଣ୍ଟନ, ସ୍ଲାଇଜ୍, ସାପ-ସିଡି ଖେଳ, ବେଲୁନ୍ ସୁଟିଂ, ଏକଚକିଆ ସାଇକେଲ ଚାଳନା, ସାଇକେଲ ଚାଳନା, ପେଣ୍ଟିଂ, ଝୋଟି, ଡ୍ରଇଂ, କ୍ଲେ-ମଡେଲିଂ, ମେହେନ୍ଦୀ ଆଦିର ମଜା ନେଇଛନ୍ତି ମହାନଗର ନିଗମ ବାସିନ୍ଦା। ଏଥରର ବିଶେଷ ଆକର୍ଷଣ ଥିଲା କୁନି କୁନି ପିଲାଙ୍କ ଯୋଗ ଏବଂ ସବୁଠାରୁ ଡେଙ୍ଗା ମଣିଷ ଓ ସ୍କେଟିଂ। ଏଥିସହ ଜୋକରମାନଙ୍କ ସହ ଦର୍ଶକମାନେ ସେଲ୍‌ଫି ନେବାକୁ ବେଶ୍ ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳିଥିଲା। ଏହି ପଥ ଉତ୍ସବରେ ବହୁ ସଂଖ୍ୟାରେ ଯୋଗ ଦେବା ସହ ଶୀତ ଋତୁର ଏହି ମନମୁଗ୍ଧକର ପରିବେଶକୁ ରାଜଧାନୀ ବେଶ୍ ଉପଭୋଗ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନଗର ଉନ୍ନୟନ ମନ୍ତ୍ରୀ ଓ ମେୟରଙ୍କ ବ୍ୟତୀତ ଏକାମ୍ର ବିଧାୟକ ବାବୁ ସିଂ, ସଚିବ ଉଷା ପାଢ଼ୀ, ବିଏମସି କମିଶନର ଏବଂ ଅନ୍ୟାନ୍ୟ ଅଧିକାରୀ ଓ କର୍ପୋରେଟରମାନେ ସାମିଲ ହୋଇଥିଲେ।

### ପ୍ରତିମାସରେ ଆୟୋଜନ ଯୋଜନା

ଏଣିକି ବର୍ଷା ସାରା ହେବ ପଥ ଉତ୍ସବ ଆୟୋଜିତ ହେବାର ସମ୍ଭାବନା ରହିଛି। ଆଜି ରାଜଧାନୀରେ ଆୟୋଜିତ ଚଳିତ ବର୍ଷର ଦ୍ୱିତୀୟ ପଥ ଉତ୍ସବରେ ଯୋଗଦେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ଘୋଷଣା କରିଛନ୍ତି। ତାଙ୍କ ଘୋଷଣା ଅନୁସାରେ, ଏଣିକି ବର୍ଷକୁ ୧୨ଟି ପଥ ଉତ୍ସବର ଆୟୋଜନ କରାଯିବ। ଅର୍ଥାତ ପ୍ରତି ମାସରେ ପଥ ଉତ୍ସବ ଅନୁଷ୍ଠିତ ହେବ। ତେବେ ଏନେଇ ବିଭାଗ ଏବେ ବିଚାରବିମର୍ଶ ଜାରି ରଖିଥିବା ବେଳେ ଖୁବଶୀଘ୍ର ବିଧିବଦ୍ଧ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି। ଆଜି ଭୁବନେଶ୍ୱରରେ ଆୟୋଜିତ ହୋଇଥିବା ଚଳିତ ବର୍ଷର ଦ୍ୱିତୀୟ ପଥ ଉତ୍ସବରେ ଯୋଗଦେଇ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମଧ୍ୟ ସମାନ କଥା ଦୋହରାଇଛନ୍ତି। ବର୍ଷା ଋତୁର ୩ ମାସକୁ ଛାଡ଼ି ଅନ୍ୟ ମାସଗୁଡିକରେ ପଥ ଉତ୍ସବ କରାଯିବ ବୋଲି ମେୟର କହିଛନ୍ତି।







Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ରାଜ କରୁଛି ପ୍ରଥମ ସିଏନ୍‌ଜି ବାଇକ୍



**ଭୁବନେଶ୍ୱର,୧୨।୧(ସଞ୍ଚାର ବ୍ୟୁରୋ):** ଟୁ-ହ୍ୱିଲର୍ ସେଗମେଣ୍ଟରେ ବଜାଜ୍ ଫ୍ରିଡମ୍ ୧୨୫ ହେଉଛି ଏକମାତ୍ର ସିଏନ୍‌ଜି ମୋଟରସାଇକେଲ୍, ଏହା ଲଞ୍ଚ ହେବାର ପ୍ରାୟ ୬ ମାସ ହୋଇଗଲାଣି। ଏହି ବାଇକ୍ ବିକ୍ରିରେ କ୍ରମାଗତ ବୃଦ୍ଧି ଦେଖିବାକୁ ମିଳୁଛି । କମ୍ପାନୀ ଅନୁଯାୟୀ ଏପର୍ଯ୍ୟନ୍ତ ୪୦ ହଜାରରୁ ଅଧିକ ୟୁନିଟ୍ ବିକ୍ରି ହୋଇସାରିଛି । ବଜାଜ ଅଟୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କହିଛନ୍ତି ଯେ ବଜାଜ ସିଏନ୍‌ଜି ବାଇକ୍ ବହୁତ ଭଲ ଆରମ୍ଭ କରିଛି । ଅଗଷ୍ଟରେ ସପ୍ଲାଏ ଆରମ୍ଭ ହେବା ପରେ ବାଇକରେ ଭଲ ରିଟେଲ ସେଲ ଦେଖିବାକୁ ମିଳିଛି ।

କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଅନୁଯାୟୀ, ଏହା କେବଳ ଗ୍ରାହକଙ୍କ ଇନ୍ଧନ ମୂଲ୍ୟ ସଞ୍ଚୟ କରେ ନାହିଁ ବରଂ ବାୟୋ ଇନ୍ଧନ ସାହାଯ୍ୟରେ ୩୦୦ + କିଲୋମିଟର ଦୂରତା ମଧ୍ୟ ନିଶ୍ଚିତ କରେ । ବଜାଜ ଫ୍ରିଡମ୍ ବାଇକରେ ଏକ ଶକ୍ତିଶାଳୀ ୧୨୫CC ଇଞ୍ଜିନ୍ ଅଛି, ଯାହା ଉନ୍ନତ ଶକ୍ତି ସହିତ ଅତୁଳନୀୟ ମାଇଲେଜ୍ ମଧ୍ୟ ଦେଇଥାଏ । ଏହାର ଡିଜାଇନ୍ ଅତ୍ୟନ୍ତ ଆକର୍ଷଣୀୟ ଏବଂ ଏହା ଯୁବପିଢ଼ି ଏବଂ ପରିବାରକୁ ଧ୍ୟାନରେ ରଖି ଡିଜାଇନ୍ କରାଯାଇଛି ।ଏହି ବାଇକରେ ଆପଣ ଡିଜିଟାଲ୍ ଡିସପ୍ଲେ, ଏଲଇଡି ଲାଇଟ୍ ଏବଂ ଆରାମଦାୟକ ବସିବା ଭଳି ଅନେକ ଫିଚର୍ସ ପାଇପାରିବେ । ଏହି ଆରାମଦାୟକ ଆସନ ଏହା ଆପଣଙ୍କ ପାଇଁ ଏହି ବାଇକକୁ ଏକ ବେଷ୍ଟ ଅପ୍ସନ୍ କରିଥାଏ । ଏହି ବାଇକକୁ ମଧ୍ୟ ବହୁତ ପସନ୍ଦ କରାଯାଉଛି କାରଣ ଏହା ସୁଲଭ ମୂଲ୍ୟରେ ଲଞ୍ଚ କରାଯାଇଛି । ଏହି ବାଇକ୍ ବିଷୟରେ କମ୍ପାନୀ ଦାବି କରିଛି ଯେ ଏହି ବାଇକ୍ ଲିଟର ପିଛା ୬୦-୬୫ କିଲୋମିଟର ମାଇଲେଜ୍ ଦେଇଥାଏ, ଯାହା ଇନ୍ଧନ ବ୍ୟବହାର ଦୃଷ୍ଟିରୁ ଏହାକୁ ସୁଲଭ କରିଥାଏ ।

ଏହି ବାଇକରେ ଡିଜିଟାଲ୍ ଡିସପ୍ଲେ, ଏଲଇଡି ଲାଇଟ୍ ଏବଂ ଆରାମଦାୟକ ବସିବାର ସୁବିଧା ରହିଛି, ଯାହାକି ଦୀର୍ଘ ଦୂରତା ପାଇଁ ବହୁତ ଭଲ ହୋଇଥାଏ। ଏହା ପେଟ୍ରୋଲ ମୋଡରେ ୧୩୦ କିଲୋମିଟର ରେଞ୍ଜ ଦେଇଥାଏ । କମ୍ପାନୀ ଦାବି କରିଛି ଯେ ଏହି ଉଭୟ ଇନ୍ଧନ ଏକତ୍ର ୩୩୦ କିଲୋମିଟର ପର୍ଯ୍ୟନ୍ତ ମୋଟ ମାଇଲେଜ୍ ଦେଇଥାଏ । ଏହା ସହିତ, ଆପଣ ବନ୍ଦ ନକରି କମ୍ ଇନ୍ଧନ ବ୍ୟବହାର ସହିତ ଦୀର୍ଘ ଦୂରତା ଯାତ୍ରା କରିପାରିବେ, କିନ୍ତୁ ସିଏନ୍‌ଜି ଅପ୍ସନ ସହିତ, ଏହା ଆପଣଙ୍କ ପାଇଁ ସୁଲଭ ମଧ୍ୟ ହେବ।

# ବିବାହ ଋତୁରେ ଚିନ୍ତା ବଢାଉଛି ସୁନାଦର
## ୨୪ କ୍ୟାରେଟ୍ ସୁନା ୭୯ ହଜାର ପାର୍



ଭୁବନେଶ୍ୱର,୧୨।୧(ସଞ୍ଚାର ବ୍ୟୁରୋ) : ବିବାହ ଋତୁରେ ସୁନାଦର ଦେଖି ଡର ଲାଗିଲାଣି। ଆଜି ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନାର ମୂଲ୍ୟ ଦଶଗ୍ରାମ ପିଛା ୭୯ହଜାରରୁ ଅଧିକ ରହିଛି। ସୁନାଦର ବୃଦ୍ଧି ପଛରେ ଅନେକ କାରଣ ରହିଛି। ଆଗକୁ ବି ଦର ବଢ଼ିବା ଅନୁମାନ କରିଛନ୍ତି ବିଶେଷଜ୍ଞ। ବିବାହ ଋତୁରେ ସୁନାଦର ଦେଖି ଡର ଲାଗିଲାଣି । ଆଜି ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନାର ମୂଲ୍ୟ ଦଶଗ୍ରାମ ପିଛା ୭୯ହଜାରରୁ ଅଧିକ ରହିଛି । ସୁନାଦର ବୃଦ୍ଧି ପଛରେ ଅନେକ କାରଣ ରହିଛି । ଆଗକୁ ବି ଦର ବଢ଼ିବା ଅନୁମାନ କରିଛନ୍ତି ବିଶେଷଜ୍ଞ। ବିବାହ ଋତୁରେ ଚିନ୍ତା ବଢାଇଛି ସୁନା ଦର। କମିବାର ନାଁ ନେଉନି, ଦିନକୁ ଦିନ ଦର ବଢ଼ିବାରେ ଲାଗିଛି। ସୁନା ଦରରେ ବୃଦ୍ଧି ଗ୍ରାହକଙ୍କୁ ଚିନ୍ତାରେ ପକାଇଛି। ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନା ଦର ୭୩ ହଜାର ରହିଥିବା ବେଳେ ୨୪ କ୍ୟାରେଟ୍ ସୁନାର ଦର ରହିଛି ୭୯ ହଜାର ୬ ଶହ ଟଙ୍କା। କେବଳ ଭୁବନେଶ୍ୱର ନୁହଁ ରାଜ୍ୟର ବିଭିନ୍ନ ସ୍ଥାନରେ ସୁନା ଦରରେ ବୃଦ୍ଧି ହୋଇଛି। ସୁନା ଦର ବୃଦ୍ଧ ପକେଟ ଉପରେ ପ୍ରଭାବ ପକାଉଛି । ତେବେ କାହିଁକି ବଢ଼ୁଛି ସୁନା ଦର । ଅର୍ଥନୀତି ବିଶେଷଜ୍ଞଙ୍କ ମତରେ ସୁନା ଦର ବୃଦ୍ଧିର କାରଣ ଡଲାର ତୁଳନାରେ ଦୁର୍ବଳ ହେଉଛି ଟଙ୍କା। ଅନ୍ତର୍ଜାତୀୟ ବଜାରରେ ଅସ୍ଥିରତା। ଭାରତରେ ସୁନାର ଚାହିଦା ବଢ଼ୁଛି। ସେୟାର ବଜାର ହ୍ରାସ, ସୁନା ଉପରେ ନିବେଶକଙ୍କ ଭରସା । ଋଷ ସହ ୟୁକ୍ରେନ ଓ ହମାସ ସହ ଇସ୍ରାଲର ଯୁଦ୍ଧର ପ୍ରଭାବ । ବର୍ତ୍ତମାନ ସୁନା ଦର ବଢ଼ିବାରେ ଲାଗିଛି । ୨୦୨୦୫ ଶେଷ ସୁଦ୍ଧା ସୁନା ଦର ୧୦ ଗ୍ରାମ ପିଛା ୯୦ ହଜାର ଅତିକ୍ରମ କରିପାରେ ବୋଲି ବିଶେଷଜ୍ଞ ଆକଳନ କଲେଣି ।

## ଗେମିଂ କମ୍ପାନୀକୁ ଜିଏସ୍‌ଟି ନୋଟିସ ଉପରେ ଲାଗିଲା ରୋକ

**ନୂଆଦିଲ୍ଲୀ,୧୨।୧:** ସୁପ୍ରିମକୋର୍ଟ ଅନଲାଇନ୍ ଗେମିଂ କମ୍ପାନୀଗୁଡ଼ିକ ଉପରେ ଜିଏସ୍‌ଟି ପାଇଁ ଜାରି କରାଯାଇଥିବା ୧.୧୨ ଲକ୍ଷ କୋଟି ଟଙ୍କାର କାରଣ ଦର୍ଶାଅ ନୋଟିସକୁ ସ୍ଥଗିତ ରଖିଛନ୍ତି। ନିର୍ଦ୍ଦିଷ୍ଟ ସମାଧାନ ନହେବା ପର୍ଯ୍ୟନ୍ତ ଜିଏସ୍‌ଟି ନୋଟିସ ଉପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସ୍ଥଗିତ ରଖାଯିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷ ଏବଂ ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ସାତ ମାସକୁ ନେଇ ଏହି ମାମଲା ହୋଇଛି। ଅନଲାଇନ୍ ଗେମିଂ କମ୍ପାନୀଗୁଡ଼ିକ କହିଛନ୍ତି ଯେ ୧ ଅକ୍ଟୋବର, ୨୦୨୩ ପର୍ଯ୍ୟନ୍ତ ୨୮% ପରିବର୍ତ୍ତେ ୧୮% ହାରରେ ଜିଏସ୍‌ଟି ଲାଗୁ କରାଯିବା ଉଚିତ। କାରଣ ୨୮% ହାରରେ ଟିକସ ନିୟମ ୧ ଅକ୍ଟୋବରରୁ କାର୍ଯ୍ୟକାରୀ ହେବାର ଥିଲା। ହେଲେ ସରକାର କହିଛନ୍ତି ଯେ ଅକ୍ଟୋବର ୧ ରେ କରାଯାଇଥିବା ସଂଶୋଧନ ପୂର୍ବରୁ ବଳବତ୍ତର ଆଇନର ସ୍ପଷ୍ଟୀକରଣ ଥିଲା। ଗେମିଂ କମ୍ପାନୀଗୁଡ଼ିକ ସହ ଜଡିତ ମାମଲାଗୁଡ଼ିକୁ ଏକାଠି କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ରାଜ୍ ଇଲେକ୍ଟ୍ରୋନିକ୍ସରେ ଏସି ମହା ସଞ୍ଚୟ ସେଲ୍

ଭୁବନେଶ୍ୱର,୧୨।୧,(ଅନୁରାଧା ମହାରଣା): ରାଜ୍ ଇଲେକ୍ଟ୍ରୋନିକ୍ସ ପକ୍ଷରୁ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର(ଏସି) ମହା ସଞ୍ଚୟ ସେଲ୍ ଘୋଷଣା କରାଯାଇଛି। ଖରାଦିନ ଆରମ୍ଭ ହେଲେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ମୂଲ୍ୟରେ ବୃଦ୍ଧିର ପ୍ରଭାବ ପଡ଼ିବା ସମ୍ଭାବନା ରହିଥିବାବେଳେ ବର୍ତ୍ତମାନଠାରୁ ଏସିର ଚାହିଦା ବୃଦ୍ଧି ପାଇବା ଆରମ୍ଭ ହୋଇଯାଇଛି। ମାର୍ଚ୍ଚ ଶେଷ ବେଳକୁ ମୂଲ୍ୟ ୧୫ରୁ ୨୦% ପର୍ଯ୍ୟନ୍ତ ବଢ଼ିଯିବ ବୋଲି ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ମାର୍କେଟରେ କପର, ଆଲୁମିନିୟମର ମୂଲ୍ୟ ଉଲ୍ଲେଖନୀୟ ଭାବେ ବଢ଼ିବା ସହ କଞ୍ଚାମାଲର ମୂଲ୍ୟ ବଢ଼ିବା ଓ ପେଣ୍ଟ୍ ପ୍ଲାଷ୍ଟିକ୍ ଭଳି ଉତ୍ପାଦ ପ୍ରତ୍ୟକ୍ଷ ଭାବେ ମୂଲ୍ୟ ବୃଦ୍ଧି ହୋଇଛି। ଏହାର ପ୍ରଭାବ ମଧ୍ୟ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ଉତ୍ପାଦ ଉପରେ ଦେଖିବାକୁ ମିଳୁଛି। ଏହି ବର୍ଷ ଏସି ଷ୍ଟାର ରେଟିଂ ପରିବର୍ତ୍ତନ ହେବାକୁ ଯାଉଥିବାରୁ କମ୍ପାନୀର ଉତ୍ପାଦନ ଖର୍ଚ୍ଚ ବଢ଼ିବାର ପ୍ରଭାବ ଉପଭୋକ୍ତାଙ୍କ ଉପରେ ପଡ଼ିବାକୁ ଯାଉଛି। ଏହି ଦରବୃଦ୍ଧି ସମୟରେ ରାଜ୍ ଇଲେକ୍ଟ୍ରୋନିକ୍ସ ଗ୍ରାହକଙ୍କୁ କମ୍ ମୂଲ୍ୟରେ ଏସି ଯୋଗାଇଦେବା ପାଇଁ ମହାସେଲ୍ ଘୋଷଣା କରିଛି। ବିଭିନ୍ନ କମ୍ପାନୀର ଏସିରେ ଭରପୂର ଶୋ'ରୁମ୍‌ରୁ ଗ୍ରାହକମାନେ କିଣିବାର ସୁଯୋଗ ପାଇବେ । ନଗଦ ଭାବେ ନ ଦେଇ ସବୁଠୁ କମ୍ ଡାଉନ୍‌ମେଣ୍ଟରେ ୦% ସୁଧ ଓ ସହଜ କିସ୍ତିରେ ଗ୍ରାହକମାନେ ଏସି କିଣିବାର ଲାଭ ଏବେ ନେଇପାରିବେ। ଏହି ପରିପ୍ରେକ୍ଷୀରେ ରାଜ୍ ଇଲେକ୍ଟ୍ରୋନିକ୍ସ ପକ୍ଷରୁ ପ୍ରକାଶ କୁମାର ବିଶାଳ କୁହନ୍ତି, ଏସି ଏକ ଦୀର୍ଘସ୍ଥାୟୀ ଉପଭୋକ୍ତା ସାମଗ୍ରୀ । ତେଣୁ ଖରାଦିନ ଆସିବା ପୂର୍ବରୁ ଗ୍ରାହକମାନେ ବର୍ତ୍ତମାନ ମୂଲ୍ୟରେ ଏସି କିଣି ଘରେ ଲଗାଇବ ସହ ଖରାଦିନେ ତାତିରୁ ଆରାମ ପାଇପାରିବେ ବୋଲି ସେ ମତ ଦେଇଛନ୍ତି। ରାଜ୍ ଇଲେକ୍ଟ୍ରୋନିକ୍ସ କେଉଁ ଘର ପାଇଁ କି ପ୍ରକାର ଏସି ଆବଶ୍ୟକ ସେ ସମ୍ପର୍କରେ ମଧ୍ୟ ଗ୍ରାହକଙ୍କୁ ଶୋ'ରୁମ୍‌ରେ ଅଭିଜ୍ଞ ସେଲ୍‌ସମ୍ୟାନ୍ ସଚେତନ କରାଉଛନ୍ତି। ତେଣୁ ଦରବୃଦ୍ଧିକୁ ଅପେକ୍ଷା ନ କରି ଗ୍ରାହକମାନେ ଏବେ ରାଜ୍ ଇଲେକ୍ଟ୍ରୋନିକ୍ସରୁ ସୁଲଭ ମୂଲ୍ୟରେ ସବୁ ନାମୀଦାମୀ ବ୍ରାଣ୍ଡର ଏସି କିଣିବାର ସୁଯୋଗ ନେବେ ବୋଲି ବିଶ୍ୱାଳ ଆଶାବ୍ୟକ୍ତ କରିଛନ୍ତି ।

THINK BIG.THINK RAJ
RAJ ELECTRONICS
The one and only house hold name in every family of Odisha since 46 years.

# ଆଜିର ପେଟ୍ରୋଲ ଓ ଡିଜେଲ ଦର



ଭୁବନେଶ୍ୱର,୧୨।୧(ସଞ୍ଚାର ବ୍ୟୁରୋ) : ଆଜି ସାରା ଦେଶର ପେଟ୍ରୋଲ ଡିଜେଲର ନୂଆ ମୂଲ୍ୟ ପ୍ରକାଶ ପାଇଛି । କିଛି ସ୍ଥାନରେ ଦର ହ୍ରାସ ପାଇଥିବା ବେଳେ ଆଉ କିଛି ସ୍ଥାନରେ ଦର ସ୍ଥିର ରହିଛି । ଆସନ୍ତୁ ଜାଣିବା କେଉଁ ସହରର କେତେ ରହିଛି ଡିଜେଲ-ପେଟ୍ରୋଲ୍ ମୂଲ୍ୟ ? ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୦. ୯୪ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୨ ପଇସା ରହିଛି । ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି । ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୭୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି । ପେଟ୍ରୋଲ ଏବଂ ଡିଜେଲ ଦାମ୍ ଆପଣ SMS ମାଧ୍ୟମରେ ମଧ୍ୟ ଜାଣିପାରିବେ । ଇଣ୍ଡିଆନ ଅଏଲ ୱେବସାଇଟ ଅନୁଯାୟୀ ଆପଣଙ୍କୁ ଏବଂ ନିଜ ସହରର କୋଡ୍ ଲେଖି ୯୨୨୪୯୯୨୨୪୯ ନମ୍ବରକୁ ପଠାଇବାକୁ ହେବ । ପ୍ରତି ସହରର କୋଡ୍ ଅଲଗା ଅଲଗା ରହିଥାଏ । ଯାହା ଆପଣଙ୍କୁ ଆଇସିଓଏଲ ୱେବସାଇଟରୁ ମିଳିଯିବ । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ । ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ । ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ ।

# ଓଏସ୍‌ଏସ୍‌ସିରେ ୬୦୦୦ରୁ ଅଧିକ ଶିକ୍ଷକ ପଦବୀ ଖାଲି

ଭୁବନେଶ୍ୱର,୧୨।୧(ସଞ୍ଚାର ବ୍ୟୁରୋ) : ଓଡିଶା ଯୁବପିଢିଙ୍କ ପାଇଁ ଖୁସି ଖବର । ଓଏସଏସସି ପକ୍ଷରୁ ଗ୍ରୁପ ଏ ଏବଂ ଗ୍ରୁପ ବି ଅଧିନରେ ଲିଭ ଟ୍ରେନିଂ ରିଜର୍ଭ ପାଇଁ ୬ ହଜାରରୁ ଅଧିକ ପଦବୀ ଖାଲି ପଡିଛି। ଯୋଗ୍ୟ ଏବଂ ଇଚ୍ଛୁକ ପ୍ରାର୍ଥୀ ଅଫିସିଆଲ ସାଇଟକୁ ଯାଇ ଅନଲାଇନ ଆବେଦନ କରିପାରିବେ । ଆବେଦନ କରିବାର ଶେଷ ତାରିଖ ୮ ଫେବଆରୀ ରହିଛି । ଆବେଦନ ଫର୍ମରେ ତ୍ରୁଟି ଥିଲେ ୧୦ ଫେବଆରୀ ମଧ୍ୟରେ ସଂଶୋଧନ କରିପାରିବେ ।

ପଦବୀ ବିବରଣୀ : ୬୦୨୫। ମହିଳା : ୧୦୮୮। ଟିଜିଟି ଆର୍ଟସ : ୧୪୮୮। ଟିଜିଟି ଓଡିଆ : ୪୯୬। ଟିଜିଟି ସାଇନ୍ସ ପିସିଏମ : ୧୦୨୦। ଟିଜିଟି ସାଇନ୍ସ ସିବିଜେଡ: ୮୮୦। ହିନ୍ଦୀ ଟିଚର : ୭୧୧। ସଂସ୍କୃତ ଟିଚର: ୭୨୯। ତେଲୁଗୁ ଟିଚର : ୬। ଉର୍ଦ୍ଦୁ : ୧୪। ପିଇଟି : ୬୮୧। ଜରୁରୀ ତାରିଖ : ଇଚ୍ଛୁକ ପ୍ରାର୍ଥୀ ୮ ଫେବଆରୀ ପର୍ଯ୍ୟନ୍ତ ଆବେଦନ କରିପାରିବେ । ଆବେଦନ ଫର୍ମରେ ତ୍ରୁଟି ଥିଲେ ୧୦ ଫେବଆରୀ ମଧ୍ୟରେ ସଂଶୋଧନ କରିପାରିବେ ।

ଆବେଦନ ଶୁଳ୍କ : ଇଚ୍ଛୁକ ପ୍ରାର୍ଥୀଙ୍କୁ କୌଣସି ଆବେଦନ ଶୁଳ୍କ ଦେବାକୁ ପଡିବ ନାହିଁ ।ଚୟନ ପ୍ରକ୍ରିୟା : ପ୍ରାର୍ଥୀଙ୍କ ଚୟନ ପ୍ରାରମ୍ଭିକ ପରୀକ୍ଷା, ମୁଖ୍ୟ ପରୀକ୍ଷା ଏବଂ ଡକ୍ୟୁମେଣ୍ଟ ଭେରିଫିକେସନ ଜରିଆରେ ହେବ । ଦରମା : ଚୟନିତ ଗ୍ରୁପ ସି ପଦବୀ ପାଇଁ ୨୯,୨୦୦ ଟଙ୍କା ମାସକୁ ଦରମା ମିଳିବ । ସେହିପରି ଅନ୍ୟମାନଙ୍କୁ ମାସକୁ ୩୫,୪୦୦ ଟଙ୍କା ଦେବାକୁ ହେବ ।


କେମିତି କରିବେ ଆବେଦନ : ପ୍ରଥମେ ଅଫିସିଆଲ ସାଇଟକୁ ଯିବାକୁ ହେବ। ଏହାପରେ OSSC LTR Teacher Recruitment 2025 ଲିଙ୍କକୁ ଯାଆନ୍ତୁ । ଏହାପରେ ଇମେଲ ଆଇଡି ଏବଂ ଫୋନ ନମ୍ବର ଦେଇ ରେଜିଷ୍ଟ୍ରେର କରନ୍ତୁ । ରେଜିଷ୍ଟ୍ରେସନ ପରେ କ୍ରେଡିନ୍ସିଆଲ ସହିତ ଲଗଇନ୍ କରନ୍ତୁ । ଆବେଦନ ଫର୍ମ ଭରିବା ପରେ ବ୍ୟକ୍ତିଗତ ସୂଚନା ଦେଇ ବିବରଣୀ ଭରନ୍ତୁ । ପାସପୋର୍ଟ ସାଇଜ ଫଟୋ ଏବଂ ସାଇନ ସହିତ ଡକ୍ୟୁମେଣ୍ଟ ଅପଲୋଡ କରନ୍ତୁ। ଆବେଦନ ଶୁଳ୍କ ଅନଲାଇନରେ ଭରିବା ପରେ ଫର୍ମକୁ ସବମିଟ୍ କରନ୍ତୁ । ଏହାସହିତ ଶେଷରେ ଏକ ପ୍ରିଣ୍ଟଆଉଟ୍ କାଢି ରଖନ୍ତୁ ।

## ଗେମ୍ ଚେଞ୍ଜର-ଡ. ଅର୍ଥୋ ବୁଝାମଣା




ନୂଆଦିଲ୍ଲୀ,୧୨।୧: ଦେଶର ଅଗ୍ରଣୀ ଆୟୁର୍ବେଦିକ୍ କମ୍ପାନୀ ତଥା ଦିଭିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରମୁଖ ବ୍ରାଣ୍ଡ୍ ଡା. ଅର୍ଥୋ ଏବଂ ବଲିଉଡ୍ ଫିଲ୍ମ 'ଗେମ୍ ଚେଞ୍ଜର' ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଏହି ରାଜନୈତିକ ଆକ୍ସନ ଥ୍ରୀଲର ଚଳଚ୍ଚିତ୍ରକୁ ଜଣାଶୁଣା ଫିଲ୍ମ ନିର୍ଦ୍ଦେଶକ ଏସ୍. ଶଙ୍କରଙ୍କ ନିର୍ଦ୍ଦେଶିତ 'ଗେମ୍ ଚେଞ୍ଜର'ରେ ଅଭିନେତା ରାମଚରଣ ଦ୍ୱୈତ ଭୂମିକା ନିର୍ବାହ କରିଥିବାବେଳେ କିଆରା ଆଡଭାନୀ, ଅଞ୍ଜଳି ଏବଂ ପ୍ରକାଶ ରାଜ୍‌ଙ୍କ ଭଳି ଅଭିଜ୍ଞ କଳାକାର ଏଥିରେ ସୁନ୍ଦର ଅଭିନୟ କରିଛନ୍ତି। ସେହିଭଳି ଏହି ଚଳଚ୍ଚିତ୍ରର ପ୍ରଚାରପ୍ରସାର ସହ ବ୍ରାଣ୍ଡ୍‌ର ପ୍ରଚାର ମଧ୍ୟ ଗେମ୍ ଚେଞ୍ଜର ଜରିଆରେ ହୋଇପାରିବ ବୋଲି ବ୍ରାଣ୍ଡ୍ ପକ୍ଷରୁ କୁହାଯାଇଛି। ବିଶେଷ କରି ଚଳଚ୍ଚିତ୍ରର ମୁଖ୍ୟ କଳାକାର ରାମଚରଣଙ୍କ ବଳିଷ୍ଠ ଅଭିନୟ ଏବଂ ଗେମ୍ ଚେଞ୍ଜର ଟିମ୍‌ର ବଳିଷ୍ଠ ସହଯୋଗ ବଳରେ ଫିଲ୍ମଟି ବେଶ୍ ସଫଳ ହୋଇପାରିଛି। ଏ ସମ୍ପର୍କରେ ଦିଭିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ତଥା ଉଦ୍ୟୋଗୀ ଓ ନିବେଶକ ଡ. ସଞ୍ଜୀବ ଜୁନେଜା କହିଥିଲେ, ଆମେ ବଲିଉଡ୍ ଫିଲ୍ମ 'ଗେମ୍ ଚେଞ୍ଜର' ସହ ସାମିଲହୋଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହାର ସଫଳତା ପାଇଁ ମଧ୍ୟ ଶୁଭେଚ୍ଛା ଜଣାଉଛୁ।

# ଲଞ୍ଚ ହେଲା ଟାଟା ଟିଗର ୨୦୨୫




**ଭୁବନେଶ୍ୱର,୧୨।୧(ସଞ୍ଚାର ବ୍ୟୁରୋ):** ଦୀର୍ଘ ସମୟ ଅପେକ୍ଷା ପରେ ଟାଟା ମୋଟର୍ସ ଶେଷରେ ଟିଗର ଫେସଲିଫ୍ଟ ୨୦୨୫ ଲଞ୍ଚ କରିଛି । ଏହି ଟାଟା କାରକୁ ଭାରତ ମୋବିଲିଟି ଗ୍ଲୋବାଲ ଏକ୍ସପୋରେ ଉପସ୍ଥାପନ କରାଯିବ । ଟାଟା ଟିଗର ଏହାର ବେସିକ୍ ଆକୃତି ଏବଂ ଡିଜାଇନ୍ ପରିବର୍ତ୍ତନ ନକରି ଏହାର କସମେଟିକ୍ ପରିବର୍ତ୍ତନ କରିଛି । ଟାଟା ଟିଗର କମ୍ପାକ୍ଟ ସେଡାନର ପ୍ରାରମ୍ଭିକ ମୂଲ୍ୟ ହେଉଛି ୫.୯୯ ଟଙ୍କା । ଏହା ସହିତ ଟାଟା ଟିଗର ୨୦୨୫ ର ପେଟ୍ରୋଲ ଭାରିଆଣ୍ଟରେ ୪.୯୯ ଲକ୍ଷ ଟଙ୍କା ଆରମ୍ଭ ହୋଇଥିବାବେଳେ ଟିଆଗୋ ଇଭିର ପ୍ରାରମ୍ଭିକ ମୂଲ୍ୟ ୭.୯୯ ଲକ୍ଷ ଟଙ୍କା ରହିଛି ।

ଟାଟା ଟିଗର ର ଫ୍ରଣ୍ଟ୍ ଗ୍ରୀଲ୍ ଏବଂ ବମ୍ପରରେ ଛୋଟ ଡିଜାଇନ୍ ପରିବର୍ତ୍ତନ କରାଯାଇଛି । ଏହାର ରିୟର ବମ୍ପର ବିଷୟରେ କହିବାକୁ ଗଲେ, ଏହାକୁ ପୁନଃ ଡିଜାଇନ୍ କରାଯାଇଛି ଯଦିଓ ୧୫-ଇଞ୍ଚର ଆଲଏ ହ୍ୱିଲଗୁଡ଼ିକ ସମାନ ରହିଛି। ଡିଜାଇନ୍ ମୁଖ୍ୟତଃ ପୁରୁଣା ମଡେଲ ସହିତ ସମାନ ହୋଇଥିବାବେଳେ ଟାଟା ଟିଗର ର ଫିଚର୍ସରେ ଅନେକ ପରିବର୍ତ୍ତନ କରାଯାଇଛି।

ଫିଚର୍ସ: ଅପଡେଟେଡ୍ ଟିଗରର ବେସ୍ ମଡେଲ୍ ଏକ ଫୁଲ୍ ଡିଜିଟାଲ୍ ଇନ୍‌ଷ୍ଟ୍ରୁମେଣ୍ଟ କ୍ଲଷ୍ଟର ସହିତ ଏକ ସ୍ମାର୍ଟ ଷ୍ଟିଅରିଂ ହ୍ୱିଲ୍ ପାଇଥାଏ । ଏହା ବ୍ୟତୀତ, ନୂଆ ଫାବ୍ରିକ୍ ସିଟ୍, ISOFIX, ରିୟର୍ ପାର୍କିଂ ସେନ୍ସର ଏବଂ ଏଲଇଡି ଟେଲ୍ ଲାଇଟ୍ ଭଳି ଫିଚର୍ସ ବେସ୍ XE ଟ୍ରିମ୍ ସ୍ତରରେ ଉପଲବ୍ଧ। ଟିଗର ୨୦୨୫ ରେ ଅପହୋଲଷ୍ଟ୍ରି ଏବଂ ଡ୍ରାଇଭର ଡ଼ିସପ୍ଲେକୁ ମଧ୍ୟ ଅପଡେଟ୍ କରାଯାଇଛି । ଯେତେବେଳେ କି ଏହା ଏକ HD ରିଭର୍ସ କ୍ୟାମେରା ସହିତ ୧୦.୨୫-ଇଞ୍ଚ ସ୍କ୍ରିନ୍ ପାଇଥାଏ ।

ଏହାର ବେସ୍ XE ଟ୍ରିମ୍ ଲେବଲ୍ ମଧ୍ୟ ନୂଆ ଫାବ୍ରିକ୍ ସିଟ୍, ISOFIX, ରିୟର୍ ପାର୍କିଂ ସେନ୍ସର ଏବଂ ଏଲଇଡି ଟେଲ ଲାଇଟ୍ ପାଇଥାଏ । ଏହି ସମୟରେ ନୂଆ ଟପ୍ ଲାଇନ୍ ଟାଟା ଟିଗର XZ ପ୍ଲସ୍ ଲକ୍ସରେ ଅନ୍ୟାନ୍ୟ ଆକର୍ଷଣୀୟ ବୈଶିଷ୍ଟ୍ୟ ସହିତ ୧୦.୨୫ ଇଞ୍ଚର ଫ୍ଲୋଟିଂ ଇନଫୋଟେନମେଣ୍ଟ ସିଷ୍ଟମ ସହିତ ୱାୟାରଲେସ୍ ଆପ୍ କାର୍ ପ୍ଲେ ଏବଂ ଆଣ୍ଡ୍ରଏଡ୍ ଅଟୋ, ୩୬୦ ଡିଗ୍ରୀ କ୍ୟାମେରା, ଚମଡା ଷ୍ଟିଅରିଂ ହ୍ୱିଲ୍, ରେନ୍ ସେନ୍ସିଂ ୱାଇପର୍ସ ଏବଂ କ୍ରୁଜ୍ କଣ୍ଟ୍ରୋଲ୍ ଭଳି ଅନେକ ଦମଦାର ଫିଚର୍ସ ରହିଛି ।

## ଏଆଇଇସି ସହ ଆଇସିସିର ବୁଝାମଣା



ଭୁବନେଶ୍ୱର,୧୨।୧: ଏସିଆନ ଇଣ୍ଡିଆ ଇକୋନୋମିକ କାଉନସିଲ (ଏଆଇଇସି) ଏବଂ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଏହି ବୁଝାମଣା ଉଭୟ ପକ୍ଷର କମ୍ପାନୀ, ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କ ଲାଗି ଏକ ବୃହତ୍ ପ୍ଲାଟ୍‌ଫର୍ମ ସୃଷ୍ଟି କରିବା ଦିଗରେ ବେଶ୍ ସହାୟକ ହେବ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶାର ଭୁବନେଶ୍ୱରଠାରେ ଆୟୋଜିତ ପ୍ରବାସୀ ଭାରତୀୟ ଦିବସ-୨୦୨୫ ଅବସରରେ ଏହି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଆଇସିସି ଓଡ଼ିଶା ଅଧ୍ୟକ୍ଷ ରାଜୀବ ଶେଖର ସାହୁ, ଏଆଇଇସି ମାଲେସିଆ ଅଧ୍ୟକ୍ଷ ଡାଟୋ ରମେଶ କୋଡାମାଳ, ଏଆଇଇସି ଫିଲିପାଇନ୍ସ ସହ ଅଧ୍ୟକ୍ଷ ଜନ୍ନି ଚୋଟରାନୀ, ଇନ୍‌ଭେସିଫାଏ କମ୍ପାନୀ ଲିମିଟେଡ୍ ହାନୋଇ ଭିଏତ୍‌ନାମର ସିଇଓ ଇନ୍ଦ୍ରନିଲ ସେନ୍‌ଗୁପ୍ତା, ଓକାକ୍‌ର ପରିଚାଳନା ନିର୍ଦ୍ଦେଶକ ମାନସ ପଣ୍ଡା ଏବଂ ଆଇସିସି ଆଞ୍ଚଳିକ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ପାଲଙ୍କ ଉପସ୍ଥିତରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ସେହିଭଳି ଏହି ଚୁକ୍ତିନାମା ଅନୁଯାୟୀ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ, ଭାବର ଆଦାନ ପ୍ରଦାନ ଏବଂ ନିୟାମକ କ୍ଷେତ୍ରରେ ଏସିଆନ ଦେଶଗୁଡିକ ମିଳିତ ହୋଇ କାର୍ଯ୍ୟ କରିବେ।

# ୩ ଦିନରେ ୨କୋଟିର କାରବାର



ଭୁବନେଶ୍ୱର,୧୨।୧ (ଅଭୟ ଦାଶ): ପ୍ରଥମ ଥର ପାଇଁ ବୟନିକା ପକ୍ଷରୁ ଆରମ୍ଭ ହୋଇଥିବା ରାତି ବଜାର 'ବୟନିକା ନାଇଟ୍ ବଜାର'କୁ ଉଲ୍ଲେଖନୀୟ ସଫଳତା ମିଳିଛି। ଏପରିକି ମାତ୍ର ୩ ଦିନ ମଧ୍ୟରେ ପ୍ରାୟ ୨ କୋଟି ଟଙ୍କାର କାରବାର ହୋଇଛି। ୨୦୨୫ ଜାନୁୟାରୀ ୮ ରାତି ୧୧ ଘଟିକାରୁ ଆରମ୍ଭ ହୋଇଥିବା ଏହି ବଜାର ୧୧ ତାରିଖ ସକାଳ ୧୦ ଘଟିକା ସୁଦ୍ଧା ମୋଟ ୧.୭୫ କୋଟି ଟଙ୍କାର କାରବାର କରିଛି। ବିଶେଷକରି ସୂତା ଶାଢ଼ିର ଚାହିଦା ବେଶ୍ ଅଧିକ ରହିଛି।

ଉଲ୍ଲେଖଯୋଗ୍ୟ, ରାଜ୍ୟର ପ୍ରମୁଖ ହସ୍ତତନ୍ତ ସଙ୍ଗଠନ ତଥା ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିମିଟେଡ୍ ବା ବୟନିକାର ବହୁ ପ୍ରତୀକ୍ଷିତ 'ବୟନିକା ନାଇଟ୍ ବଜାର' ବୁଧବାର ଭୁବନେଶ୍ୱରର ଖାରବେଳନଗରସ୍ଥିତ ବୟନିକା ଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ ହସ୍ତତନ୍ତ,ବୟନ ଓ ହସ୍ତଶିଳ୍ପ ବିଭାଗର ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାରଙ୍କ ସମେତ ସ୍ୱତନ୍ତ୍ର ଶାସନ ସଚିବ ମଧୁମିତା ରଥ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ ଏବଂ ପରିଚାଳନା ନିର୍ଦ୍ଦେଶିକା ପ୍ରଣତୀ ଛୋଟରାୟ, ଅତିରିକ୍ତ ଶାସନ ସଚିବ ସୁଷମା ବାରିକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ବର୍ତ୍ତମାନ ଓଡ଼ିଶାରେ ପ୍ରବାସୀ ଭାରତୀୟ ଦିବସ ବା ପିବିଡି-୨୦୨୫ର ଆୟୋଜନ କରାଯାଇଛି। ଏହି ସମୟରେ ଓଡ଼ିଶାର ହସ୍ତତନ୍ତ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ବୟନିକା ପକ୍ଷରୁ ଏହି ସ୍ୱତନ୍ତ୍ର ରାତି ବଜାରର ଶୁଭାରମ୍ଭ କରାଯାଇଛି। ସେହିଭଳି ଭୁବନେଶ୍ୱରରେ ବୟନିକାର ତିନୋଟି ଶାଖାରେ ସ୍ୱତନ୍ତ୍ର ରିହାତି ବିକ୍ରୟ ସୁବିଧା ସୀମିତ ସମୟ ପାଇଁ ଉପଲବ୍ଧ ରହିଛି। ଏହି ବଜାର ୨୦୨୫ ଜାନୁଆରୀ ୧୩ ପର୍ଯ୍ୟନ୍ତ ଚାଲିବ। ସେହିପରି ପିବିଡି ପାଇଁ ସ୍ୱତନ୍ତ୍ର ରିହାତି ଦିଆଯାଉଛି। ଏପରିକି ଭୁବନେଶ୍ୱରର ସମସ୍ତ ଶାଖାରେ ୨୦% + ୧୦% + ୫% ରିହାତି ଅନ୍ତର୍ଭୁକ୍ତ ରହିଛି। ଏହି ଉତ୍ସାହକକୁ ଦ୍ୱିଗୁଣିତ କରିବା ପାଇଁ ଅତିରିକ୍ତ ୫% ରିହାତି ବୟନିକା ସ୍ୱତନ୍ତ୍ର ନାଇଟ୍ ବଜାରରେ ଉପଲବ୍ଧ ରହିଛି। ଏହି ବଜାର ପ୍ରତିଦିନ ରାତି୧୧ଟା ରୁ ପରଦିନ ସକାଳ ୭ଟା ଯାଏ ସୀମିତ ଅବଧି ପର୍ଯ୍ୟନ୍ତ ଖୋଲା ଅଛି। ଏଥିରେ ପର୍ଯ୍ୟଟକ ଓ ଆଗନ୍ତୁକମାନଙ୍କୁ ରାତ୍ରି ସମୟରେ ମଧ୍ୟ ଓଡ଼ିଶା ହସ୍ତତନ୍ତ ସୃଷ୍ଟିର ଅନ୍ୱେଷଣ କରିବାକୁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରିବ। ଅପରପକ୍ଷରେ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଐତିହ୍ୟକୁ ଅନୁଭବ କରିବାକୁ ବିଶ୍ୱର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରବାସୀ ଭାରତୀୟ ତଥା ପ୍ରତିନିଧି ଓ ପରିଦର୍ଶକମାନଙ୍କୁ ବୟନିକା ଏହି ବଜାର ଜରିଆରେ ସ୍ୱାଗତ କରୁଛି।

## ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର

**ଜୟପୁର, ୧୨ା୧ (ସଂଚାର ବ୍ୟୁରୋ):** ସହର ଉପକଣ୍ଠ ବାରିଣିପୁଟ ଛକ ମାର୍କେଟ୍ ପଛପଟ ଜଙ୍ଗଲରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ସହଦେବ ଭୋଇ (୩୮)। ତାଙ୍କ ଘର ପଟ୍ଟାଙ୍ଗି ଅଞ୍ଚଳରେ ବୋଲି ଜଣାପଡିଛି । ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ସଦର ପୁଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ତନାଘନା ଆରମ୍ଭ କରିଛି । ଏ ସମ୍ପର୍କରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ରିପୋର୍ଟ ମଳିବା ପରେ ହତ୍ୟା କି ଆତ୍ମହତ୍ୟା ସ୍ପଷ୍ଟହେବ ବୋଲି ଆଇଆଇସି ଈଶ୍ୱର ତାଣ୍ଡି କହିଛନ୍ତି।

## ଉଗ୍ରେଶ୍ୱର ମହାଦେବଙ୍କ ବିଜେ ପ୍ରତିମା ଚୋରି



**ନୟାଗଡ଼, ୧୨ା୧ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ବଡ଼ପଣ୍ଡୁସର ବିଜେ ଉଗ୍ରେଶ୍ୱର ମହାଦେବଙ୍କ ମନ୍ଦିରରୁ ଗତକାଲି ବିଳମ୍ବିତ ରାତିରେ ଚୋରୀ ହୋଇଛି। ଉଗ୍ରେଶ୍ୱରଙ୍କ ବିଜେ ପ୍ରତିମା ଚୋରୀ ହୋଇଥିବା ଅଭିଯୋଗ ହୋଇଛି। ରବିବାର ସକାଳୁ ମନ୍ଦିର ପୂଜକ ମହାପାତ୍ର ମନ୍ଦିର ଖୋଲିବାକୁ ଯିବା ସମୟରେ ମନ୍ଦିର ତାଲା ଭାଙ୍ଗିଥିବା ଦେଖିବାକୁ ପାଇଥିଲେ। ସେ ଭିତରକୁ ଯିବା ପରେ ବିଜେ ପ୍ରତିମା ନଥିବା ଦେଖିଥିଲି। ତେବେ ମନ୍ଦିର ଭିତରୁ ପଞ୍ଚମୁଖୀ ମହାଦେବଙ୍କ ପିତଳ ମୂର୍ତ୍ତି ଚୋରି ହୋଇଥିବା ଜଣାପଡିଛି। ଏନେଇ ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀ ସେଠାରେ ରୁଣ୍ଡ ହୋଇ ପୁଲିସକୁ ଖବର ଦେଇଥିଲେ। ଇଟାମାଟି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରୁଥିବା ସୂଚନା ମିଳିଛି। କିଛି ଦୂରରେ ଲାଗିଥିବା ସିସିଟିଭି ଫୁଟେଜକୁ ପୁଲିସ ତନଖି କରୁଥିବା ସୂଚନା ମିଳିଛି। ଦୀର୍ଘଦିନ ବ୍ୟବଧାନ ପରେ ନୟାଗଡ଼ ଜିଲ୍ଲାରେ ମନ୍ଦିରରୁ ପ୍ରତିମା ଚୋରୀ ଘଟଣା ଦେଖିବାକୁ ମିଳିଛି। ଏହା ଇଟାମାଟି ପୁଲିସ ପାଇଁ ଏକ ଚ୍ୟାଲେଞ୍ଜ ଘଟଣା ବୋଲି ଆଲୋଚନା ହେଉଛି।

## ସମାଜସେବୀଙ୍କୁ ମରଣାନ୍ତକ ଆକ୍ରମଣ ଉଦ୍ୟମ

**ବାଲିଆପାଳ, ୧୨ା୧ (ସଂଚାର ବ୍ୟୁରୋ):** ଯୁବ ସମାଜସେବୀ ତଥା ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚର ସଭାପତି ସତ୍ୟକାମ ମହାନ୍ତିଙ୍କୁ ଶନିବାର ବିଳମ୍ବିତ ରାତିରେ ତାଙ୍କ ଘରେ ପୂର୍ବ ଘଟଣାକୁ କେନ୍ଦ୍ର କରି ଦୁର୍ବୃତ୍ତ ମାନେ ମରଣାନ୍ତକ ଆକ୍ରମଣ ଉଦ୍ୟମ କରିଥିବା ନେଇ ସେ ଆଜି ଥାନାରେ ଅଭିଯୋଗ କରିଛନ୍ତି। ତେବେ କେଉଁ ମାନେ କଣ ପାଇଁ ତାଙ୍କୁ ଆକ୍ରମଣ କରିଛନ୍ତି ତାହା ସ୍ପଷ୍ଟ ହୋଇ ନାହିଁ। ସତ୍ୟକାମ ପରିସ୍ରା କରିବାକୁ ଉଠିଥିବା ବେଳେ ଦୁର୍ବୃତ୍ତ ମାନେ ମାରଣାସ୍ତ୍ର ଧରି ଆଗେଇ ଆସିବାରୁ ସତ୍ୟକାମ ପାଟିକରିଥିଲେ। ପାଟି ଶୁଣି ଦୁର୍ବୃତ୍ତମାନଙ୍କ ମଧ୍ୟରୁ ଦୁଇ ଜଣ ବାଇକରେ ଚମ୍ପଟ ମାରିଥିବା ବେଳେ ଜଳେଶ୍ୱର ଅଞ୍ଚଳ ର ଶୁଭକାନ୍ତ ଦାସ ନାମକ ଅନ୍ୟ ଜଣେ ଦୁର୍ବୃତ୍ତ କୁ ସତ୍ୟକାମ କାବୁ କରି ନେଇ ଥିଲେ।ଦୁର୍ବୃତ୍ତ କୁ ସତ୍ୟକାମ ଥାନାରେ ଜିମା ଦେଇଛନ୍ତି। ତାଙ୍କ ବିରୋଧ ରେ ଏବେ କିଛି ଲୋକ ଲାଗିଛନ୍ତି ବୋଲି ସତ୍ୟକାମ କହିଛନ୍ତି। ତେବେ ସତ୍ୟକାମ ନିଜର ସୁରକ୍ଷା ପାଇଁ ଥାନାକୁ ଜଣାଇଛନ୍ତି। ପୁଲିସ ତଦନ୍ତ କରିବ ବୋଲି କହିଛି।

### ଅସ୍ତରଙ୍ଗରେ ସାଙ୍ଘାତିକ ଭତ୍ତା କେଳେଙ୍କାରୀ

# ପୁରୁଷଙ୍କୁ ବିଧବା ଓ ଭେଣ୍ଡିଆଙ୍କୁ ମିଳୁଛି ବାର୍ଦ୍ଧକ୍ୟ ଭତ୍ତା

**କାକଟପୁର/ଅସ୍ତରଙ୍ଗ, ୧୨ା୧ (ସଂଚାର ବ୍ୟୁରୋ):** ସରକାର ବୃଦ୍ଧବୃଦ୍ଧା, ଅସହାୟ, ବିଧବା ମହିଳା ଓ ଦିବ୍ୟାଙ୍ଗଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବା ପାଇଁ ବିଭିନ୍ନ ଭତ୍ତା ପ୍ରଦାନ କରୁଛନ୍ତି। ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ ଏହି ଯୋଜନାରେ ବଡ଼ କେଳେଙ୍କାରୀ ହୋଇଥିବା ନଜରକୁ ଆସିଛି। କେଉଁଠି ଭେଣ୍ଡିଆଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଉଛି ତ ଆଉ କେଉଁଠି ସଧବାଙ୍କୁ ବିଧବା ଭତ୍ତା ଦିଆଯାଉଛି। କେବଳ ସେତିକି ନୁହେଁ ୮୦ ବର୍ଷରୁ କମ୍ ବୃଦ୍ଧବୃଦ୍ଧାଙ୍କୁ ୮୦ବର୍ଷ ଦର୍ଶାଇ ଭତ୍ତା ପ୍ରଦାନ କରାଯାଉଛି। ଏପରିକି ପୁରୁଷଙ୍କୁ ମଧ୍ୟ ବିଧବା ଭତ୍ତା ପ୍ରଦାନ କରାଯାଉଥିବା ଭଳି ସାଙ୍ଘାତିକ କେଳେଙ୍କାରୀ ନଜରକୁ ଆସିଛି। ଏହାକୁ ନେଇ ସାଧାରଣ ଚର୍ଚ୍ଚା ହେଉଛି।

ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ ମଧୁବାବୁ ପେନସନ ଯୋଜନା ଓ ଇନ୍ଦିରା ଗାନ୍ଧୀ ଜାତୀୟ ପେନସନ ଯୋଜନାରେ ଏଭଳି ଆଖିବୁଝା ଦୁର୍ନୀତି




### ଭିଜିଲାନ୍ସ ତଦନ୍ତ ଦାବି

ହୋଇଥିବା ଅଭିଯୋଗ ହୋଇଛି। ସବୁଠୁ ବଡ଼ କଥା ହେଲା ବିଧବା ଭତ୍ତା ଯୋଜନାରେ ପୁରୁଷଙ୍କୁ ମଧ୍ୟ ଭତ୍ତା ଦିଆଯାଉଛି। ୬୦ବର୍ଷରୁ କମ୍ ଲୋକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଉଛି। ଅନ୍ୟ ପଟେ ଅନେକ ପ୍ରକୃତ ହିତାଧିକାରୀ ଭତ୍ତା ପାଇବାରୁ ବଂଚିତ ହେଉଛନ୍ତି। ଏ ନେଇ ସାମାଜିକ ସୁରକ୍ଷା ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କୁ ସ୍ଥାନୀୟ ଅଞ୍ଚଳ ସମାଜସେବୀ ଅମୀୟ ରଞ୍ଜନ ବାରିକି ଅଭିଯୋଗ କରିଛନ୍ତି। ତୁରନ୍ତ ସ୍ୱତନ୍ତ୍ର ଟିମ୍ ଶହ ବିଭାଗୀୟ ଅଧିକାରୀଙ୍କ ମାଧ୍ୟମରେ ଯାଞ୍ଚ କଲେ ସ୍ପଷ୍ଟ ଘଟଣା ସାମ୍ନାକୁ ଆସିବ। ନିର୍ବାଚନ ସମୟରେ ଭୋଟ ହାତେଇବା ପାଇଁ ଏଠି ଏଭଳି ଭତ୍ତା କେଳେଙ୍କାରୀ କରାଯାଇଥିବା କୁହାଯାଇଛି। ୩ଶହରୁ ଉର୍ଦ୍ଧ ଲୋକଙ୍କୁ ଜାଲିଆତି କରି ବିଭିନ୍ନ ପ୍ରକାରର ଭତ୍ତା ପ୍ରଦାନ କରାଯାଉଛି। ବହୁ ଯୋଗ୍ୟ ହିତାଧିକାରୀ ଆବେଦନ କରି ବି ଭତ୍ତା ପାଇବାରୁ ବଂଚିତ ହେଉଛନ୍ତି। ଭତ୍ତା ପାଇଁ ସେମାନେ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି କିନ୍ତୁ ପ୍ରଶାସନ ତାଙ୍କ କଥା ଶୁଣୁନି। ଏ ସମ୍ପର୍କରେ ବିଡ଼ିଓ ସୁଶ୍ରୀ ଶସ୍ମିତା ବେହେରା କହିଛନ୍ତି ଅଭିଯୋଗ ଆସିଲେ ତୁରନ୍ତ ତଦନ୍ତ ହେବ। ଏଠି ପ୍ରଶ୍ନ ଉଠୁଛି କିପରି ଭାବରେ ଭତ୍ତା ଜାଲିଆତି ହେଉଛି? କାହିଁକି ପ୍ରଶାସନ ତଦନ୍ତ କରୁନାହିଁ? ଏହାର ଭିଜିଲାନ୍ସ ତଦନ୍ତ କରିବା ପାଇଁ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଜନ ସାଧାରଣ ଦାବୀ କରିଛନ୍ତି।

## ବିଶିମୁଣ୍ଡା ଆରଏମସି ଖୋଲିବ କେବେ ?

**ସୋନପୁର, ୧୨ା୧ (ସଂଚାର ବ୍ୟୁରୋ):** ସୋନପୁର ସଦର ବ୍ଲକର ବିଶିମୁଣ୍ଡା ପଂଚାୟତ ନିକଟରେ ଥିବା ଆରଏମସି କାର୍ଯ୍ୟାଳୟ ଏହି ବର୍ଷ ଖୋଲିବା ପାଇଁ ମଲ୍ଲିକମୁଣ୍ଡା ଓ ବିଶିମୁଣ୍ଡା ଗ୍ରାମ ପଂଚାୟତର ଚାଷୀ ମାନେ ଦାବି କରିଛନ୍ତି।

ସୂଚନା ଯୋଗ୍ୟ ତତ୍କାଳୀନ ସରକାର ତରଫରୁ ବିଶିମୁଣ୍ଡା ଠାରେ ଚାଷୀ ମାନଙ୍କ ସୁବିଧା ପାଇଁ ଆରଏମସି ଖୋଲା ହୋଇଥିଲା, ଆରଏମସି ଉଦଘାଟନ ଦିନ ବୁରୋମୁଣ୍ଡା ଗ୍ରାମବାସୀ ତାଲା ପକେଇ ଦେଇଥିଲେ। ବୁରୋମୁଣ୍ଡା ଗ୍ରାମବାସୀଙ୍କ ଦାବି ଥିଲା ଯେହେତୁ ତାଙ୍କ ଗାଁର ମୌଜାରେ ଆରଏମସି ଅଫିସ ହୋଇଛି ତେଣୁ ବୁରୋମୁଣ୍ଡା ଗାଁ ନାମରେ ଆରଏମସି କାର୍ଯ୍ୟାଳୟ କରିବା ଦାବି କରିଥିଲେ ଯାହା ଫଳରେ ନାମକରଣକୁ ନେଇ ବିଶିମୁଣ୍ଡା ଓ ବୁରୋମୁଣ୍ଡା ଗ୍ରାମ ମଧ୍ୟରେ ବିବାଦ ଉପୁଜି ଥିଲା। ତିନି ଚାରି ବର୍ଷ ହେବ ପାଖା ପାଖି ସେହି ଦିନଠୁ ବନ୍ଦ ପଡିଛି ଆରଏମସି କାର୍ଯ୍ୟାଳୟ। ଦୁଇଟି ଗାଁର ବିବାଦ ଯୋଗୁଁ ୨୦ଟି ଗାଁର ଚାଷୀମାନେ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ତେଣୁ ଏହି ବର୍ଷ ବିଶିମୁଣ୍ଡା ଠାରେ ଥିବା ଆରଏମସି କାର୍ଯ୍ୟାଳୟ ଖୋଲିବା ପାଇଁ ଚାଷୀମାନେ ଅନୁରୋଧ କରିଛନ୍ତି। ବିଭାଗୀୟ ଅଧିକାରୀ ଏବଂ ସୋନପୁର ଜିଲ୍ଲା ପ୍ରଶାସନ ଏହି ପ୍ରସଙ୍ଗରେ ଧ୍ୟାନ ଦେଇ ସମସ୍ୟାର ସମାଧାନ କରିବା ପାଇଁ ଅଞ୍ଚଳର ବୁଦ୍ଧିଜୀବୀ ଅନୁରୋଧ କରିଛନ୍ତି।

**ଜିଲ୍ଲାପାଳ ସମସ୍ୟାର ସମାଧାନ କରନ୍ତୁ**

## ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ପ୍ରାଥମିକ ଶିକ୍ଷକ ସଂଘର ଦାବିପତ୍ର

**ବୋରିଗୁମ୍ମା, ୧୨ା୧ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ସରସ୍ୱତୀ ଶିଶୁ ମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆସିଥିଲେ ଓଡ଼ିଶା ସରକାରଙ୍କ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଏହି ଅବସରରେ ମନ୍ତ୍ରୀଙ୍କୁ ଏକ୍ସ କ୍ୟାଡ଼ର ସଂଘ ବୋରିଗୁମ୍ମା ତରଫରୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଏକ୍ସ କ୍ୟାଡ଼ର ବୋରିଗୁମ୍ମା ଶାଖା ସଭାପତି ଅଜିତ ହୋତା, ସୂର୍ଯ୍ୟ ନାରାୟଣ ରାୟ, ପଦ୍ମିନୀ କୁମାରୀ ପଣ୍ଡା, ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଉପଦେଷ୍ଟା ବୃନ୍ଦାବନ ପଣ୍ଡା ଶିକ୍ଷୟିତ୍ରୀ ସୁଷମା ରାୟ, ଶ୍ରୀ ମହେଶ୍ୱର ତନ୍ତି ଙ୍କ ସମେତ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତିରେ ଦାବି ପତ୍ର ପ୍ରଦାନ କରାଯାଇଥିଲା। ଦୀର୍ଘଦିନ ଧରି ଗଣଶିକ୍ଷକମାନେ ସ୍ୱଳ୍ପ ବେତନ ସେମାନଙ୍କର ସୂଚାରୁ ରୂପେ ନିୟମିତ କାର୍ଯ୍ୟ କରିବା ପରେ ସରକାର ତାଙ୍କୁ ଏକ୍ସ କ୍ୟାଡ଼ର ପଦବୀରେ ନିଯୁକ୍ତି ଦେଇଛନ୍ତି। ସ୍ଥାୟୀ ଶିକ୍ଷକ ମାନଙ୍କୁ ଯେଉଁ ସୁବିଧା ମିଳୁଛି ଏକ୍ସ କ୍ୟାଡ଼ର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସେଥିରୁ ବଞ୍ଚିତ ହେଉଥିବା



ସଂଘ ଦାବିରେ ଉଲ୍ଲେଖ କରିବା ସହ ସମସ୍ତ ଏକ୍ସ କ୍ୟାଡ଼ର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ଥାୟୀ ଶିକ୍ଷକ ଅଧିକାର ପ୍ରଦାନ କରିବା ନିମନ୍ତେ ଦାବି ପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି କୋରାପୁଟ ଜିଲ୍ଲା ଶାଖା ସଭାପତି ତଥା ରାଜ୍ୟ ଉପସଭାପତି ଶଶୀଭୂଷଣ ଦାସ ଏ ନେଇ ରାଜ୍ୟ ସଂଘକୁ ପତ୍ର ଲେଖିବା ସହିତ ଏକ୍ସ କ୍ୟାଡ଼ର ପଦବୀ ଉଛେଦ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ୫ କିମି ଦୂରରେ ପରୀକ୍ଷା କେନ୍ଦ୍ର ସ୍ଥାପନ ନେଇ ଅନଶନ

**ରାୟଗଡା, ୧୨ା୧ (ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲା ମନିଗୁଡା ବ୍ଲକ ଅମ୍ବାଦୁଳାରୁ ୫ କିଲୋମିଟର ଦୂରତା ମଧ୍ୟରେ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା କେନ୍ଦ୍ର ସ୍ଥାପନ ପାଇଁ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ହେଲେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବା ଓ ପ୍ରଶାସନିକ ସ୍ତରରେ ହେଉଥିବା ଅବହେଳା ଯୋଗୁଁ ଆଜିଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆମରଣ ଅନଶନରେ ବସିଲେ ଅମ୍ବାଦଳା ଅଞ୍ଚଳର ସ୍ୱେଚ୍ଛାସେବୀ ରଞ୍ଜନ ସ୍ୱାଇଁ । ରବିବାର ଦିନ ସକାଳ ୫ ଘଟିକା ଠାରୁ ଏହି ଅନଶନ ଆରମ୍ଭ ହୋଇଥିବା ବେଳେ ଦୀର୍ଘ ସମୟ ବିତି ଯାଇଥିଲେ ସୁଦ୍ଧା ଜିଲ୍ଲା କିମ୍ବା ବ୍ଲକ ସ୍ତରରୁ କୌଣସି ଅଧିକାରୀମାନେ ଅନଶନ ସ୍ଥଳରେ ପହଞ୍ଚି ନଥିଲେ। ୧୦ ଘଣ୍ଟା ଅନଶନରେ ବସିବା ପରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଦୀପକ ବେହେରା ଓ ମୁନିଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଭି. ଭାସ୍କର ରାଓ ଉକ୍ତ ସ୍ଥାନରେ ପହଞ୍ଚି ଅନଶନକାରିଙ୍କୁ ବୁଝାସୁଝା କରିଥିଲେ ସୁଦ୍ଧା ସମାଜସେବୀ ରଞ୍ଜନ ସ୍ୱାଇଁ ତାଙ୍କର




ଅନଶନ ଜାରି ରଖିଥିବା ଜଣାପଡିଛି। ଘଟଣାକୁ ନେଇ ଅଞ୍ଚଳରେ ଏକ ପ୍ରକାର ଅସନ୍ତୋଷ ଦେଖାଦେଇଥିବା ବେଳେ ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ବିସ୍ମୟ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ ସରକାରଙ୍କ ନିୟମକୁ ଉଲ୍ଲଙ୍ଘନ କରି ୨୫କିମି ଦୁରରେ ଥିବା ମୁନିଗୁଡା ଠାରେ ଦୀର୍ଘ ଆଠ ବର୍ଷ ହେବ ପରିକ୍ଷା କେନ୍ଦ୍ର କରାଯାଇଛି, ଯାହାକୁ ବିରୋଧକରି ଏହି ଆନ୍ଦୋଳନ ଆରମ୍ଭ କାରାଯାଇଥିବା ଜଣାପଡ଼ିଛି। ମୁନିଗୁଡା ପରୀକ୍ଷା କେନ୍ଦ୍ର ଯିବା ସମୟରେ ଛାତ୍ରଛାତ୍ରୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରଙ୍କୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୁଣି ଚଳିତ ବର୍ଷ ଅମ୍ବାଦଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦଶମ ଶ୍ରେଣୀ ପରୀକ୍ଷା କେନ୍ଦ୍ର ମୁନିଗୁଡା ସରକାରୀ ବାଳିକା ବିଦ୍ୟାଳୟରେ ସ୍ଥିର ହୋଇଥିବାରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଥିବା ଜଣା ପଡିଛି। ତେବେ ସରକାର ନିଜେ ଘୋଷଣା କରିଥିବା ନିୟମକୁ ଖିଲାପ କରିବା ସହ ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳୁଥିବାରୁ ବିଭିନ୍ନ ରାଜନୈତିକ ଦଳ, ଅଭିଭାବକ, ୪ ପଞ୍ଚାୟତର ସରପଞ୍ଚ,ବ୍ୟକ୍ତି ବିଶେଷ ଅସନ୍ତୋଷ ବ୍ୟକ୍ତ କରିବା ସହ ଆନ୍ଦୋଳନକୁ ସମର୍ଥନ କରିଛନ୍ତି।

## ବିଜେପି ଜିଲ୍ଲା ସଭାପତି ନିର୍ବାଚନ: ପଦ୍ମ ଘୁଞ୍ଚିଘୁଞ୍ଚି ଯାଉଛି

### ଆନନ୍ଦପୁରରୁ ଆଲୋକ, ଶ୍ରୀଧର ଦାବିଦାର

**ଆନନ୍ଦପୁର, ୧୨ା୧ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ବିଜେପି ସଭାପତି କିଏ ହେବ ଏହାକୁ ନେଇ ଚାରିଆଡେ ଚର୍ଚ୍ଚା। ବିଶେଷକରି କାହା ସମର୍ଥକ ଏହି ପଦକୁ ହାତେଇବେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କାହାର ଦବଦବା ରହିବ ଏହାକୁ ନେଇ ଚା ଦୋକାନରୁ ସରକାରୀ କାର୍ଯ୍ୟାଳୟ ସବୁଆଡେ ଆଲୋଚନା ହେଉଛି। ବିଶେଷକରି ଦଳ ଆରମ୍ଭରୁ ଏହି ପଦ କେନ୍ଦୁଝରର ନେତା ମାଡ଼ି ବସୁଥିବାବେଳେ ଏଥର ଆନନ୍ଦପୁରର ଭାଗ ପଡିବ ବୋଲି ମଧ୍ୟ ଦଳୀୟ କର୍ମୀମାନେ ଆଶା କରୁଛନ୍ତି।

୧୯୮୦ରେ ବିଜେପି ଦଳ ପ୍ରତିଷ୍ଠା ସମୟରେ ରାମଚନ୍ଦ୍ରପୁରର ପୂର୍ବତନ ବିଧାୟକ କ୍ଷୀରୋଦ ପ୍ରସାଦ ସ୍ୱାଇଁ ଦଳର ପ୍ରଥମ ଜିଲ୍ଲା ସଭାପତିଭାବେ ଦାୟିତ୍ୱ ତୁଲାଇଥିଲେ। ଏହା ପରଠାରୁ ଆନନ୍ଦପୁର ଉପଖଣ୍ଡରୁ ଆଉ କାହାକୁ ସୁଯୋଗ ମିଳିନାହିଁ। ଏହାପରେ ବିଭୁତି ପ୍ରଧାନ, ଅଶ୍ୱନୀ ପଟ୍ଟନାୟକ, ମୂରଲୀ ମନୋହର ଶର୍ମା, ମୋହନ ମାଝୀ, ଦିଲ୍ଲୀପ୍ ମିଶ୍ର, ଅନନ୍ତ ନାୟକ, ରାଧାକାନ୍ତ ମହାନ୍ତ, ଅଂଶୁମାନ୍ ସବୁଜ ମହନ୍ତ ବର୍ମା ସଭାପତି ଦାୟିତ୍ୱ





ତୁଲାଇଛନ୍ତି। ଚଳିତବର୍ଷ ଦଳ କ୍ଷମତାକୁ ଆସିଥିବାବେଳେ କେନ୍ଦୁଝର ଜିଲ୍ଲାରୁ ମୁଖ୍ୟମନ୍ତ୍ରୀ ପଦ ମିଳିଥିବାରୁ ଜିଲ୍ଲା ସଭାପତିଙ୍କ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି। ଜିଲ୍ଲା ସଭାପତିପାଇଁ କେନ୍ଦୁଝରରୁ ରାଧାକାନ୍ତ ମହାନ୍ତ, ଚମ୍ପୁଆରୁ ଦିଲ୍ଲୀପ୍ ମିଶ୍ର, ପାଟଣାରୁ ମମିତା ନାୟକ, ଆନନ୍ଦପୁରରୁ ଆଲୋକ ସେଠୀ, ଘସିପୁରାରୁ ସୁଆଁପଦାର ଶ୍ରୀଧର କର ରେସରେ ରହିଥିବାବେଳେ ସାଂସଦ ଅନନ୍ତ ନାୟକ ମଧ୍ୟ ଆଶାବାଦୀ ରହିଥିବା ତାଙ୍କ ସମର୍ଥକମାନେ କହୁଛନ୍ତି।

ଚଳିତ ବର୍ଷ ଆନନ୍ଦପୁର ବିଧାନସଭାରୁ ବିଜେପି ପ୍ରାର୍ଥୀ ହୋଇଥିବା ଆଲୋକ ସେଠୀଙ୍କର ଭଲ ପ୍ରଦର୍ଶନ ରହିଥିବାରୁ ତାଙ୍କୁ ଦଳ ଭରସା କରିବାନେଇ ତାଙ୍କ ସମର୍ଥକମାନେ କହୁଛନ୍ତି। ଘସିପୁରାରୁ ଦାବିଦାର ଥିବା ଓଡ଼ିଶା ହାଇକୋର୍ଟର ଆଇନଜୀବୀ ଶ୍ରୀଧର କର ବିଜେପି ସଂଗଠନରେ ନିଜ ଅଞ୍ଚଳରେ ସେତେଟା ସକ୍ରିୟ ନଥିଲେ ମଧ୍ୟ ସେ ଆରଏସ୍ଏସ୍ ସଂଗଠନ ସହିତ ଜଡିତ ରହିଛନ୍ତି। ଏପଟେ ଜିଲ୍ଲାର ସାଂସଦ, ବିଧାୟକଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ପଦ ସଂରକ୍ଷିତ ରହିଥିବାବେଳେ ଜିଲ୍ଲା ସଭାପତିପାଇଁ ଜଣେ ସାଧାରଣ ବର୍ଗରୁ ଚୟନ କରାଯିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି।

## ପାରାଦ୍ୱୀପ ଯୋଗାଣ ନିରୀକ୍ଷକଙ୍କୁ ନିଲମ୍ବନ ଆଦେଶ

**ଜଗତସିଂହପୁର, ୧୨ା୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାକୁ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଜିଲ୍ଲା ଦିନିକିଆ ଗ୍ରସ୍ତରେ ଶନିବାର ଦିନ ଆସିଥିଲେ। ଏହି ଅବସରରେ ଡିଲର ମାନଙ୍କର କାର୍ଯ୍ୟଶୈଳୀ ସମୀକ୍ଷା କରିବା ବେଳେ ଶନିବାର ଅପରାହ୍ନ ୪ଟା ରେ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହ ଠାରେ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଯୋଗାଣ ନିରୀକ୍ଷକର ସମସ୍ତ ଅଧିକାରୀ ଥିଲାବେଳେ ପୌରାଞ୍ଚଳର ପାରାଦ୍ୱୀପ ଯୋଗାଣ ନିରୀକ୍ଷକ ଅଧିକାରୀ (ଏମ୍ଆଇ) ଅଲିଭା ଦାଶ ସେହି ସମୀକ୍ଷା ବୈଠକରେ ଉପସ୍ଥିତ ନ ରହିବାରୁ ନିଲମ୍ବନ କରିବାକୁ ଯୋଗାଣ ମନ୍ତ୍ରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଉକ୍ତ ଯୋଗାଣ ନିରୀକ୍ଷକ ଶ୍ରୀମତୀ ଦାଶଙ୍କ ଆଚରଣ ତଥା କାର୍ଯ୍ୟରେ ଅବହେଳା ଦର୍ଶାଯାଇ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଚିଠି ନଂ ୧୭୫/ ଗତକାଲି ୧୧/୧/୨୫ରେ ନିଲମ୍ବନ ଆଦେଶ ଦେଇଛନ୍ତି। ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ, ଉକ୍ତ ଯୋଗାଣ ନିରୀକ୍ଷକ ଅଧିକାରୀ (ଏମଆଇ)ଙ୍କୁ ଚାକିରୀରୁ ନିଲମ୍ବନ କରିବା ସହ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି

**ନବରଙ୍ଗପୁର, ୧୨ା୧ (ସଂଚାର ବ୍ୟୁରୋ):** ସ୍ଥାନୀୟ ମିଶନଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ହୋଇଛି। କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଛି। ସକାଳ ସାଢ଼େ ୪ଟାରେ ସହରରେ ରାମଧୁନ, ସକଳା ସାଢେ ୭ରେ ସହରର ମହାପୁରୁଷଙ୍କ ପ୍ରତିମୂର୍ତ୍ତିଗୁଡ଼ିକରେ ମାଲ୍ୟାର୍ପଣ ପରେ ବିଭିନ୍ନ ପତାକା ଉତ୍ତୋଳନ କରାଯିବ। ସକାଳ ସାଢେ ୮ଟାରେ ଷ୍ଟାଡିୟମ ପଡ଼ିଆରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ଷ୍ଟାଡିୟମ ପଡ଼ିଆସମେତ ସହରର ରାସ୍ତାଗୁଡ଼ିକୁ ସଫାସୁତୁରା କରିବା ସହିତ ବ୍ୟାରିକେଡ୍, ସାମୂହିକ ପ୍ୟାରେଡ, ରୋଗୀ ଓ ଅନ୍ତେବାସୀଙ୍କୁ ମିଠା ବଣ୍ଟାଯିବ। ସେହିପରି ୨୦ ଓଭରର ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍, ଛାତ୍ରଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହେବ। ସମ୍ମିଳିତ ପ୍ୟାରେଡ୍‌ରେ ସ୍କୁଲ, କଲେଜ ଓ ପୁଲିସ୍ ବାହିନୀ ଓ ସମେତ ୨୪ଟି ଦଳ ଭାଗ ନେବେ । ଏଥିପାଇଁ ୨୨ରୁ ୩ ଦିନ ପ୍ୟାରେଡ୍ ଅଭ୍ୟାସ କରାଯିବ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ସିଡିଓ ବିରଞ୍ଚି ନାରାୟଣ ଦରୱାନ, ଏଏସ୍ ଆଦିତ୍ୟ ସେନ, ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ ମଲ୍ଲିକ, ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ମନୋଜ ବେହେରା ପରିଚାଳନା କରିଥିଲେ ।

## ରାସ୍ତା ମଝିରେ ଉଠା ବ୍ୟବସାୟୀ: ଅସହାୟ ପ୍ରଶାସନ, ପର୍ଯ୍ୟଟକ କଲବଲ


**କୋଣାର୍କ, ୧୨ା୧ (ସଂଚାର ବ୍ୟୁରୋ):** ଦୀର୍ଘଦିନ ହେଲା କୋଣାର୍କ ସୂର୍ଯ୍ୟମନ୍ଦିର ମୁଖ୍ୟ ରାସ୍ତା ଉଠା ବ୍ୟବସାୟୀଙ୍କ କବଳରେ ଥିବାବେଳେ ପ୍ରବାସୀ ଭାରତୀୟଙ୍କ ଆଗମନକୁ ଦୃଷ୍ଟିରେ ରଖି ଗତ ୪ତାରିଖରେ ରାଜରାସ୍ତାକୁ ଅବରୋଧ କରି ବ୍ୟବସାୟ କରୁଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇଥିଲା। ପ୍ରଶାସନ ଉଚ୍ଛେଦ କରିବାର ୭ଦିନ ପରେ ପୁଣି ଗତକାଲି ବିଳମ୍ବିତ ରାତିରେ ମୁଖ୍ୟ ରାସ୍ତାକୁ ବେଆଇନ ଭାବେ ଜବରଦଖଲ ଯୋଗୁଁ ପର୍ଯ୍ୟଟକ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାସ୍ତା ଜବରଦଖଲ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶନିବାର କୋଣାର୍କ ଏନଏସି ପକ୍ଷରୁ ପ୍ରଚାର କରାଯାଇଥିଲା। ପ୍ରଶାସନକୁ ଚ୍ୟାଲେଞ୍ଜ କରି ରାତି ଅଧରେ ଅସାଧୁ ବ୍ୟବସାୟୀମାନେ ରାସ୍ତା ମଝିରେ ଦୋକାନ ଖୋଲିଥିବା ହେତୁ ଦୈନିକ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି।



କେତେକ ଅସାଧୁ ବ୍ୟବସାୟୀ ରାସ୍ତାରେ ଖଟ ପକାଇ ଦୈନିକ ଭଡ଼ା ହିସାବରେ ଲଗାଇ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବା ଅଭିଯୋଗ ହୋଇଆସୁଛି। ଏ ସମ୍ପର୍କରେ କୋଣାର୍କ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଗୋପ ବିଡ଼ିଓ ଛବିରାଣୀ ସାହୁଙ୍କୁ ଯୋଗାଯୋଗ କରିବା ସମ୍ଭବ ହୋଇନଥିଲା।

## ଉଦୟଗିରି ଏଏସଆଇ ପାଚେରୀ ନିକଟରୁ ଚୋରା ମୋରମ ଉତ୍ତୋଳନ ଅଭିଯୋଗ

**ବାଲିଚନ୍ଦ୍ରପୁର, ୧୨ା୧ (ସଂଚାର ବ୍ୟୁରୋ):** ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଉଦୟଗିରି ଅଞ୍ଚଳରେ ଏ.ଏସ.ଆଇ ପକ୍ଷରୁ ପାଚେରୀ ନିର୍ମାଣ କରାଯାଇଛି। ଉକ୍ତ ଅଞ୍ଚଳକୁ ଲାଗି ଗୋପାଳପୁର ଗ୍ରାମ ଓ ଚାରିନଙ୍ଗଳ ପଞ୍ଚାୟତର ଧାଉଡ଼ିଆପଦା ଗ୍ରାମ ଅବସ୍ଥିତ। ଧାଉଡ଼ିଆପଦା ଅଞ୍ଚଳରୁ ରାତି ସମୟରେ ବେଆଇନ ଭାବେ ଦୀର୍ଘ ଦିନ ହେବ ଚୋରା ମୋରମ ଉତ୍ତୋଳନ ହେଉଛି। ଉକ୍ତ ମୋରମ ଖନନ କାରୀ ମାନେ ମୋରମ ଖୋଳି ଖୋଳି ଏ.ଏସ.ଆଇ ପାଚେରୀ ନିକଟରେ ଖୋଳିବା ଆରମ୍ଭ କରିଛନ୍ତି। ଯାହାକି ଉକ୍ତ ପାଚେରୀ ପ୍ରତି ବିପଦ ସୃଷ୍ଟି କରିଛି। ଏଥିନେଇ ଚାରିନଙ୍ଗଳ ଗ୍ରାମର ଅମିତାଂଶୁ ବଳ ଗତ ନଭେମ୍ବର ମାସ ୨୮ ତାରିଖରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ



ଶିବିରରେ ଅଭିଯୋଗ କରିଥିଲେ। ଅଭିଯୋଗ ପଞ୍ଜିକରଣ ସଂଖ୍ୟା ଡ଼ି.ଏମ ୨୦୨୪.୯୯୮୨୭୩ ଆଧାରରେ ଜିଲ୍ଲାପାଳ ଦର୍ପଣ ତହସିଲଦାରଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

ଅମିତାଂଶୁଙ୍କ ଅଭିଯୋଗ ମୁତାବକ କଳାଶ୍ରୀ ମୌଜା ପ୍ଲଟ ନଂ-୧ ଓ ଖାତା ନଂ-୨୭୯ ପାହାଡ଼ କିଶମ ଜମିରୁ ଚୋରା ମୋରମ ଉତ୍ତୋଳନ କରାଯାଉଛି। ଏଥିନେଇ ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଗୋପାଳପୁର ରାଜସ୍ୱ ନିରିକ୍ଷକ ଓ ବାଲିଚନ୍ଦ୍ରପୁର ରାଜସ୍ୱ ନିରିକ୍ଷକଙ୍କୁ ତଦନ୍ତ ଭାର ଦେଇଥିଲେ। ଉଭୟ ଆର.ଆଇ କ୍ଷେତ୍ର ପରିଦର୍ଶନ କରି ଅଭିଯୋଗର ସତ୍ୟତା ଅଛି ବୋଲି ରିପୋର୍ଟ ପ୍ରଦାନ କରିଥିଲେ। ମାତ୍ର ତଦନ୍ତରେ କିଏ ଚୋରା ମୋରମ ଉତ୍ତୋଳନ କରୁଛି କାହାରି ନାମ ସ୍ଥାନ ପାଇନାହିଁ। ତହସିଲଦାରଙ୍କ ପକ୍ଷରୁ ଖଣିଉପନିର୍ଦ୍ଦେଶକେ ଯାଜପୁର ମେମୋ ନଂ-୫୫୯୬/୨୬.୧୨.୨୦୨୪ ଓ ଜିଲ୍ଲାପାଳ ଯାଜପୁର ମେମୋ ନଂ-୫୫୯୭/୨୬.୧୨.୨୦୨୪ ଆଧାରରେ ରିପୋର୍ଟ ପ୍ରଦାନ କରାଯାଇ ପଦକ୍ଷେପ ନେବା ପାଇଁ ସୁପାରିଶ କରାଯାଇଛି। ତେବେ ଦେଖିବାକୁ ବାକି ରହିଲା କେବେ ଉକ୍ତ ମୋରମ ଲୁଟେରାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉଛି।

## କବିତା ସଂକଳନ 'ଚୂନା ଚୁନା ସ୍ୱପ୍ନ' ଉନ୍ମୋଚିତ

**ବ୍ରହ୍ମପୁର, ୧୨ା୧ (ସଂଚାର ବ୍ୟୁରୋ):** ସ୍ଥାନୀୟ ଗୋଇକୁଣ୍ଡି ସ୍ଥିତ ଶ୍ରୀ ରାମ ମନ୍ଦିର ଠାରେ ବ୍ରହ୍ମପୁର ସାହିତ୍ୟ ପରିଷଦ ତରଫରୁ କବି ପ୍ରତିଭା ଦାଶଙ୍କ କବିତା ସଙ୍କଳନ "ଚୂନା ଚୂନା ସ୍ୱପ୍ନ " ଅତିଥି ମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଶିଶୁଗୌରବ ନିରଞ୍ଜନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କବି ପ୍ରତିଭା ଦାଶ ନିଜର ବକ୍ତବ୍ୟ ରେ କହିଥିଲେ ଜୀବନର ଘଟୁଥିବା ଘଟଣାକୁ ନେଇ ମୁଁ କବିତା ଲେଖୁଥାଏ ଓ ପାଠକ ମାନଙ୍କୁ ଅର୍ପଣ କରୁଥାଏ । ଏହି ଅବସରରେ ଇଂ ଯାମିନୀ କାନ୍ତ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିଭା ଦାଶ ଙ୍କ କବିତା ଅତ୍ୟନ୍ତ ଉଚ୍ଚ କୋଟିର ବୋଲି ଦର୍ଶାଇଥିଲେ । କବି ସୁଶାନ୍ତ ଦାଶଙ୍କ ସଂଚଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କବି ଗୌର ଚନ୍ଦ୍ର ଷଡଙ୍ଗୀ , ଭଗ୍ୟଲକ୍ଷ୍ମୀ ମହାରଣା ସମ୍ମାନିତ ଅତିଥି ଭାବେ ମଞ୍ଚ ମଣ୍ଡନ କରିଥିଲେ ।

ଯୁବକବି ଓ ନାଟ୍ୟକାର ଚିନ୍ମୟ ରଞ୍ଜନ ମିଶ୍ର ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇ "ଚୂନା ଚୂନା ସ୍ୱପ୍ନ " ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିସହ ନବ ବର୍ଷ କବିତା ଆସର ସଂଯୋଜିକା ସୁଚେତା ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ଏହି କବିତା




ପାଠରେ କବି ନନ୍ଦିନୀ ମହାରଣା ,ଦୀପ୍ତି ଲେଖା ମିଶ୍ର ,ସୁନୀଲ କୁମାର ପ୍ରଧାନ, ମିହିର ରଥ ଶର୍ମା, ସସ୍ମିତା ପାଣିଗ୍ରାହୀ, ସୁଧାଞ୍ଜଳି ମିଶ୍ର ,ମନୋଜ କୁମାର ପାଢ଼ୀ , ସ୍ୱର୍ଣ୍ଣମୟୀ ପାଢ଼ୀ, ଗଙ୍ଗାଧର ମହାକୁଡ଼ ,ସୁଧୀର କୁମାର ପଣ୍ଡା ,ମନ ମୋହନ ରଥ ,ସୁଶାନ୍ତ ପଟ୍ଟନାୟକ ,ତପନ ପଟ୍ଟନାୟକ , ସୋମନାଥ ସାହୁ ,ଭିକାରୀ ମହାପାତ୍ର ,ଜନତା କୁମାରୀ ସାହୁ ସହ ଅନେକ କବି ନିଜ ନିଜ ସ୍ୱରଚିତ କବିତା ପାଠ କରିଥିବା ବେଳେ ଏହି କାର୍ଯ୍ୟକ୍ରମକୁ ଶ୍ରୀଯୁକ୍ତ ପ୍ରଫୁଲ୍ଲ ତ୍ରିପାଠୀ, ଶ୍ରୀମତୀ ଦୀପ୍ତିମିତା ମହାପାତ୍ର ପରିଚାଳନା କରିଥିବା ବେଳେ ସମ୍ପାଦକ ବି ସତ୍ୟମ୍ ଆଚରି ଉପସଂହାର କରିଥିଲେ ।